

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୦ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 JULY 2023
Vol.No. 35 ■ No. 191 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନମାମୀ ଗଙ୍ଗା ପ୍ରକଳ୍ପ କାମ ବେଳେ ଅଘଟଣ: ଟ୍ରାନ୍ସଫର୍ମର ଫାଟି ୧୬ ମୃତ



ନୂଆଦିଲ୍ଲୀ,୧୯/୦୭ : ଉତ୍ତରାଖଣ୍ଡରେ ଟ୍ରାନ୍ସଫରମର ଫାଟିବା ଘଟଣାରେ ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧି ପାଇଛି । ଅଳକାନନ୍ଦା ନଦୀ କୂଳରେ ଚାଲିଥିବା 'ନମାମି ଗଙ୍ଗେ ପ୍ରକଳ୍ପ' ସାଇଟରେ ଗୋଟାଏ ବିଦ୍ୟୁତ୍ ଟ୍ରାନ୍ସଫରମର ବିସ୍ଫୋରଣ ଘଟିବାରୁ ପ୍ରଥମେ ୧୦ଜଣକର ମୃତ୍ୟୁ ଘଟିଥିବା ସୂଚନା ଆସିଥିବା ବେଳେ ଏବେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି । ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ଏହି ଘଟଣା ଘଟିଥିଲା । ଗାଁର ଲୋକମାନେ କରେଣ୍ଟ ଲାଗିବାରୁ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ହୋଇଥିବା ଖବର ପୁଲିସକୁ ଦେଇଥିଲେ । ଖବର ପାଇ ଯେତେବେଳେ ପୁଲିସ୍ କର୍ମଚାରୀ ଗ୍ରାମବାସୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ, ସେତେବେଳେ ଅନେକ ଲୋକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିବା ଜଣାପଡ଼ିଥିଲା । ତୁରନ୍ତୁ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲେ ବି ଏବେ ୧୬ଜଣକର ମୃତ୍ୟୁ ଘଟିଛି । ୧୬ଜଣଙ୍କ ମଧ୍ୟରେ ଜଣେ ପୁଲିସ ସବଇନ୍ସପେକ୍ଟର ଓ ୫ଜଣ ହୋମଗାର୍ଡ ଥିବା ଜଣାପଡ଼ିଛି । ତେବେ ଟ୍ରାନ୍ସଫରମର କାହିଁକି ଫାଟିଲା ଏହା ପଛର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି ପୁଲିସ । ଟ୍ରାନ୍ସଫରମର ବିସ୍ଫୋରଣ ଘଟିଥିବା ନିର୍ମାଣାଧୀନ ନମାମି ଗଙ୍ଗେ ସ୍ୱିରେଜ୍ ସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ରିଲିଫ୍ ଅଭିଯାନ ଆରମ୍ଭ କରିଛନ୍ତି । ସରକାରୀ ଅଧିକାରୀମାନଙ୍କ କହିବା ଅନୁସାରେ, ପ୍ରକଳ୍ପସ୍ଥଳର 'କେୟାରଟେକର'ଙ୍କୁ କରେଣ୍ଟ୍ ମାରିଥିଲା । ସେତେବେଳକୁ ଅଳକାନନ୍ଦା ନଦୀ କୂଳରେ ଲାଗିଥିବା ରେଲିଙ୍ଗ୍‌ରେ ବିଜୁଳି ପ୍ରବାହିତ ହେଉଥିଲା । ତେଣୁ, ଘଟଣାସ୍ଥଳରେ ପହଞ୍ଚିଥିବା ସ୍ଥାନୀୟ ଲୋକେ, ତାଙ୍କ (କେୟାରଟେକର) ପରିବାର ଲୋକଙ୍କୁ ମଧ୍ୟ ସେହି ରେଲିଙ୍ଗ୍‌ରୁ ବିଜୁଳି ଆଘାତ ଲାଗିଥିଲା ।

## ଲୁପ୍ ଲାଇନରେ ଟ୍ରେନ ପଶିଯିବା ଘଟଣା : ଷ୍ଟେସନମାଷ୍ଟର ଓ ପଏଣ୍ଟମ୍ୟାନ ନିଲମ୍ବିତ



ବାଲେଶ୍ୱର, ୧୯/୦୭ (ନି.ପ୍ର): ନୀଳଗିରି ରୋଡ଼ରେ ମେମୁ ଟ୍ରେନ ଦୁର୍ଘଟଣାରୁ ବର୍ତ୍ତିବା ଘଟଣା । ଷ୍ଟେସନମାଷ୍ଟର ଓ ପଏଣ୍ଟମ୍ୟାନଙ୍କୁ ନିଲମ୍ବନ କଲା ଖଡ଼ଗପୁର ରେଳ ଡିଭିଜନ । କାର୍ଯ୍ୟରେ ଅବହେଳା ପାଇଁ ୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଖଡ଼ଗପୁର ରେଳ ଡିଭିଜନର ସିନିୟର ଡିସିଏମ ଏନେଇ ସୂଚନା ଦେଇଛନ୍ତି । ବାସ୍ତବରେ ଗତକାଲି ବାଲେଶ୍ୱର ଜିଲ୍ଲା ବରୁଣସିଂ ନୀଳଗିରି ରୋଡ୍ ଷ୍ଟେସନ୍ ଡାଉନ୍ ଲାଇନ୍‌ରେ ଏକ ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା ଅଳ୍ପକେ ଟଳିଯାଇଥିଲା । ଦୁଇ ଲୋକୋ ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଭଦ୍ରକ-ବାଲେଶ୍ୱର ମେମୁରେ ଯାତ୍ରା କରୁଥିବା ଶତାଧିକ ଯାତ୍ରୀ ବର୍ତ୍ତିଯାଇଥିଲେ । ଇଣ୍ଟରଲକିଂ ଓ ସିଗ୍‌ନାଲ୍ ସିଷ୍ଟମ୍‌ରେ ତ୍ରୁଟି ପାଇଁ ବାହାନଗାରେ ଯେପରି ଦୁର୍ଘଟଣା ଘଟିଲା, ନୀଳଗିରି ରୋଡ୍ ଷ୍ଟେସନ୍‌ରେ ମଧ୍ୟ ସମାନ ତ୍ରୁଟି ଦେଖିବାକୁ ମିଳିଥିଲା । ଫଳରେ ଟ୍ରେନ୍‌ଟି ଲୁପ୍ ଲାଇନ୍‌କୁ ଚାଲିଯାଇଥିଲା । ଗତକାଲି ଭଦ୍ରକ-ବାଲେଶ୍ୱର ମେମୁ ଟ୍ରେନ୍ ▶▶ପୃଷ୍ଠା ୭

## ଆଗାମୀ ୨୪ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଆଗାମୀ ୨୪ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଲଘୁଚାପ କ୍ଷେତ୍ର ସମ୍ଭାବନା ରହିଛି ।

## ୫ ହଜାର ନୂଆ ଡାକ୍ତର ପଦବୀକୁ ମିଳିଲା ଅନୁମୋଦନ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ରାଜ୍ୟରେ ସୃଷ୍ଟିହେଲା ୫ ହଜାର ନୂଆ ଡାକ୍ତର ପଦବୀ । ନୂଆ ଡାକ୍ତର ପଦବୀକୁ ମଞ୍ଜୁର କରିଛନ୍ତି ରାଜ୍ୟପାଳ । ରାଜ୍ୟର ୩୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସପିଟାଲ ଓ ରାଉରକେଲା ଆଇଜିଏଚରେ ୬୮୯ଟି ନୂଆ ଡାକ୍ତର ପଦବୀ ସୃଷ୍ଟି କରାଯାଇଛି । ୩୨ଟି ଉପଖଣ୍ଡ ଚିକିତ୍ସାଳୟରେ ୪୮୦ ଜଣ ଡାକ୍ତର ନିଯୁକ୍ତ ହେବେ । ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୭୫୦ ଡାକ୍ତର ନିଯୁକ୍ତ ହେବେ । ପ୍ରତି ସିଏଚସିରେ ୧୦ଟି ଲେଖାଏ ଡାକ୍ତର ପଦବୀ ସୃଷ୍ଟି କରାଯାଇଛି । ସେହିପରି ରାଜ୍ୟର ୭ଟି ସହରାଂଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୮୧ଟି ଡାକ୍ତର ପଦବୀ ସୃଷ୍ଟି ହୋଇଛି । ଭୁବନେଶ୍ୱରର ୪ଟି ଓ ସୁନ୍ଦରଗଡ଼ର ଗୋଟିଏ ୟୁସିଏଚସି ପାଇଁ ୧୩ ଟି ଲେଖାଏଁ ମୋଟ ୬୫ଟି ପଦବୀ ସୃଷ୍ଟି ହୋଇଥିବାବେଳେ କଟକର ସିଡିଏ, ଚାଉଳିଆଗଞ୍ଜରେ ୮ଟି ଲେଖାଏ ମୋଟ ୧୬ଟି ପଦବୀ ସୃଷ୍ଟି କରାଯାଇଛି ।

## ଭିଜିଲାନ୍ସ ଜାଲରେ ଚାନ୍ଦିପୁର ଥାନା ଆଇଆଇସି ଓ ଏଏସଆଇ




ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଲାଂଚ ନେଇ ଭିଜିଲାନ୍ସ ଜାଲରେ ପଡିଛନ୍ତି ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଆଇଆଇସି ଓ ଏଏସଆଇ । ସେମାନେ ହେଲେ ଚାନ୍ଦିପୁର ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଓ ଏଏସଆଇ ପ୍ରଦୀପ କୁମାର ମହାନ୍ତି । ଜଣେ ଲାଇସେନ୍ସଧାରୀ ମଦ ବ୍ୟବସାୟୀଙ୍କଠାରୁ ମାସିକିଆ ବଟି ବାବଦରେ ୫୦ ହଜାର ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ କାବୁ କରିଥିଲେ । ବେପାର ବନ୍ଦ କରିଦେବାକ ଧମକ ଦେଇ ଉଭୟ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେଉଥିଲେ । ଭିଜିଲାନ୍ସ ଅଧିକାରୀମାନେ ଏଏସଆଇ ବଳି ମହାନ୍ତିଙ୍କ ଠାରୁ ଲାଂଚ ଟଙ୍କା ଉଦ୍ଧାର କରିଥିଲେ । ଅନ୍ୟପକ୍ଷରେ ଆୟ ବର୍ହିଭୁତ ସମ୍ପତି ଠୁଳ ମାମଲାରେ ଉଭୟ ଶ୍ରୀ ପ୍ରଧାନ ଓ ଶ୍ରୀ ମହାନ୍ତିଙ୍କ ୬ ଟି ଠିକଣା ଉପରେ ଭିଜିଲାନ୍ସ ଚଢାଉ କରାଯାଇଛି ।

## ମୁକ୍ଳା ଡ୍ରେନ୍‌ରେ ପଡ଼ି ସଫେଇ କର୍ମଚାରୀଙ୍କ ମୃତ୍ୟୁ

କଟକ, ୧୯/୦୭ (ନି.ପ୍ର): କଟକରେ ମୁକୁଳା ଡ୍ରେନରେ ପଡି ପୁଣି ଜଣଙ୍କର ଜୀବନ ଗଲା । କାମ କରୁଥିବା ବେଳେ ଗୋଡ଼ ଖସି ଯିବାରୁ ନର୍ଦ୍ଦମା ପାଣିରେ ବୁଡ଼ି ସଫେଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ମୃତକଙ୍କ ପରିବାରକୁ କ୍ଷତିପୂଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଜାଇକା କାର୍ଯ୍ୟରେ ନିୟୋଜିତ ସଫେଇ କର୍ମଚାରୀ ପି.ନରସିଂହା ଓ ଅନ୍ୟ ଜଣେ ବାରପଥର ଅଞ୍ଚଳରେ ଥିବା ବକ୍ସ ଡ୍ରେନରେ ସଫେଇ କରୁଥିଲେ । ସେତେବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା । ସେ ଡ୍ରେନ୍‌ରେ ଗଳି ପଡ଼ିଥିଲେ । ଡ୍ରେନ୍‌ରେ ଥିବା ନର୍ଦ୍ଦମା ପାଣିରେ ବୁଡ଼ି ଯାଇଥିଲେ । ଡ୍ରେନ୍‌ରେ ପଙ୍କ ଥିବାରୁ ନରସିଂହା ବାହାରି ପାରିନଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ମାତ୍ର ବାହାର କରିପାରିନଥିଲେ । ସେହିଠାରେ ତାଙ୍କର ମୃତ୍ୟୁ ଘଟିଥିଲା । କମିଶନରେଟ୍ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲ୍‌କୁ ପଠାଇ ଦେଇଛି । ▶▶ପୃଷ୍ଠା ୭

## 'ମୋ ଘର' ଯୋଜନା ଫେଲ୍ ୨ ଲକ୍ଷ ଛୁଇଁଲାନି ଆବେଦନ: ବ୍ୟାଙ୍କ ଦେଉନାହାନ୍ତି ଋଣ



ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗ୍ରାମାଂଚଳ ଭୋଟରଙ୍କୁ ଆକୃଷ୍ଟ ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା 'ମୋ ଘର' ଯୋଜନା ଫେଲ୍ ମାରିଛି । ମାସେ ପରେ ବି ଏହି ଗ୍ରାମୀଣ ବାସଗୃହ ଯୋଜନାରେ ଘରଟିଏ ନିର୍ମାଣ କରିବାକୁ ସାଧାରଣ ଗରିବ ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇନି । ▶▶ପୃଷ୍ଠା ୭

## ଗ୍ୟାଙ୍ଗଷ୍ଟର ଟିଟୋର ପୂର୍ବ ସହଯୋଗୀକୁ ମିଳିଲା ବିଜେଡିର ଜିଲ୍ଲା ଉପସଭାପତି ଦାୟିତ୍ୱ: ଟାର୍ଗେଟ କଲେ ପାରାଦ୍ୱୀପ ବିଧାୟକ

ଜଗତସିଂହପୁର, ୧୯/୦୭ (ନି.ପ୍ର): ଗ୍ୟାଙ୍ଗଷ୍ଟର ଟିଟୋର ପୂର୍ବ ସହଯୋଗୀକୁ ମିଳିଲା ବିଜେଡିର ଜିଲ୍ଲା ଉପସଭାପତି ଦାୟିତ୍ୱ । ଆଉ ଏହାକୁ ନେଇ ଏବେ ବିଜେଡିରେ ଦ୍ୱନ୍ଦ ଦେଖାଦେଇଛି । ଜଗତସିଂହପୁର ଜିଲ୍ଲା ଉପ ସଭାପତି ଭାବେ ଟିଟୋର ସହଯୋଗୀ ବା ଅତି ଘନିଷ୍ଠ ଜ୍ୟୋତିକାନ୍ତ ପରିଡ଼ା ଓରଫ ବାପୁ ପରିଡ଼ାଙ୍କୁ ଦାୟିତ୍ୱ ମିଳିବା ପରେ ପାରାଦ୍ୱୀପ ବିଜେଡିରେ ବିବାଦ ବଢିଛି । ୨୦୧୮ ମସିହାରେ ଟିଟୋ ଲିଙ୍କରେ ବାପୁ ପରିଡ଼ା ଏସଟିଏଫ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲା । ହତ୍ୟା, ଦାଦା ବଟି, ଗୁଳିକାଣ୍ଡ, ଅପହରଣ ଓ ଧମକଚମକ ଭଳି ୨୮ଟି ମାମଲାରେ ବାପୁର ସମ୍ପୃକ୍ତି ଥିବା ଏସଟିଏଫ ସେବେ ପ୍ରମାଣ ପାଇଥିଲା । ଆଉ ଏବେ ସେହି ବାପୁ ପରିଡା ବା ଜ୍ୟୋତିକାନ୍ତ ପରିଡ଼ାକୁ ଜଗତସିଂହପୁର ଜିଲ୍ଲା ବିଜେଡି ଉପ ସଭାପତି ପଦ ମିଳିବା ପରେ ବିବାଦ ବଢିଛି । ତେବେ ଏ ନେଇ ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି ମୁଁ ବାପୁ ନାଁ ସୁପାରିଶ କରିନଥିଲି । କେମିତି ତା ନାଁ ଲିଷ୍ଟରେ ଆସିଲା ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୋ ବିନା ପରାମର୍ଶରେ ଅପରାଧିକ ମାମଲା ଥିବା ବାପୁକୁ ଦଳୀୟ ସଂଗଠନରେ ସାମିଲ କରାଯାଇଛି । ପୂର୍ବତନ ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ ଏଥିପାଇଁ ଦାୟୀ କରିଛନ୍ତି ସ୍ଥାନୀୟ ବିଜେଡି ବିଧାୟକ ସମ୍ବିତ ରାଉତରାୟ । ଅନ୍ୟପଟେ ସମ୍ବିତ ରାଉତରାୟଙ୍କ ଅଭିଯୋଗର ଜବାବ ରଖି ସରକାରୀ ଦଳ ମୁଖ୍ୟ ସଚେତକ ▶▶ପୃଷ୍ଠା ୭

## ପ୍ରକାଶ ପାଇଲା ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା




ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଯୁକ୍ତ ଦୁଇ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୭୦ ହଜାର ୧୦୫ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । କଳାରେ ୪୯ ହଜାର ୭୦ ଜଣ, ବାଣିଜ୍ୟରେ ୩ ହଜାର ୧ ଶହ ୮୨ ଜଣ ଓ ବିଜ୍ଞାନରେ ୧୬ ହଜାର ୯ଶହ ୨୭ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ସେହିପରି ସଂସ୍କୃତରେ ୩୫୩ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫୭୩ ଜଣ ଛାତ୍ରଛାତ୍ରୀ ମନୋନୟନ ହୋଇଛନ୍ତି । ପ୍ରଥମ ମେଧା ତାଲିକାରେ ଖାଲି ପଡ଼ିଥିବା ସିଟ୍ ପୂରଣ ପାଇଁ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ କଟଅଫ୍‌ରେ ୪ ଲକ୍ଷ ୧୨ ହଜାର ୩୬୮ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିଲେ । ଏହା ପରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ପାଇଥିବା ଇଣ୍ଟିମେଶନ ଅନୁଯାୟୀ ନିଜ ନିଜ କଲେଜରେ ନାମ ଲେଖାଇଥିଲେ । ଆଜି ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇଛି । ଜୁଲାଇ ୨୦ ରୁ ୨୨ ହେବ ଦ୍ୱିତୀୟ ପର୍ଯ୍ୟାୟ ଚାଲିବ ନାମଲେଖା ।

## ଅନୁପ୍ରବେଶକାରୀଙ୍କ ଉଦ୍ୟମ ବିଫଳ: ଦୁଇ ଆତଙ୍କବାଦୀ ନିହତ

କୁପଓ୍ୱାଡା,୧୯/୦୭ : ବୁଧବାର ଦିନ କୁପଓ୍ୱାଡା ଜିଲ୍ଲାର ମାଛିଲ ସେକ୍ଟରରେ ସୁରକ୍ଷା ବାହିନୀ ମାନଙ୍କ ଦ୍ୱାରା ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିବାବେଳେ ଅନୁପ୍ରବେଶ ଉଦ୍ୟମ ବିଫଳ ହୋଇଛି । ସେନା ଅଧିକାରୀ କହିଛନ୍ତି ଯେ ଦୁଇ ଆତଙ୍କବାଦୀ ମାଛିଲ ସେକ୍ଟରରେ ନିୟନ୍ତ୍ରଣ ରେଖାକୁ ପାର କରି ଭାରତୀୟ ସିମା ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ଭାରତୀୟ ସେନା, ବିଏସଏଫ ଏବଂ ଜାମ୍ମୁ କାଶ୍ମୀର ପୋଲିସର ମିଳିତ ଅପରେସନରେ ସୀମା ପାର ହେଉଥିବା ଦୁଇ ଆତଙ୍କବାଦୀଙ୍କର ମୃତ୍ୟୁ ଘଟିଛି । ନିହତ ଅନୁପ୍ରବେଶକାରୀଙ୍କଠାରୁ ସୁରକ୍ଷା ବାହିନୀ ଏକେ ୪୦ ରାଇଫଲ, ୬ ହ୍ୟାଣ୍ଡ ଗ୍ରେନେଡ ଏବଂ ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀ ଉଦ୍ଧାର କରିଛି । ବର୍ତମାନ, ଅନ୍ୟ ସହଯୋଗୀମାନେ ନିକଟସ୍ଥ ସ୍ଥାନରେ ଲୁଚି ରହିଥିବାର ଆଶଙ୍କା ଥିବାରୁ ସୁରକ୍ଷା ବାହିନୀ ସେମାନଙ୍କ କାର୍ଯ୍ୟ ଜାରି ରଖିଛନ୍ତି ।

## ବିରୋଧୀ ମେଣ୍ଟର 'ଇଣ୍ଡିଆ' ନାମକୁ ନେଇ ତେଜିଲା ରାଜନୀତି



ନୂଆଦିଲ୍ଲୀ,୧୯/୦୭ : ୨୦୨୪ ଲୋକସଭା ନିର୍ବାଚନରେ ୨୬ ବିରୋଧୀ ଦଳ ଗୋଟିଏ ମେଣ୍ଟରେ ଲଢ଼ିବେ । ଏହି ବିରୋଧୀ ମେଣ୍ଟର ନାଁ ରଖାଯାଇଛି 'ଇଣ୍ଡିଆ'- 'ଇଣ୍ଡିଆନ ନେସ୍‌ନାଲ ଡେଭଲପମେଣ୍ଟାଲ ଇନକ୍ଲୁଜିଭ ଆଲିଆନ୍ସ' (ଭାରତୀୟ ରାଷ୍ଟ୍ରୀୟ ବିକାଶଶୀଳ ସମ୍ମିଳିତ ମେଣ୍ଟ) । ତେବେ ମେଣ୍ଟର 'ଇଣ୍ଡିଆ' ନାମକୁ ନେଇ ଜୋରଦାର ରାଜନୀତି ଆରମ୍ଭ ହୋଇଯାଇଛି । ବିରୋଧୀ ଦଳମାନେ ଏହାକୁ 'ଟିମ୍ ଇଣ୍ଡିଆ' କହୁଥିବା ବେଳେ ବିଜେପି ନେତାମାନେ ଏହା ବିରୋଧୀ ଦଳଙ୍କ ଦେବାଳିଆ ମାନସିକତା ବୋଲି କହିଛନ୍ତି । ବିରୋଧୀ ମେଣ୍ଟର ନାଁକୁ ଟାର୍ଗେଟ୍ କରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି,'ବ୍ରିଟିଶ ଶାସକ ଆମର ନାଁ ଇଣ୍ଡିଆ ରଖିଥିଲେ ଏବଂ କଂଗ୍ରେସ ଏହାକୁ ଠିକ୍ ବୋଲି ଗ୍ରହଣ କରିଥିଲା । ଆମକୁ ଏହି ଔପନିବେଶବାଦ ମାନସିକତାରୁ ନିଜକୁ ମୁକ୍ତ କରିବାକୁ ପଡ଼ିବ । ଆମର ପୂର୍ବଜମାନେ ଭାରତ ପାଇଁ ଲଢୁଥିଲେ ଏବଂ ଆମେ ବି ଏହି ଲଢ଼େଇ ଜାରି ରଖିବୁ । 'ଇଣ୍ଡିଆ'କୁ ବିଦେଶରେ ଲଗାତାର ବଦନାମ କରିଚାଲିଥିବା ବିରୋଧୀ ଦଳ ନେତାମାନେ ଏବେ 'ଇଣ୍ଡିଆ' ନାମର ସାହାରା ନେବାକୁ ଚାହୁଁଛନ୍ତି । 'ଇଣ୍ଡିଆ ମେଣ୍ଟ'ରେ 'ଡି' ନାମକୁ ନେଇ ନିଜେ ବିରୋଧୀ ନେତାମାନେ ଦ୍ୱନ୍ଦ୍ୱରେ ରହିଛନ୍ତି ବୋଲି ଶର୍ମା କହିଛନ୍ତି । ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳ ନେତାମାନେ 'ଇଣ୍ଡିଆ'ର ଅର୍ଥକୁ ଭିନ୍ନ ଭିନ୍ନ ଭାବେ ଲେଖିଛନ୍ତି । କଂଗ୍ରେସ 'ଇଣ୍ଡିଆ'ରେ ଡି କୁ 'ଡେଭଲପମେଣ୍ଟାଲ୍' କହିଛି । ଅନ୍ୟପକ୍ଷେ ଶରଦ ପାଓ୍ୱାର 'ଡି' ର ଅର୍ଥ 'ଡେମୋକ୍ରାସି' ଲେଖିଛନ୍ତି । ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବୀୟ କହିଛନ୍ତି, ଡି ଅର୍ଥ ଡିମୋକ୍ରାଟିକ୍ ନା ଡେଭଲପମେଣ୍ଟାଲ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି । ଯେଉଁମାନେ ଗୋଟିଏ ଶବ୍ଦକୁ ▶▶ପୃଷ୍ଠା ୭

# ଗୌଡ଼ଗୁଡା ଗ୍ରାମ ପଂଚାୟତରେ ବିଜୁ ଜନତା ଦଳର ସମସ୍ତ ୱାର୍ଡ ଓ ବୁଥ୍ କମିଟି ଗଠନ କାର୍ଯ୍ୟକ୍ରମ

ମାଲକାନଗିରି, ୧୯/୦୭ (ନି.ପ୍ର): ମାଲକାନଗିରି ନିର୍ବାଚନ ମଣ୍ଡଳୀ ସଦର ବ୍ଲକ ପଦ୍ମଗିରି ଜ଼ିଲ୍ଲା ପରିଷଦ ଜୋନ୍ ୧୩ ର ସିନ୍ଦ୍ରିମାଲ ଗ୍ରାମ ପଂଚାୟତ ଓ ଗୌଡ଼ଗୁଡା ଗ୍ରାମ ପଂଚାୟତ ର ପ୍ରତ୍ୟେକ ୱାର୍ଡ଼ ଏବଂ ବୁଥ୍ ର ତୃଣମୂଳ ସ୍ତରରେ ପହଂଚି ବୁଥ ଓ ୱାର୍ଡ଼ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଂଚାଇବା ସହ ବିଜୁ ଜନତା ଦଳର ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଧାୟକ ଯାଜପୁର ତଥା ରାଜ୍ୟ ସାଙ୍ଗଠାନିକ ସମ୍ପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ (ବବି ଭାଇ ) ଙ୍କ ଆହ୍ୱନ କ୍ରମେ ମାଲକାନଗିରି ଜିଲ୍ଲା ଜନ ପ୍ରିୟ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଙ୍କ ନେତୃତ୍ୱରେ ସଦର ବ୍ଲକ ପଦ୍ମଗିରି ଜ଼ିଲ୍ଲା ପରିଷଦ ଜୋନ୍ '୧୩' ର ସିନ୍ଦ୍ରିମାଲ ଗ୍ରାମ ପଂଚାୟତ ୨୧ ଟି ୱାର୍ଡ ଏବଂ ୭ ବୁଥ୍ ଓ ଗୌଡ଼ଗୁଡା ଗ୍ରାମ ପଂଚାୟତ ର ୧୩ ଟି ୱାର୍ଡ ଏବଂ ୬ ଟି ବୁଥ୍ ରେ କମ୍ପିଟି ଗଠନ ସମ୍ପୂର୍ଣ୍ଣ ହୋଇଯାଇଛି । ଆଜିର ବୈଠକରେ ପୁର୍ବତନ ବିଧାୟକ ମାନସ ମାଡକାମୀ ଓଡ଼ିଶା ଗ୍ରାମାଂଚଳରେ ଥିବା ପୂଜାସ୍ଥଳ ତଥା ଅନ୍ୟାନ୍ୟ ଐତିହାସିକ ଗୁରୁତ୍ୱ ଥିବା ସ୍ଥାନର ବିକାଶ ସହ ଡିଜିଟାଲ ଭିତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଛନ୍ତି ନୂଆ ଯୋଜନା 'ଆମ ଓଡ଼ିଶା ନବୀନ ଓଡିଶା ବୋଲି ସମସ୍ତ ୱାର୍ଡ କମ୍ପିଟି ଓ ବୁଥ୍ କମ୍ପିଟି ର ବିଜେଡି ସକ୍ରିୟ କର୍ମକର୍ତାଙ୍କୁ ଜଣାଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ମାଲକାନଗିରି ପର୍ଯ୍ୟବେକ୍ଷକ ଦଶରଥ ମହୋନ୍ତ ଯୋଗ ଦେଇ ସମସ୍ତ ୱାର୍ଡ କମ୍ପିଟି ଓ ବୁଥ୍ କମ୍ପିଟି ର ସକ୍ରିୟ କର୍ମକାର୍ତାଙ୍କୁ ନେଇ ଦଳୀୟ ସଂଗଠନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ଯୋଜନା ଆମ ଓଡ଼ିଶା ନବୀନ ଓଡିଶା ର ପ୍ରତ୍ୟେକ ପଂଚାୟତ ରେ ୫୦ ଲକ୍ଷ ର ଅନୁଦାନ ଉପରେ ବିଶେଷ ଆଲୋଚନା କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଜୋନ୍ ସଂଯୋଜକ ଗୋପୀ ପାଙ୍ଗି ,ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ, ସାଂସଦ ପ୍ରତିନିଧି ବି. କାମେଶ୍ୱର ରାଓ ,ବ୍ଲକ ସଭାପତି ବିଭାନସୁ ସାମଲ ,ପୁର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ନାୟକ ,ସିନ୍ଦ୍ରିମାଲ ସରପଂଚ ଘାସି ନାୟକ ,ବରିଷ୍ଠ ସାମ୍ବାଦିକ ଅସୀମ ବିଶ୍ୱାସ, ଯୁବ ନେତା ସଦାନନ୍ଦ ଖରା, ମାଲକାନଗିରି ପୌର ପରିଷଦ ପୁର୍ବତନ କାଉନସିଲର ସୁକଦେ୍ୱ ବୈରାଗୀ ଓ ବିଜେଡି ସକ୍ରିୟ କର୍ମୀ କେ ରାହୁଲ ପ୍ରମୁଖଙ୍କ ସହ ସିନ୍ଦ୍ରିମାଲ ଓ ଗୌଡ଼ ଗୁଡା ଗ୍ରାମ ପଂଚାୟତର ସମସ୍ତ ବିଜେଡି କର୍ମକର୍ତା ଉପସ୍ଥିତ ଥିଲେ ।

# ବିଦ୍ୟାଳୟରେ ଆରମ୍ଭ ହେଲା ହାଉସ ସିଷ୍ଟମ

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ 'ହାଉସ ସିଷ୍ଟମ' ଅନୁସାରେ ଏହି ରଙ୍ଗିନ ପୋଷାକ ବ୍ୟବସ୍ଥା କରାଯାଇଛି । ଲାଲ୍, ହଳଦିଆ, ସବୁଜ ଓ ନୀଳ ୟୁନିଫର୍ମରେ ଛାତ୍ରଛାତ୍ରୀମାନେ ନୂଆ ରୂପରେ ସଜେଇ ହୋଇଛନ୍ତି । ପିଲାମାନଙ୍କୁ ଶାରୀରିକ ଓ ମାନସିକ ଭାବରେ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ନୂତନ ପ୍ରୟାସ 'ହାଉସ ସିଷ୍ଟମ' ଆରମ୍ଭ କରିଛି । 'ହାଉସ ସିଷ୍ଟମ' ଅନୁସାରେ, ପ୍ରତି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦଳଗତ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଉଛି । ଅନ୍ତର୍ନିହିତ ଗୁଣର ବିକାଶ, ସମସ୍ୟାର ସମାଧାନ କରିବା, ପାରସ୍ପରିକ ସମ୍ପର୍କ, ସୃଜନଶୀଳ ଚିନ୍ତାଧାରା, ସହାନୁଭୂତି ମନୋଭାବ, ଦଳଗତ କାର୍ଯ୍ୟ, ସହଯୋଗ ମନୋବୃତି, ନିଷ୍ପତି ନେବାର କ୍ଷମତା, ସମାଲୋଚନାତ୍ମକ ଚିନ୍ତାଧାରା, କର୍ତବ୍ୟପରାୟଣତା, ଆତ୍ମସଚେତନତା, ଆତ୍ମବିଶ୍ୱାସ ବୃଦ୍ଧି, ବିଫଳତାରୁ ଶିକ୍ଷାଲାଭ କରିବାର କ୍ଷମତା- ଆଦି ବିଭିନ୍ନ ମୌଳିକ ଗୁଣକୁ ବିକାଶ କରିବାରେ 'ହାଉସ ସିଷ୍ଟମ' ସହାୟକ ହେବ । 'ହାଉସ ସିଷ୍ଟମ' ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଲାଗୁ ହୋଇଛି । ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟଗୁଡିକରେ ୪ଟି ହାଉସ ଗଠନ କରାଯାଉଛି । ପ୍ରତି ଶ୍ରେଣୀର ଛାତ୍ରଛାତ୍ରୀ, ପ୍ରତିଭା ଏବଂ ଲିଙ୍ଗଗତ ସାମଂଜସ୍ୟକୁ ଦୃଷ୍ଟିରେ ରଖି ସମାନୁପାତରେ ୪ଟି ଦଳ ଗଠନ କରାଯାଉଛି । ୧୦୦ରୁ କମ୍ ଥିବା ବିଦ୍ୟାଳୟରେ ଦୁଇଟି ହାଉସ ବା ଦଳ ଗଠନ କରାଯାଉଛି । ପ୍ରତି ହାଉସକୁ ବିଦ୍ୟାଳୟ ପକ୍ଷରୁ ନାମକରଣ କରାଯାଉଛି । ପ୍ରାକୃତିକ ସମ୍ପଦ- ନଦୀ, ପର୍ବତ, ଗଛ, ପକ୍ଷୀ, ଫୁଲଗୁଡିକର ନାମକୁ ବ୍ୟବହାର କରାଯାଉଛି । ପାଠପଢ଼ା, ନେତୃତ୍ୱ ନେବାର କଳା, ବିଭିନ୍ନ କାର୍ଯ୍ୟକଳାପରେ ଦକ୍ଷ ଥିବା ଜଣେ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ହାଉସର ଅଧିନାୟକ(କ୍ୟାପଟେନ୍) ଭାବେ ମନୋନୀତ କରୁଛନ୍ତି । ଆଉ ଜଣେ ଉପଅଧିନାୟକ ଓ ଜଣେ ହାଉସ ପ୍ରତିନିଧି ଭାବେ ମଧ ମନୋନୀତ ହେଉଛନ୍ତି । ପ୍ରତି ସପ୍ତାହରେ ଗୋଟିଏ ପିରିୟଡରେ ହାଉସର ବୈଠକ ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି । ବୈଠକରେ ବିଭିନ୍ନ କାର୍ଯ୍ୟର ଯୋଜନା, କ୍ରିୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯାଉଛି । ପ୍ରତି ହାଉସ ପାଇଁ ଜଣେ ଶିକ୍ଷକଙ୍କୁ ହାଉସ ମାଷ୍ଟର ଭାବେ ପ୍ରଧାନ ଶିକ୍ଷକ ନିୟୋଜିତ କରିଛନ୍ତି । ହାଉସ ମାଷ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିନାୟକ କାର୍ଯ୍ୟକରୁଛନ୍ତି । ପ୍ରତି ବର୍ଷ ଭଲ କାମ କରିଥିବା ହାଉସକୁ 'ହାଉସ ଅଫ୍ ଦ ଇୟର'ର ଭାବେ ପୁରସ୍କୃତ କରାଯିବ । ପ୍ରତି ହାଉସ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ ଦିବସ ପାଳନ କରିବା, ଏହି ଅବସରରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପୋଷ୍ଟର ତିଆରି କରିବା, ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବୃକ୍ଷରୋପଣ, ପୁଷ୍ପବାଟିକା ଦାୟିତ୍ୱ ନେବା, ବିଦ୍ୟାଳୟର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା, ପ୍ରାର୍ଥନା ସଭାରେ ସମାଚାର ଉପସ୍ଥାପନା କରିବା, ପର୍ବପର୍ବାଣିରେ ଲୋକନୃତ୍ୟ, ଲୋକକଳା, ନାଟକ ପରିବେଷଣ କରିବା, ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା, ପ୍ରବନ୍ଧ ରଚନା, ପୁସ୍ତକ ସମୀକ୍ଷା ଆଦି ବିଭିନ୍ନ କାର୍ଯ୍ୟକଳାପ ମାଧମରେ ଶିକ୍ଷାଦାନ କରିବା ଦିଗରେ 'ହାଉସ ସିଷ୍ଟମ' କାର୍ଯ୍ୟ କରୁଛି ।

# ପହିଲି ବର୍ଷାରେ ବଲାଙ୍ଗୀର ସହର ଜଳମଗ୍ନ : ବନ୍ୟା ଭଳି ପରିସ୍ଥିତି

ବଲାଙ୍ଗିର, ୧୯/୦୭ (ନି.ପ୍ର): ରାଜ୍ୟର ସର୍ବ ପୁରାତନ ସହର ମଧ୍ୟରେ ବଲାଙ୍ଗୀର ଅନ୍ୟତମ। ଚେସ୍ ବୋର୍ଡ ର ସହର ଭାବରେ ବେଶ୍ ପରିଚିତ। କିନ୍ତୁ ଅସରାଏ ବଡ ବର୍ଷା ହେଲେ ସହରରେ ବହୁ ସ୍ଥାନରେ ଜଳମଗ୍ନ ହୋଇ ଯାଇଥାଏ। ଗତକାଲି ଘଡିଘଡି ସହ ଲଗାଣ ବର୍ଷା ଦିନ ରାତି ହେବା ଦ୍ୱାରା ଏକ କୃତ୍ରିମ ବନ୍ୟା ସହରର ବିଭିନ୍ନ ସ୍ଥାନରେ ଦେଖା ଯାଇଥିଲା। ବହୁ ସ୍ଥାନରେ ଲୋକେ ଜଳବନ୍ଦି ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ। ବହୁ ବର୍ଷ ପୂର୍ବରୁ ପୌରାଂଚଳରେ ଦୋକାନୀ ମାନେ ଓ କିଛି ଅସାଧୁ ବ୍ୟକ୍ତି ଜଳ ନିଷ୍କାସନ ହେବା ସ୍ଥାନ ମାନଙ୍କରେ ମାଡି ବସିଛନ୍ତି। ଯାହା ଦ୍ୱାରା କିଛି ସମୟ ବର୍ଷା ହେଲେ ଲୋକେ ହଇରାଣ ହେଉଛନ୍ତି। ସମୟ ସୀମା ମଧ୍ୟରେ କେତେକ ବିକାଶ କାମ ସମାପ୍ତ ନ ହେବା ଦ୍ୱାରା ଆଜି ପୌରପରିଷଦ ଏକ ପ୍ରକାର ଦଣ୍ଡ ଭୋଗୁଛି। ଯେମିତି ରୁଗୁଡିପଡା ଓ ସାଗରପଡାକୁ ସଂଯୋଗ କରୁଥିବା ପୋଲର ଉଦାହରଣ ନିଆଯାଇ ପାରେ। ପୋଲ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେବା ବିଳମ୍ବ ହେବା ଯୋଗୁଁ ସେଠାକାର ପ୍ରାୟ ୨୦ ପରିବାରଙ୍କ ଘର ଭିତରରେ ପାଣି ଜମା ହୋଇଗଲା। ଯାହାଦ୍ୱାରା ବଲାଙ୍ଗୀର ପୌରପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ ରାତ୍ରି ୨ ଟା ୨୦ ମିନିଟ୍ ରେ ସେହି ସ୍ଥାନକୁ ଯାଇ ଜେସିବି ଓ ଅଗ୍ନିଶମ ବାହିନୀ ସହାୟତାରେ ଜଳ ନିଷ୍କାସନ କରିବା ସହ ରାତ୍ରି ଯାକ ଉଜାଗର ରହି ସହରର ବିଭିନ୍ନ ସ୍ଥାନକୁ ଯାଇ ଯୁଦ୍ଧକାଳିନ ଭିତରେ ଜଳବନ୍ଦି ଲୋକଙ୍କୁ ସହାୟତାର ହାତ ବଢାଇଥିଲେ। ଧାରା ଶ୍ରାବଣ ପୂର୍ବରୁ ଯଦି ସହରରେ ରହିଥିବା ବିଭିନ୍ନ ନାଳ ନର୍ଦମା ସଫେଇ କାର୍ଯ୍ୟ ସମାପନ କରିଥାନ୍ତେ ତ ଏ ଦୁର୍ଦ୍ଦଶା ସହର ବାସିଙ୍କୁ ଭୋଗିବାକୁ ପଡିନଥାନ୍ତା। ଅଧକ୍ଷା ମହାଶୟା ମଧ୍ୟ ରାତି ଉଜାଗର ରହି ନ ଥାନ୍ତେ। ଅନ୍ୟପଟରେ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ପ୍ରବେଶ ଦ୍ୱାରରେ ପୂର୍ବରୁ ଗଡି ଯାଉଥିବା ବର୍ଷା ପାଣି ଜାତୀୟ ରାଜପଥ ବିଭାଗ ଦ୍ୱାରା ରାସ୍ତା ପ୍ରଶସ୍ତ ଉଚ୍ଚ କରି ନିର୍ମାଣ କରିଥିଲେ ମଧ୍ୟ ଡ୍ରେନ ବ୍ୟବସ୍ଥା ନଥିବାରୁ ଗୋଟିଏ ହ୍ରଦ ଭଳି ସାମାନ୍ୟ ବର୍ଷାରେ ପାଣି ଜମା ହୋଇ ରହୁଥିବା ଯୋଗୁଁ ଯାନବାହନ ଓ ସାଧାରଣ ଚଳପ୍ରଚଳ ପାଇଁ ଅସୁବିଧା ସୃଷ୍ଟି ହେଉଛି। ରାସ୍ତା ନିର୍ମାଣ ବେଳେ ଏହି ଗର୍ତ ଭଳି ସ୍ଥାନକୁ ପିଚୁ ଚିପ୍ସ ଦେଇ ବନ୍ଦ କରିଥିଲେ ଅସୁବିଧା ହୋଇ ନ ଥାନ୍ତା।

# କେନ୍ଦ୍ରଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

କନ୍ଧମାଳ , ୧୯/୦୭ (ନି.ପ୍ର): କେନ୍ଦ୍ରଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ତିନିଦିନିଆ କନ୍ଧମାଳ ଗସ୍ତରେ ଆସିଥିବା ବେଳେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଫୁଲବାଣୀ ସର୍କିଟ ହାଉସଠାରେ ମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତିନୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିବାକୁ କନ୍ଧମାଳ ଗସ୍ତରେ ଆସିଛନ୍ତି। ଏହି ଅବସରରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜିଲାର ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା ।କନ୍ଧମାଳକୁ ବ୍ରହ୍ମପୁର ସମ୍ବଲପୁର ରେଳ ସଂଯୋଗ, ଫୁଲବାଣୀ ସହରକୁ ମେଗା ଜଳପ୍ରକଳ୍ପ ସଂଯୋଗ, ବରିଷ୍ଠ ନାଗରିକଙ୍କୁ ରେଳ ପାସ୍ ପ୍ରଦାନ, ଜିଲାରେ ରୋହିଙ୍ଗିଆ ମାନଙ୍କୁ ଚିହ୍ନଟ ଓ ତାର ପ୍ରତିକାର, ବରିଷ୍ଠ ନାଗରିକ ଙ୍କ ଅବସରର ବିନୋଦନ କେନ୍ଦ୍ର ନିମନ୍ତେ ସ୍ୱତନ୍ତ୍ର ଅନୁଦାନ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ, ଏକ କେନ୍ଦ୍ରୀୟ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ କେନ୍ଦ୍ରୀୟ ଅନୁଦାନରେ ନଦୀପଠା ଉନ୍ନୟନ ଓ ନଦୀଗୁଡିକରେ କ୍ରମାନ୍ୱୟରେ ବ୍ୟାରେଜ ନିର୍ମାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସ୍ମାରକପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ମହୋଦୟ ଏ ସଂକ୍ରାନ୍ତରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଥିଲେ। ଜିଲାର ଆବଶ୍ୟକତା ଓ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଏହି ଅବସରରେ ଜିଲା ବରିଷ୍ଠ ନାଗରିକ ସଂଘର ସଂମ୍ପାଦକ ପ୍ରଣବ ମଣ୍ଡଳ,ଉପଦେଷ୍ଟା ନବୀନ କିଶୋର ପଣ୍ଡା, ଅଶୋକ ପରିଡା,ବଂଶୀଧର ପଣ୍ଡା ରାଜ କିଶୋର ପାଢ଼ୀ, ପିତାମ୍ବର ମିଶ୍ର, ଜଗନ୍ନାଥ ସାହୁ,ପରେଶ ମହାପାତ୍ର ଓ ରମେଶ ମହାନ୍ତି ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଙ୍କ ଜିଲା ଗସ୍ତ ସମୟରେ ଜିଲା ର ସମସ୍ୟା ସମ୍ପର୍କରେ ନାଗରିକ କମିଟି ସହ ସୌଜନ୍ୟ ମୂଳକ ଆଲୋଚନା କରୁଥିବାରୁ କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# କଂଗ୍ରେସ ତରଫରୁ ଓବିସି ରାଷ୍ଟ୍ରୀୟ ଅଧକ୍ଷ କ୍ୟାପଟେନ ଅଜୟ ସିଂ ଯାଦବଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ମଙ୍ଗଳବାର ଓବିସି ବିଭାଗର ରାଷ୍ଟ୍ରୀୟ ଅଧକ୍ଷ କ୍ୟାପଟେନ ଅଜୟ ସିଂ ଯାଦବଙ୍କୁ କଂଗ୍ରେସ ଭବନରେ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଂଟିଆ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ଓ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ ଓଡ଼ିଶାରେ କିପରି ପଛୁଆବର୍ଗଙ୍କୁ ଏକତ୍ରିତ କରି ତାଙ୍କର ଅଧିକାରର ଲଢ଼େଇକୁ ଆଗକୁ ନେଇହେବ ସେ ବିଷୟରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। କ୍ୟାପଟେନ ଯାଦବ ଜଣେ ଅନୁଭବୀ ଓ ପରିପକ୍ୱ ରାଜନୀତିଜ୍ଞ ତେଣୁ ତାଙ୍କ ତତ୍ତ୍ୱାବଧାନରେ ଆଗାମୀ ଦିନରେ ଓଡ଼ିଶା ଓବିସି ବିଭାଗ ନିର୍ଶ୍ଚିତଭାବେ ସାଂଗଠନିକ କ୍ଷେତ୍ରରେ ସୁଦୃଢ଼ ହେବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ମତ ପ୍ରକାଶ କରିଥିଲେ। କ୍ୟାପଟେନ ଅଜୟ ସିଂ ଯାଦବ ନିଜ ଅଭିଭାଷଣରେ କହିଥିଲେ ରାହୁଲ ଗାନ୍ଧୀ ଓ ଏଆଇସିସି ଅଧକ୍ଷ ମଲ୍ଲିକାର୍ଜ୍ଜୁନ ଖାଡ଼ଗେ ଓବିସି ବିଭାଗ ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ ଅଗାମୀ ଦିନରେ କେନ୍ଦ୍ରରେ କଂଗ୍ରେସ ଦଳ ସରକାର ଗଢ଼ିଲେ ଓବିସି ପାଇଁ ଏକ ନୂତନ ବିଭାଗ ସୃଷ୍ଟି କରାଯିବ ସହ ପଛୁଆବର୍ଗର ସରଂକ୍ଷଣକୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ନେତୃତ୍ୱ ବିକାଶ ମିଶନ (ଏଲଡିଏମ) ମାଧ୍ୟମରେ ଏସ୍‌ସି / ଏସ୍‌ଟି ବର୍ଗର ବିକାଶ ସହ ରାଜ୍ୟରେ ସାଧାରଣ ବର୍ଗ ଭିତରେ ଓବିସି ବହୁଳ ନିର୍ବାଚନ ମଣ୍ଡଳୀ ଚିହ୍ନଟ କରାଯାଇ ସେଠାରେ ଓବିସିଙ୍କୁ ସୁଯୋଗ ଦିଆଯିବ। କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଓମେନ ଚାଣ୍ଡିଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ ପକ୍ଷରୁ ସେହି ସଭାରେ ୨ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## ମରଣଯନ୍ତା ପାଲଟିଛି ରେଲୱେ ବାଇପାସ୍ ରାସ୍ତା

ସୋନପୁର, ୧୯/୦୭ (ନି.ପ୍ର): ସୋନପୁର ସହରଠାରୁ ମାତ୍ର ୨ କି.ମି. ରାସ୍ତା ଜନମୁରା ଯିବା ରାସ୍ତାର ଲୋକନାଥ ମନ୍ଦିର ପାଖରେ ଥିବା ରେଲୱେ ବାଇପାସ୍ ରାସ୍ତା ନିର୍ମାଣ ମନ୍ଥର ଗତିରେ ଚାଲିଛି। ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାରେ ବର୍ଷାପାଣି ଜମି ରହୁଛି ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଗଲେ ମଡେଲ ଡିଗ୍ରୀ କଲେଜ, ଓଡିଶା ଆଦର୍ଶ ବିଦ୍ୟାଳୟ, ସୁକାନ୍ତି ଇଂଟରନେସନାଲ ସ୍କୁଲ, ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟ, ଜନମୁରା ପଂଚାୟତ ଅଫିସ ପଡେ। ଫଳରେ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ପାଣି ଓ କାଦୁଅରେ ଲୋକେ ଯାତାୟତ ସମୟରେ କିଛିଲୋକ ବାଇକରୁ ଖସିପଡି ଆହତ ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ। ଯଦି ଏହି ରାସ୍ତା ଶୀଘ୍ର ନିର୍ମାଣ କରାନଯାଏ ତେବେ ଆଗାମୀ ଦିନରେ ପ୍ରବଳ ବର୍ଷାରେ ଲୋକେ ପାଣିରେ ପାର ହୋଇ ଯାତାୟତ କରିବାକୁ ପଡିବ ବୋଲି ଆଶଙ୍କ କରାଯାଉଛି। ଏହା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରୁଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାସଗୃହ ନପାଇବାରୁ ଯନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ


କନ୍ଧମାଳ, ୧୯/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକର କନିଷ୍ଠ ଯନ୍ତ୍ରୀ ରବିନାରାୟଣ ଲେଙ୍କା, ଖଜୁରୀପଡ଼ା ଅଂଚଳର ଜଣେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ର ଆଶାୟୀ ହିତାଧିକାରୀଙ୍କ ଆକ୍ରମଣ ର ଶୀକାର ହୋଇଛନ୍ତି। ସେ ଗୁରୁଲର ଭାବେ ଆହତ ହୋଇଛନ୍ତି। ସୁଚନା ଅନୁସାରେ ଆଜି ଖଜୁରୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସେନ୍ସିଟାଇଜେସନ ମିଟିଂ ଶେଷ ହେବା ପରେ ସଂନ୍ଧ୍ୟା ୫ଟାବେଳେ କନିଷ୍ଠ ଯନ୍ତ୍ରୀ ଲେଙ୍କା ବାହାରକୁ ବାହାରିବା ପରେ ସେହି ଅଂଚଳର ରଞ୍ଜିତ ସାମଲ ନାମକ ଜଣେ ଲୁଗା ବ୍ୟବସାୟୀ ତାଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାସଗୃହ ତାଲିକାରେ ନା କାହିଁକି କଟିଛି ବୋଲି ଯନ୍ତ୍ରୀଙ୍କୁ ପଚାରିବା ସହିତ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ ପଥରେ ଆକ୍ରମଣ କରିଥିଲେ। ଏପରିକି ତାଙ୍କୁ କାମୁଡି ଦେଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ଜଣାପଡ଼ିଛି। ଫଳରେ ଯନ୍ତ୍ରୀ ଲେଙ୍କା ଲହୁଲୁହାଣ ହେବା ସହ ଗୁରୁତର ଭାବେ ଆହତ ହୋଇଥିଲେ। ଏହାପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଯାଇଥିଲା। ଏହି ସଂକ୍ରାନ୍ତରେ ଖଜୁରୀପଡା ଥାନା ରେ ଯନ୍ତ୍ରୀ ଲେଙ୍କା ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଖଜୁରୀପଡା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଖଜୁରୀପଡା ବିଡିଓ ଅନୁପମା ଘୋଷ ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ବ୍ଲକ ଅଧକ୍ଷା ପ୍ରମୁଖ ଏହି ଘଟଣାକୁ ନିନ୍ଦା କରିଛନ୍ତି।

# ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିଛି

ଗଞ୍ଜାମ, ୧୯/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଲଗାଣ ବର୍ଷା ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିଛି । ଦୀର୍ଘ ପ୍ରାୟ ୧ ମାସ ଧରି ତଥା ଜୁନ୍ ମାସରେ ଅନାବୃଷ୍ଟି ଫଳରେ ଚାଷୀ ଚିନ୍ତାଗ୍ରସ୍ତ ହୋଇପଡିଥିଲେ । କିନ୍ତୁ, ଗତ ସପ୍ତାହରେ ସ୍ୱାଭାବିକ୍ ବର୍ଷା ହେବା ଫଳରେ ଏବେ ଚାଷ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଚାଷୀ ବ୍ୟଗ୍ର ହୋଇପଡିଛି । ବର୍ତମାନ ସୁଦ୍ଧା ୨୨ ହଜାର କ୍ୱିଂଟାଲ ବିହନ ଗଞ୍ଜାମ ଜିଲ୍ଲାରେ ବିକ୍ରୀ ହୋଇଥିବା ଜିଲ୍ଲା କୃଷି ବିଭାଗ ସୂତ୍ରରୁ ସୂଚନା ମିଳିଛି । ଚାଷ କାର୍ଯ୍ୟ ପାଇଁ ଆସନ୍ତା ୨୦ ତାରିଖରୁ ପର୍ଯ୍ୟାୟ କ୍ରମେ ଋଷିକୂଲ୍ୟା ସିଷ୍ଟମ କେନାଲରେ ପାଣି ଛଡାଯିବ । ୧୨ଟି ପର୍ଯ୍ୟାୟରେ ୧୦ ଦିନ ଲେଖାଏଁ ଏହି ପାଣି ଛଡାଯିବ । ବର୍ଷା ପରେ ଜିଲ୍ଲାର ୭ଟି ଯାକ ଡ୍ୟାମ୍ ରେ ପାଣି ମହଜୁଦ ରହିଛି । ଆସନ୍ତା ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ କେନାଲରେ ପାଣି ଛଡାଯିବ ବୋଲି ଜଳସମ୍ପଦ ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି । ଫଳରେ ଚାଷ କାର୍ଯ୍ୟ ସ୍ୱାଭାବିକ୍ ହେବ ଏବଂ ଧାନ ଫସଲ ଭଲ ହେବ ବୋଲି ଆଶା କରାଯାଉଛି ।

# ଗୋଡ଼ାଇ ଗୋଡ଼ାଇ କାମୁଡ଼ିଲା ଭାଲୁ: ଜଣେ ବନ କର୍ମଚାରୀ ମୃତ,୩ ଗୁରୁତର

ନୂଆପଡ଼ା, ୧୯/୦୭ (ନି.ପ୍ର): ଭାଲୁ ଆକ୍ରମଣରେ ଜଣେ ବନ ଜଣେ ବନ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏପରି ଘଟଣା ଘଟିଛି ନୂଆପଡା ଜିଲ୍ଲା କୋମନା ରେଞ୍ଜରେ। ମୃତକ ହେଲେ ଫରେଷ୍ଟ ୱାଚର ସନ୍ତୋଷ କୁମାର ଦୁଣ୍ଡି। ଗତକାଲି ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ୪ ବନ କର୍ମଚାରୀ ପାଟ୍ରୋଲିଂରେ ଯାଇଥିଲେ। ଭାଲୁଟି ସେମାନଙ୍କୁ ଆକ୍ରମଣ କରିଥିଲା। ପ୍ରଥମେ ଫରେଷ୍ଟର ଗୋପାଳ ମହାନନ୍ଦ ଓ ୱାଚର ସନ୍ତୋଷ କୁମାର ଡୁଣ୍ଡିଙ୍କୁ ଭାଲୁଟି ଜଙ୍ଗଲ ଭିତରକୁ ଟାଣି ନେଇଥିଲା। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଫରେଷ୍ଟ ଗାର୍ଡ଼ ଶଶଧର ସାଣୀ ଓ ସାଗର ଠେଲା ଗୁରୁତର ଆହତ ହୋଇଥିଲେ। ଗାଁ ଲୋକଙ୍କ ସହାୟତାରେ ବନ ଓ ଅଗ୍ନିଶମ କର୍ମଚାରୀମାନେ ପ୍ରଥମେ ଗୁରୁତ ଅବସ୍ଥାରେ ଶଶଧର ଓ ସାଗରଙ୍କୁ ଉଦ୍ଧାର କରିଥିଲେ। ପରେ ଅନ୍ୟ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ନୂଆପଡ଼ା ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କର ମୃତ୍ୟୁ ଘଟିଛି। ଗୁରୁତର ଥିବା ଫରେଷ୍ଟର ଗୋପାଳ ମହାନନ୍ଦ ଓ ଫରେଷ୍ଟ ଗାର୍ଡ ଶଶିଧର ଟାଣିଙ୍କୁ



ରାୟପୁର ସ୍ଥାନାନ୍ତର କରାଯାଇଛି । ପ୍ରୋଟେକସନ୍ ଗାର୍ଡ ସାଗର ଠେଲାଙ୍କୁ ନୂଆପଡା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗତକାଲି ସୁରକ୍ଷା ଦାବିରେ କୋମନା ମେଡିକାଲ ସମ୍ମୁଖରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପରେ କୋମନା ବିଡିଓ, କୋମନା ତହସିଲଦାର ବୁଝାସୁଝା କଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଏନେଇ ବନବିଭାଗର ପ୍ରତିକ୍ରିୟା ମିଳିପାରିନି ।

# ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, ୧୯/୦୭ (ନି.ପ୍ର): କୋଲାବିରା ବ୍ଲକ ସଭାଗୃହରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୬୫ଟି ଅଭିଯୋଗ ଶୁଣାଣି କରାଯାଇଛି। ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି . ପରମାର, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ପଂଚାୟତ ସମିତି ଅଧ୍ୟକ୍ଷ ଭୋଜରାଜ ପଟେଲ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଲାମଣି ପଟେଲ, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ, ହର୍ମେନ୍ଦ୍ର ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ ପଣ୍ଡା,ତହସିଲଦାର ସୁକାନ୍ତ ନାୟକଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ୬୫ଟି ଅଭିଯୋଗ ମଧ୍ୟରୁ ୨୧ଟି ସାମୁହିକ ଓ ୪୪ଟି ବ୍ୟକ୍ତିଗତ । ଶିବିରରେ କୁମୁରାଡ଼ିହିରେ ସୋଲାର ଚାଳିତ ନଳକୂପ ଅଚଳ ଜନିତ ଅସୁବିଧା,ରେଙ୍ଗାଲପାଲି କଣ୍ଟାପାଲି ରାସ୍ତାକୁ କଂକ୍ରିଟ ରାସ୍ତାରେ ପରିଣତ କରାଯିବା, ଭଙ୍ଗାମୁଣ୍ଡାରୁ ଜଲଡିହିକୁ ରାସ୍ତା ନିର୍ମାଣ , ସମାସିଂଘା ଗ୍ରାମ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି , ପରମାଣପୁର ମୌଜା ଅନ୍ତର୍ଗତ ବୁଢ଼ାମାଳ ଅଞ୍ଚଳରେ ଥିବା ମେଗା ଜଳ ଜଳସେଚନ ପ୍ରକଳ୍ପ ସ୍ଥାନାନ୍ତରଣ, ସମାସିଂଘା ସ୍ଥିତ ଏମ୍ ଆଇ ପି ପଏଣ୍ଟ ଅଚଳ, ସିରିଆପାଲି ମୌଜାରେ ଶିଳ୍ପ ଜମି ଲିଜ ବାତିଲ, ଅମନାପାଲି ରାସ୍ତା ପ୍ରଶସ୍ତିକରଣ , ବ୍ଲକ ସମ୍ମୁଖସ୍ଥ ଦୋକାନ ଗୃହ ଆବଣ୍ଟନରେ ଦୁର୍ନୀତି ଓ ତେଲେନ ନଦୀରେ ନିର୍ମିତ ବ୍ରିଜରେ ନିମ୍ନମାନର କାର୍ଯ୍ୟ ସମ୍ପର୍କିତ ସାମୂହିକ ଅଭିଯୋଗ ଉପରେ ଶୁଣାଣି କରାଯାଇଥିବା ବେଳେ ଚିକିତ୍ସା ପାଇଁ ଆର୍ଥିକ ସହାୟତା, କେଲଡା ଗ୍ରାମରେ ଶୋଭା କେମିକାଲ ଦ୍ୱାରା ହେଉଥିବା ପରିବେଶ ପ୍ରଦୂଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ , ଗୃହ ନିର୍ମାଣ ସକାଶେ ଜମି ଲିଜ, କୋଲାବିରା ବ୍ଲକର ସୋଡ଼ାମାଲ, ସମାସିଙ୍ଘା, କୁଲିହାମାଲ, ପୋଖରାସାଲେ, ଝିର୍ଲାପାଲି ଓ କୋଲାବିରା ଆଦି ଛ''ଟି ପଞ୍ଚାୟତରେ ରୁର୍ବାନ ସୋଲାର ଲାଇଟ ପ୍ରକଳ୍ପରେ ଅର୍ଥ ହେରଫେର , ଗେଲ ଇଣ୍ଡିଆ ଦ୍ୱାରା ପାଇପ୍ ବିଛା କାର୍ଯ୍ୟ ଜନିତ ପ୍ରାପ୍ୟ ନପାଇବା ସମ୍ବନ୍ଧେ , ଲୋରିଆପାଲିରେ ପାଣି ପାଇପ୍ ବିଛାଇବା ଦ୍ୱାରା ଘର ଫାଟିବା, ଜମି ଖାତା ସଂଶୋଧନ ଓ କୋଲାବିରା ଯୁକ୍ତ ଦୁଇ ମହାବିଦ୍ୟାଳୟ ଫାଇଭ ଟି ଯୋଜନାରୁ ବାଦ ପଡ଼ିବା ଆଦି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଶିବିରରେ ରେଡକ୍ରସ ପାଣ୍ଠିରୁ ଚିକିତ୍ସା ସହାୟତା ବାବଦକୁ ଜଣକୁ ଦୁଇ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ୧୪ ଲିଟର ବିଦେଶୀ ମଦ ଜବତ: ଦୁଇ କୋର୍ଟ ଚାଲାଣ

କୋରେଇ, ୧୯/୦୭ (ନି.ପ୍ର): ପାଣିକୋଇଲି ପୁଲିସ ଚୋରା ମଦ ବିକ୍ରି ଅଭିଯୋଗରେ ଗତକାଲି ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପାଣିକୋଇଲି ଥାନା ଅନ୍ତର୍ଗତ ମଣିପୁର ଗ୍ରାମର ସୁବାସ ବେହେରା ନିକଟରୁ ୬ ଲିଟର ଓ ପଥରପଦା ପଂଚାୟତ ଅନ୍ତର୍ଗତ ଆଦିବାସୀ ସାହି ସ୍ଥିତ ଲକ୍ଷ୍ମୀଧର ଦାସ ନିକଟରୁ ୮ ଲିଟର ମଦ ଜବତ କରିବା ପରେ ଥାନାରେ କେଶ ନମ୍ବର ୧୮୨ ଓ ୧୮୩ କ୍ରମେ ଉଭୟଙ୍କୁ ଅବକାରୀ ଆଇନ ଅନୁସାରେ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ।

# ଜିଲ୍ଲା ଉପଭୋକ୍ତା କର୍ମଶାଳା ଅନୁଷ୍ଠିତ

ବଲାଙ୍ଗୀର, ୧୯/୦୭ (ନି.ପ୍ର): ଜିଲ୍ଲା ଖାଉଟି ଉପଭୋକ୍ତା କର୍ମଶାଳା ଶିବିର ଅମଲା ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଆଦିତ୍ୟ ଶିକ୍ଷା ଓ ଚାରି ଟେବୁଲ୍‌ଟ୍ରଷ୍ଟ ଦ୍ୱାରା ଆୟୋଜିତ କର୍ମଶାଳାରେ ଟ୍ରଷ୍ଟ ମୁଖ୍ୟ ଶଙ୍କର୍ଷଣ ତ୍ରିପାଠୀ ଓ ଉପଦେଷ୍ଟା ଏସ୍ .କିରଣଙ୍କ ମାର୍ଗ ଦର୍ଶନରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ରୂପେ ଜିଲ୍ଲା ଓକିଲ ସଂଘ ସଭାପତି ଅମରେଶ କୁମାର ତ୍ରିପାଠୀ,ଡା.ବି .ଏନ୍. ଶ୍ରୀକାନ୍ତ, ଉମାକାନ୍ତ ହୋତା, ବାସନ୍ତୀ ଦେବୀ,ଶଶୀ ଭୂଷଣ ପୁରୋହିତ, ପୀତବାସ ପଣ୍ଡା ଥିଲେ।

# କେଶ ଝଡ଼ା ରୋକିବ ପିଆଜ



ପ୍ରଥମେ ପିଆଜ ରସକୁ କେଶରେ ସବୁଅଂଶରେ ଭଲ ଭାବେ ଲଗାଇଦେବା। ଲଗାଇବାର ୩୦ ମିନିଟ୍ ପରେ କେଶକୁ ସାମ୍ପୁ ଦ୍ୱାରା ଧୋଇଦେବା। ପିଆଜ ରସକୁ ଆମେ ପ୍ରତିଦିନ ମହୁ ସହିତ ମିଶାଇ କେଶରେ ଲଗାଇପରିବା।


ପ୍ରତିଦିନ ମୁଣ୍ଡ କୁଣ୍ଡାଇଲେ କିଛି କେଶ ଉପୁଡ଼ିଯାଏ ଓ କେତେକ କ୍ଷେତ୍ରରେ କେଶ ମଧ୍ୟ ବଢ଼ିନଥାଏ। ଯାହାକୁ ଭାବି ଆମେ ବହୁତ ଦୁଃଖ ଅନୁଭବ କରିଥାଉ। ଆମେ ସାଧାରଣତଃ ଭାବୁ ମାନସିକ ଦୁର୍ଶ୍ଚିନ୍ତା ଯୋଗୁଁ କେଶ ଝଡ଼ିଥାଏ। ପ୍ରକୃତରେ ଏପରି କିଛି ହୋଇ ନନଡ଼ଥାଏ। କେଶ ଝଡ଼ିବା ରୋକିବାକୁ ଓ କେଶ ବଢ଼ାଇବାକୁ ଆମେ ଅନେକ ପ୍ରକାର କେମିକାଲ ବ୍ୟବହାର କରିଥାଉ। କିନ୍ତୁ ଏଥିରେ କେଶ ଝଡ଼ିବା ବନ୍ଦ ହୋଇନଥାଏ, ବରଂ ଅଧିକ କ୍ଷତି ହୋଇଥାଏ। ଅନେକ ସମୟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେବେ ଆମ ହାତପାହାନ୍ତାରେ ଏମିତି କିଛି ଜିନିଷ ସବୁ ରହିଛି ଯାହାକୁ ଆମେ କେଶ ଝଡ଼ିବା ରୋକିବା ପାଇଁ ବ୍ୟବହାର କରିପାରିବା। ପୁଣି ସେଗୁଡ଼ିକରେ ପାର୍ଶ୍ୱ ପ୍ରତିକ୍ରିୟାର ବି ଭୟ ନଥାଏ। ଯେପରିକି ପିଆଜ। ପିଆଜ ରସ କେଶ ଝଡ଼ା ରୋକିବାରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଡାଏ। ପିଆଜ ରସ କେଶର ମୂଳକୁ ଶକ୍ତ ରଖେ। ଫଳରେ କେଶ ଝଡ଼ିବା ରସରେ କୌଣସି କେମିକାଲ୍ ନଥାଏ। ସେଥିପାଇଁ ତାକୁ ବ୍ୟବହାର କଲେ ଆମ କେଶର ଉପରେ କିଛି ଖରାପ ପ୍ରଭାବ ପକାଇ ନଥାଏ। ଏଥିରୁ ଆଉ ଏକ ଉପକାର ବି ମିଳିଥାଏ। ଏହି ରସ ବ୍ୟବହାର କରିବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ।

# ସହରର ଜନସଂଖ୍ୟା ୧ !




ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ, ମାତ୍ର ଏହା ସତ। ଦୁନିଆରେ ଏମିତି ଏକ ସହର ଅଛି ଯେଉଁଠି କେବଳ ଜଣେ ବ୍ୟକ୍ତି ବାସକରେ। ନେବ୍ରାସ୍କାର ମୋନୋୱିର ଜନସଂଖ୍ୟା ହେଉଛି ୧। ଆମେରିକାର ୨୦୧୦ ଜନଗଣନା ଅନୁସାରେ ମୋନାୱି ହେଉଛି ଏଭଳି ଏକ ସହର ଯେଉଁଠି କେବଳ ୮୪ବର୍ଷୀୟ ଏଲସି ଏଲିଅନ ନାମ୍ନୀ ମହିଳା ବାସ କରୁଛନ୍ତି। ସେ ହିଁ ସହରର ମେୟାର, କିରାଣି, ଟ୍ରେଜରର, ଲାଇବ୍ରେରିଆନ ଏମିତି ଅନେକ ପଦବୀରେ ଅବସ୍ଥାପିତ। ସରକାର ତାଙ୍କୁ ସହରର ଉନ୍ନତିକରଣ ନିମନ୍ତେ ବର୍ଷକୁ ବର୍ଷ ଖର୍ଚ୍ଚ ମଧ୍ୟ ଦିଅନ୍ତି। ସହରକୁ ଦେଖିବାକୁ ପ୍ରତିବର୍ଷ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି।

# ୮ ବର୍ଷୀୟ ଯୋଗଗୁରୁ



କଥାରେ ଅଛି, ପ୍ରତିଭା ବପଳରେ ବ୍ୟକ୍ତିକୁ ଏକ ନୂଆ ପରିଚୟ ହାସଲ ହୋଇଥାଏ। ଏହି ଉକ୍ତିକୁ ପ୍ରମାଣିତ କରିଛନ୍ତି ମଧ୍ୟପ୍ରଦେଶ ଇନ୍ଦୋର ନିବାସୀ ୮ ବର୍ଷୀୟ ରାଜ୍। ଏତେ କମ୍ ବୟସରେ ଯୋଗଗୁରୁ ଭାବେ ନିଜର ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି ସେ। ତାଙ୍କଠୁ ଯୋଗ ଶିଖିବାକୁ ଏବେ ଦେଶୀ-ବିଦେଶୀଙ୍କ ଭିଡ଼ ଜମିଛି। ନିଜକୁ ଯୋଗର ଅନୁଶାସନରେ ଏଭଳି ଭାବେ ବାନ୍ଧି ରଖିଛନ୍ତି, ଦେଖୁଥିବା ଲୋକ ବି ଆଶ୍ଚର୍ଯ୍ୟ ହୋଇପଡୁଛନ୍ତି। ଯୋଗ ଦ୍ୱାରା ମିନିଟିକ ମଧ୍ୟରେ ନିଜକୁ ବଲ୍ କରିଦେଉଥିବା ବେଳେ ୩୬୦ ଡିଗ୍ରୀ ଅନୁପାତରେ ଶରୀରକୁ ବୁଲାଇ ଦେଉଛନ୍ତି। ପ୍ରଥମେ ପ୍ରଥମେ ତାଙ୍କର ଏହି ପ୍ରତିଭାକୁ କେହି ଗୁରୁତ୍ୱର ସହ ଗ୍ରହଣ କରିନେଥିଲେ। କିନ୍ତୁ ଧୀରେ ଧୀରେ ପରିବାର ଲୋକେ ରାଜଙ୍କ ଭିତରେ ପରିବର୍ତ୍ତନ ଦେଖିବାକୁ ପାଇଲେ। ଏବେ ରାଜ୍ ଯୋଗଗୁରୁ ଭାବେ ଅନେକ ଲୋକଙ୍କୁ ଶିକ୍ଷା ଦେଉଛନ୍ତି।

# ଗାଳିଦେଲେ ଭଲ

ଗାଳିଦେଉଥିବା ଲୋକଙ୍କୁ ସମାଜ ସବୁବେଳେ ଖରାପ ବୋଲି ଧରି ନେଇଥାଏ। ଆପଣ ବି ଆଜିଯାଏ ଏହା ହିଁ ମାନିଥିବେ। ସେତିକି ନୁହେଁ, ଘରର ବଡ଼ ଲୋକମାନେ ଏଭଳି ଲୋକଙ୍କ ଠାରୁ ଦୂରେଇ ରହିବାକୁ ପରାମର୍ଶ ମଧ୍ୟ ଦେଇଥାନ୍ତି। ସାର୍ବଜନିକ ଭାବେ ଗାଳି ଦେଉଥିବା ଲୋକକୁ ସବୁବେଳେ ଭୁଲ୍ ବୁଝାଯାଏ। ତଥାପି ଜଣା ଅଜଣାରେ ଆମ ଭିତରୁ ଅନେକ ଲୋକ ଗାଳି ଦେଉଥିବାର ଦେଖିବାକୁ ମିଳିଥାଏ। ଏଇ ଯେମିତି ଗାଡ଼ି ଡ୍ରାଇଭ କରିବା ସମୟରେ ସାମ୍ନାକୁ ଅନ୍ୟ ଗାଡ଼ି ଆସିଗଲେ ଅବା ସାଙ୍ଗସାଥୀଙ୍କ ସହ କଥା ହେଉଥିବା ବେଳେ କିମ୍ବା ଅଚାନକ ଭାବେ କୌଣସି ଖୁସି ଖବର ମିଳିଗଲେ ଆମେ ପଟିରୁ କିଛି ନା କିଛି ଗାଳି ବାହାରି ଆସିଥାଏ। ଇଂଲଣ୍ଡର କିଲେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୦୯ରେ ଗାଳି ଉପରେ ଏକ ଗବେଷଣା କରାଯାଇଥିଲା। ଗାଳି ଦେଉଥିବା ବହୁ ଲୋକଙ୍କୁ ଏହି ସର୍ଭେରେ ସାମିଲ କରାଯାଇଥିଲା। ଗବେଷଃଣାର କିଛଦିନ ପରେ ଆସିଥିବା ତଥ୍ୟ ଖୁବ୍ ଆଶ୍ଚର୍ଯ୍ୟଜନକ ଥିଲା। ଗବେଷଣାରୁ ଜଣାପଡ଼ିଲା ଯେ ଗାଳି ଦେଉଥିବାଲୋକମାନେ ସାଧାଣର ଲୋକାଙ୍କ ଠାରୁ ଅଧିକ ଖୁସି ରହିଥାନ୍ତି। ଗବେଷରାରେ ସାମିଲ ଥିବା ଛାତ୍ରଙ୍କୁ ବରଫ ପାଣି ରଖାଯାଇଥିବା ପାତ୍ରରେ ହାତ ବୁଡ଼ାଇ ରଖିବାକୁ କୁହାଯାଉଥିଲା। ଆଉ ଏହି ପଶଣିରେ ହାତ ବୁଡ଼ାଇବା ମାତ୍ରେ କିଛି ଛାତ୍ରଙ୍କ ପାଟିର ବାହାରି ଆସିଥିଲା ଗାଳି। ଏହା ସତ୍ତ୍ୱେ ବି ଗାଳି ଦେଉଥିବା ଛାତ୍ରମାନେ ସେହି ଥଣ୍ଡା ପାଣିରେ ହାତ ବୁଡ଼ାଇ ରଖିବାରେ ସଫଳ ହୋଇଥିଲେ।

ଅନ୍ୟପକ୍ଷରେ ଯେଉଁମାନେ ଗାଳି ନଦେଇ ଶାନ୍ତିରେ ଠିଆ ହୋଇ ପାଣି ଭିତରେ ହାତ ବୁଡ଼ାଇଥିଲେ। ସେମାନେ ଖୁବ୍ ସମୟରେ ପାଣିରୁ ହାତ ବାହାର କରି ନେଇଥିଲେ। ଏହି ଗବେଷଣାରୁ ଆଉ ଏକ ତଥ୍ୟ ଜଣାପଡ଼ିଥିଲା ଯେ ଆମେ ହଠାତ୍ ଚିତ୍କାର କରିବା ଅଥବା ଗାଳିଦେବା ଦ୍ୱାରା ଆମ ଶରୀରରେ ଥିବା ଆଡ୍ରିନାଲିକ ନାମକ ଏକ ହରମୋନ୍ କ୍ଷରଣ ହୋଇଥାଏ, ଯାହା ମଣିଷର କଷ୍ଟ ସହିବା କ୍ଷମତାକୁ ବଢ଼ାଇଥାଏ। ଏହି କ୍ଷମତା ପୁରୁଷଙ୍କ ଅପେକ୍ଷା ମହିଳାଙ୍କ କ୍ଷେତ୍ରରେ ଅଧିକ ବଢ଼ିଥାଏ।

# ମନ୍ଦିରରେ ମିଳିଥାଏ ମୃତ୍ୟୁର ଅନୁଭବ



ଆପଣ ଏମିତି ଅନେକ ଫିଲ୍ମ ଦେଖିଥିବେ ଯେଉଁଥିରେ ପୁର୍ନଜନ୍ମ କାହାଣୀ ଥିବ। କିନ୍ତୁ ବାସ୍ତବରେ ଏହାର ଅସ୍ତିତ୍ୱ ଅଛି କି ନାହିଁ ତାହା ଜପଣାପଡ଼ି ନାହିଁ। ତଥାପି ଅଧିକାଂଶ ଲୋକ ପୂର୍ବଜନ୍ମର କାହାଣୀ ଶୁଣିବାକୁ ଅଧିକ ଭଲପାଆନ୍ତି। ସେମିତି ଆପଣ ମଧ୍ୟ ଚାହିଁଲେ ନିଜ ପୁର୍ନଜନ୍ମ ବିଷୟରେ ଜାଣିପାରିବେ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ୱାଟ ପ୍ରୋମାନି ନାମକ ଏହି ବୌଦ୍ଧ ମନ୍ଦିରକୁ ଲୋକେ ନିଜ ନିଜକର ପୁର୍ନଜନ୍ମ କାହାଣୀ ଶୁଣିବାକୁ ଆସିଥାନ୍ତି। ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଂକକରୁ ୬୬ କିଲୋମିଟର ଦୂରରେ ଅବସ୍ଥିତ ଏହି ମନ୍ଦିର। ଏଠାରେ ଲୋକଙ୍କୁ ପୁର୍ନଜନ୍ମ ଦେବାପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥାଏ। ବାସ୍ତବରେ ମରିବାକୁ ପଡ଼େନାହିଁ କେବଳ ମୃତ୍ୟୁ ଏବଂ ପୁର୍ନଜନ୍ମ ଅନୁଭବ ହୋଇଥାଏ ଲୋକଙ୍କୁ। ଏଥିପାଇଁ ଲୋକଙ୍କୁ ମନ୍ଦିରରେ ଥିବା କଫିନ୍‌ରେ ଶୋଇବାକୁ ପଡ଼ିଥାଏ। ଏହାପରେ ବୌଦ୍ଧ ଧର୍ମାବଲମ୍ବୀମାନେ ମନ୍ତ୍ର ଉଚ୍ଚାରଣ କରି ଲୋକଙ୍କୁ ମୃତ୍ୟୁର ଅନୁଭବ ଦେଇଥାନ୍ତି ଏବଂ ପୁଣିଥରେ ପୁର୍ନଜନମ ଦେଇ ଜୀବିତ କରାଇଥାନ୍ତି। ଏହି ପ୍ରକ୍ରିୟା ମାତ୍ର ୯୦ ସେକେଣ୍ଡ ପାଇଁ ଚାଲିଥାଏ। ଏହା ଦ୍ୱାରା ଲୋକମାନେ ବିଶ୍ୱାସ କରନ୍ତି ଯେ ସେମାନେ ପବିତ୍ରତା ଲାଭ କରିଛନ୍ତି। ମନ୍ଦିରରେ ୯ ପ୍ରକାର ରଙ୍ଗୀନ କଫିନ୍ ରହିଛି।

# ଶରୀର ପାଇଁ କ୍ଷତିକାରକ ମାତ୍ରାଧିକ ଗ୍ରୀନ୍‌ଟି



ଓଜନ କମେଇବାରେ ସାହାଯ୍ୟ କରୁଥିବା ଗ୍ରୀନ୍ ଟିର ବ୍ୟବହାର ଏବେ ବହୁଳ ମାତ୍ରାରେ ହେବାକୁ ଲାଗୁଛି। ଏହାକୁ ଏକ ଉପାଦେୟ ହର୍ବାଲ ପାନୀୟ ଭାବେ ମଧ୍ୟ ଗଣାଯାଏ। ଓଜନ ହ୍ରାସ କରିବା ଚକରରେ ମାତ୍ରାଠାରୁ ଅଧିକ ଗ୍ରୟୀନଟି ପିଉଛନ୍ତି ଲୋକେ। ତେବେ କ'ଣ ଆପଣ ଜାଣିଛନ୍ତି, ହର୍ବାଲ ପାନୀୟ କୁହାଯାଉଥିବା ଏହି ଗ୍ରୀନଟି ମାତ୍ରା ଠାରୁ ଅଧିକ ଶେବ କଲେ ଏହା ଆପଣଙ୍କ ପାଖରେ ଅନେକ ଶାରୀରିକ ସମସ୍ୟା ଠିଆକରେ।

ଗୋଟିଏ ଦିନରେ ଯଦି ଦୁଇ କପରୁ ଧିକ ଗ୍ରୀନଟି ସେବନ କରୁଛନ୍ତି ତେବେ ଏହା ଶରୀର ପାଇଁ କ୍ଷଧତିକାରକ ସାବ୍ୟସ୍ତ ହୋଇଥାଏ। ଗ୍ରୀନଟିରେ ଟୋନିନ୍ସ ନାମକ ଏକ ତତ୍ତ୍ୱ ରହିଛି। ତେଣୁ ଅଧିକମାତ୍ରାରେ ଗ୍ରୀନଟି ପିଇଲେ ମୁଣ୍ଡ ବିନ୍ଧଣ, ପେଟ ଦରଜ, ଏସିଡିଟି ଓ ଝାଡ଼ାବାନ୍ତି ସହିତ କୋଷ୍ଠକାଠିନ୍ୟ ଆଦି ଭଳି ସମସ୍ୟା ଦେଖାଯାଇଥାଏ।

- ଗର୍ଭବତୀ ମହିଳାମାନଙ୍କୁ ଗ୍ରୀନଟି ନ ପିଇବା ପାଇଁ ପରାମର୍ଶ ଦିଆଯାଏ। କାରଣ ଏହା ଦ୍ୱାରାା ଗର୍ଭପାତର ଆଶଙ୍କା ରହିଥାଏ।
- ସେହିପରି ଖାଲି ପେଟରେ ମଧ୍ୟ ଗ୍ରୀନଟି ସେବନ କରିବା ଠିକ୍ ନୁହେଁ।
- ହୃତପିଣ୍ଡ ପାଇଁ ଭଲ ନୁହେଁ ମାତ୍ରାଧିକ ଗ୍ରୀନଟି ସେବନ। ଅଧିକ ଗ୍ରୀନଟି ପିଇଲେ ହୃତପିଣ୍ଡ ସହିତ ଜଡ଼ିତ ଅନେକ ରୋଗ ହେବାର ଆଶଙ୍କା ଅଧିକ ରହିଥାଏ।
- ଅଧିକ ମାତ୍ରାରେ ଗ୍ରୀନଟି ପିଇଲେ ରାତିରେ ନିଦ ହୁଏନାହିଁ। ଯାହା ଅନ୍ୟାନ୍ୟ ରୋଗକୁ ମଧ୍ୟ ଡାକି ଆଣିଥାଏ।

# କାହିଁକି ମଳମାସକୁ କହାଯାଏ 'ପୁରୁଷୋତ୍ତମ ମାସ' ? ଜାଣନ୍ତୁ ଏହା ପଛର ତାତ୍ପର୍ଯ୍ୟ

ଏ ବର୍ଷ ପଡୁଛି ଯୋଡ଼ା ଶ୍ରାବଣ। ଏଇ ଦୁଇ ଶ୍ରାବଣ ମାସ ମଧ୍ୟରୁ ଅଧା ମଳ ଏବଂ ଅଧା ଶୁଦ୍ଧ। ଶ୍ରାବଣ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ଶୁଦ୍ଧ। ଏ ଅମାବାସ୍ୟା ହେଉଛି ଚିତାଲାଗି ଅମାବାସ୍ୟା। ତାହାର ପରଦିନ, ଅର୍ଥାତ୍ ଶୁକ୍ଳ ପ୍ରତିପଦଠାରୁ ମଳ ଶ୍ରାବଣ ମାସର ଆରମ୍ଭ। ସେଦିନଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୫ ଦିନ ଏବଂ କୃଷ୍ଣ ପ୍ରତିପଦଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ- ଏହିପରି ଏକମାସ ହେଉଛି ମଳ ଶ୍ରାବଣ ମାସ। ଅମାବାସ୍ୟାର ପରଦିନ, ଅର୍ଥାତ୍ ଶୁକ୍ଳ ପ୍ରତିପଦଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶୁଦ୍ଧକାଳ। ଆମ ପରମ୍ପରା ଓ ଚଳଣି ଅନୁସାରେ, ମଳମାସ ଅଶୁଭ। ଏଣୁ ଏହି ମାସରେ ସମସ୍ତ ଶୁଭକର୍ମ ବର୍ଜନୀୟ। କିନ୍ତୁ ଏହି ମାସର ଗୋଟିଏ ବିଶେଷତ୍ୱ ଅଛି। ବିଶେଷତ୍ୱଟି ହେଉଛି- ଏ ମାସର ନାମ 'ପୁରୁଷୋତ୍ତମ ମାସ'। ଏହି ନାମ ଅଶୁଭ ମଳମାସକୁ ଅଶୁଭତାରୁ ମୁକ୍ତ କରିଛି। ଅଶୁଭ ମଳମାସ କିପରି 'ପୁରୁଷୋତ୍ତମ ମାସ'ର ଶୁଭ ନାମ ପାଇଲା, ସେ ସଂପର୍କରେ ଗୋଟିଏ ସୁନ୍ଦର ପୌରାଣିକ ଉପାଖ୍ୟାନ ଅଛି। ବର୍ଷର ବାରମାସ ପାଇଁ ଭଗବାନ ବିଷ୍ଣୁଙ୍କର ବାରଟି ନାମ ଅଛି। ଶ୍ରାବଣରେ ତାଙ୍କର ନାମ 'ଶ୍ରୀଧର'। କିନ୍ତୁ ଏହି ନାମ ଶ୍ରାବଣ ମାସର ଶୁଦ୍ଧକାଳ ପାଇଁ ହିଁ ପ୍ରଯୁକ୍ତ। 'ବୃହନ୍ନାରଦୀୟ ପୁରାଣ' ଅନୁସାରେ, ଏହିପରି ଭାବରେ ଭଗବାନ ବିଷ୍ଣୁ ଭିନ୍ନ ଭିନ୍ନ ନାମରେ ବିଭିନ୍ନ ମାସର ଅଧିପତି ହୋଇଥିବାବେଳେ, ମଳମାସର କେହି ଅଧିପତି ନଥିଲେ। ତେଣୁ ସେହି ମାସରେ ସମସ୍ତ ଶୁଭକର୍ମ ବର୍ଜନୀୟ ଥିଲା। ସେଥିପାଇଁ ମନଦୁଃଖରେ ଦିନେ ମଳମାସ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲା। ତା'ର ଦୁଃଖର କାରଣ ଶୁଣି ଭଗବାନ ବିଷ୍ଣୁ କହିଲେ, "ମୁଁ ଯେପରି ତ୍ରିଲୋକରେ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ଓ ପରିବ୍ୟାପ୍ତ, ସେହିପରି ଏହି ଅଧିମାସ 'ପୁରୁଷୋତ୍ତମ ମାସ' ନାମରେ ପ୍ରଖ୍ୟାତ ହେବ। ମୋର ସମସ୍ତ ଗୁଣ ମୁଁ ଏହି ମାସକୁ ପ୍ରଦାନ କଲି। ଏଣିକି ସଂସାରରେ ଓ ଶାସ୍ତ୍ରରେ ଏ ମାସ ମୋ ନାମରେ ହିଁ ପରିଚିତ ହେବ। ସେହିଦିନୁ ମଳମାସ 'ପୁରୁଷୋତ୍ତମ ମାସ' ନାମରେ ପରିଚିତ ହେଲା। ଏଣୁ ମଳ ମାସରେ କୌଣସି ବେଦବିହିତ ଓ ସ୍ମୃତିଶାସ୍ତ୍ର ସମର୍ଥିତ କର୍ମ ବା ଶୁଭକର୍ମ କରାଯିବା ନିଷେଧ ହୋଇଥିଲେ ମଧ, ଏହିପରି ଏକ 'ପୁରୁଷୋତ୍ତମ ମାସ' ବା 'ଯୋଡ଼ା ଆଷାଢ଼' ପଡ଼ିଲେ ହୋଇଥାଏ ଶ୍ରୀଜଗନ୍ନାଥଙ୍କର ନବକଳେବର।

# ଏସିଆର ପରିଷ୍କାର ଗାଁ

ମେଘାଳୟର ମାଓଲ୍ୟାନଙ୍ଗ କେବଳ ଭାରତର ନୁହେଁ ପୂରା ଏସିଆର ସବୁଠୁ ପରିଷ୍କାର ପରିଚ୍ଛନ୍ନ ଗାଁ। ଏହି ଗାଁର ସାକ୍ଷରତା ହାର ୧୦୦%। ଏଠାକାର ଲୋକେ କେବଳ ଇଂରାଜୀରେ କଥା ହୁଅନ୍ତି। ଆନ୍ତର୍ଜାତିକ ସ୍ତରରେ ଏହା ଏସିଆର ସବୁଠୁ ପରିଷ୍କାର ଗାଁ ଭାବେ ପୁରସ୍କୃତ ହୋଇଛି। ଏଠାରେ






ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଝରଣା, ଗଛରେ ତିଆରି ପୋଲ ରହିଛି। ଏହି ଗାଁ ମେଘାଳୟରେ ସିଲଂ ଓ ଭାରତ-ବଙ୍ଗଳାଦେଶ ସମୀରେଖା ଠାରୁ ୯୦ କିଲୋମିଟର ଦୂରରେ ରହିଛି। ମାଓଲ୍ୟାନ୍ନଙ୍ଗର ଲୋକେ ଅଳିଆ ଆବର୍ଜନା ପକାଇବା ପାଇଁ ବାଉଁଶର ଡଷ୍ଟବିନ ବ୍ୟବହାର କରନ୍ତି। ସେମାନେ ଏହି ଅଳିଆଗୁଡ଼ିକୁ ଗୋଟିଏ ସ୍ଥାନରେ ପକାନ୍ତି। ଏଥିରୁ ପ୍ରସ୍ତୁତ ଖତକୁ ଗ୍ରାମବାସୀ କ୍ଷେତ୍ରରେ ପକାଇଥାନ୍ତି। ଗାଁର ଛୋଟପିଲାଠାରୁ ଆରମ୍ଭ କରି ବୁଢ଼ା ଲୋକ ପର୍ଯ୍ୟନ୍ତ ସମସ୍ତେ ଗାଁରୁ ସଫା ରଖିବାରେ ବ୍ୟସ୍ତ ଥାଆନ୍ତି।

# ମସ୍ତିଷ୍କାଘାତରୁ ରକ୍ଷା କରିବ ଏବି୧୨୬

ମସ୍ତିଷ୍କାଘାତ ଦ୍ୱାରା ହେଉଥିବା ବଡ଼ ବିପଦକୁ ଟାଳିବାକୁ ଏବେ ବୈଜ୍ଞାନିକମାନେ ଏକ ଉପାୟ ସନ୍ଧାନ କରିଛନ୍ତି। ଆମେରିକାର ୟୁନିଭର୍ସିଟି ଅଫ ଜର୍ଜିଆ ଆଣ୍ଡ୍ ଅଗସ୍ତା ୟୁନିଭର୍ସିଟିର ବୈଜ୍ଞାନିକଙ୍କ ମିଳିତ ଉଦ୍ୟମରେ ଏକ ନୂତନ ପଦ୍ଧତି ଆବିଷ୍କାର କରାଯାଇଛି। ଏହା ଆଘାତପ୍ରାପ୍ତ ମସ୍ତିଷ୍କର ସୁରକ୍ଷା ଏବଂ ଚିକିତ୍ସା କରିବାରେ ସମର୍ଥ। ଏହାର ନାମ ରହିଛି ଏବି ୧୨୬। ଏହି ପଦ୍ଧତି ରକ୍ତ ପ୍ରବାହରେ ସମ୍ପୂର୍ଣ୍ଣ ରୂପେ ସମାହିତ ହୋଇପାରିବ। ବୈଜ୍ଞାନିକଙ୍କ ଅନୁସାରେ, ଏହି ଉପଚାର ବିଧିଦ୍ୱାରା ମସ୍ତିଷ୍କାଘାତରେ ପୀଡ଼ିତ ରୋଗୀଙ୍କୁ ବେଶ୍ ସହାୟତା ମିଳିପାରିବ। ଏହା କୋଶିକା ସହ ସମ୍ବର୍ଦ୍ଧିତ ଥେରାପି ଠାରୁ ଅଧିକ ଭରସାଯୋଗ୍ୟ ଏବଂ ବାଧାରହିତ ଉପଚାର। ଆକାରରେ ଛୋଟ ହୋଇଥିବାରୁ ଏହା ବେଶ୍ ଉପଯୋଗୀ। ଏବି ୧୨୬ର ପ୍ରଭାବ ସମ୍ପର୍କରେ ଜାଣିବାକୁ ବୈଜ୍ଞାନିକମାନେ ସେଥିରେ ଏକ୍ଲୋଜୋମର ବ୍ୟବହାର କରି ସଫଳତା ହାସଲ କରିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭୋଜନ, ଉର୍ଜା ଓ ଜଳବାୟୁ ...

କେନ୍ଦ୍ରୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଦୁନିଆ ସମ୍ମୁଖରେ ଭୋଜନ, ଉର୍ଜା ଓ ଜଳବାୟୁ ତିନୋଟି ବଡ ମୁଦ୍ଦା ଅଛି ଯାହା ଉପରେ ଗଭୀର ଅନ୍ତଃରାଷ୍ଟ୍ରୀୟ ସମନ୍ୱୟର ଆବଶ୍ୟକତା ରହିଛି । ସୋମବାର ଦିନ ଜି-୨୦ ଦେଶଗୁଡିକର ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କଗୁଡିକର ଗଭର୍ଣ୍ଣର (ଏଫ୍‌ଏମ୍‌ବିଜି)ର ଦୁଇ ଦିବସୀୟ ସମ୍ମିଳନୀର ଅଧ୍ୟକ୍ଷତା କରି ଉଦ୍‌ଘାଟିତ ସମ୍ମିଳନୀକୁ ସେ ସମ୍ବୋଧନ କରିଥିଲେ । ଏହି ଅବସରରେ ଜି-୨୦ର ବିତ୍ତୀୟ ଟ୍ରାକ୍‌ରୁ ତିନୋଟି ମୁଖ୍ୟ ଫଳାଫଳ ବାହାରିଛି । ଏଥିରେ ଆର୍ଥିକ ଆହ୍ୱାନ ଓ ଦୁର୍ବଳତାର ରୂପରେଖ, ବିତ୍ତୀୟ ସ୍ୱାସ୍ଥ୍ୟ ଓ ସଂସ୍ଥାଗତ ବ୍ୟବସ୍ଥାଗୁଡିକ ଉପରେ ସର୍ବୋତ୍ତମ ପ୍ରଥାଗୁଡିକର ରିପୋର୍ଟ ଓ ମହାମାରୀ ପ୍ରତିକ୍ରିୟା ବିତ୍ତପୋଷଣ ବିକଳ୍ପଗୁଡିକ ଓ ଅନ୍ତରାଳରେ ମାନ ଚିତ୍ରଣର ରିପୋର୍ଟ ସାମିଲ ରହିଛି। ସୀତାରମଣ ବୈଶ୍ୱିକ ଆର୍ଥିକ ଗତିବିଧିଗୁଡିକର ବାହକ ଜି-୨୦ ଦେଶଗୁଡିକୁ ଚେତାବନୀ ଦେଇ କହିଛନ୍ତି ବୈଶ୍ୱିକ ଅର୍ଥବ୍ୟବସ୍ଥାର ବୃଦ୍ଧି ଦୀର୍ଘବଧିକ ହାରାହାରିରୁ ତଳକୁ ଓ ଅସମାନ ରହିଛି । ଜି-୨୦ ଫ୍ରେମ୍ ୱର୍କ ୱାକିଂ ଗ୍ରୁପ ଏହି ସନ୍ଦର୍ଭରେ ଖାଦ୍ୟ ସୁରକ୍ଷା, ଉର୍ଜା ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ସହିତ ଜଡିତ ବ୍ୟାପକ ଆର୍ଥିକ ଆହ୍ୱାନଗୁଡିକ ସହିତ ସଂଘର୍ଷ କରିବା ପାଇଁ ଉପାୟଗୁଡିକ ଉପରେ ବିଚାର କରିଛନ୍ତି। ଏହି ମୁଦ୍ଦାଗୁଡିକ ଉପରେ ବିଚାର-ବିମର୍ଶରୁ ଯେଉଁ ନୀତିଗତ ଶିକ୍ଷା ସାମ୍ନାକୁ ଆସିଛି ତାହା ସ୍ପଷ୍ଟ ଭାବରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଉତ୍ତମ ଶାରୀରିକ ସହଯୋଗର ଆବଶ୍ୟକତାକୁ ରେଖାଙ୍କିତ କରିଥାନ୍ତି । ମହାତ୍ମା ଗାନ୍ଧୀଙ୍କ କଥନରୁ ଉଦ୍ଧୃତ କରି ସୀତାରମଣ କହିଛନ୍ତି ଆମେ ଆଜି ଯାହା କରୁଛନ୍ତି ଆମର ଭବିଷ୍ୟତ ସେହିସବୁ ବିଷୟ ଉପରେ ନିର୍ଭର କରେ । ଗାନ୍ଧିଜୀଙ୍କ ଏହି ଉକ୍ତି ଉପରେ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଏକ ମଜବୁତ, ସନ୍ତୁଳିତ ଓ ସମାବେଶୀ ଭବିଷ୍ୟତ ଆଡକୁ ନେଇ ଯିବା ପାଇଁ ଜି-୨୦ ଦେଶଗୁଡିକର ଅର୍ଥମନ୍ତ୍ରୀ, କେନ୍ଦ୍ରୀୟ ବ୍ୟାଙ୍କ, ଗଭର୍ଣ୍ଣର ଭାବରେ ଆମର ଦାୟିତ୍ୱ ସଶକ୍ତ ଭାବରେ ବ୍ୟକ୍ତ ହେଉଛି ବୋଲି ସେ କହିଛନ୍ତି । ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଉପରେ ବୈଶ୍ୱିକ ଅର୍ଥବ୍ୟବସ୍ଥା ହେଉଛି ସବୁଠାରୁ ସମ୍ବେଦନଶୀଳ ମାମଲା ମଧ୍ୟରୁ ଅନ୍ୟତମ । ଦୀର୍ଘ ସମୟରୁ ବିଶ୍ୱ ଏହାର ସମାଧାନ ଖୋଜୁଛି । ତେଣୁ ଭାରତର ଅଧ୍ୟକ୍ଷତାରେ ଜି-୨୦ ଏହି ମାମଲାର ସ୍ଥାୟୀ ସମାଧାନର ମଞ୍ଚ ହେବାକୁ ଯାଉଛି । ଭାରତ ଓ ଆମେରିକା ସହିତ ବିଶ୍ୱର ୧୪୦ଟି ଦେଶ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଉପରେ ୧୫ ପ୍ରତିଶତ କର ଲଗେଇବା ଉପରେ ସହମତ ହୋଇଛନ୍ତି । ତେଣୁ ଆମେରିକାର ଅର୍ଥମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ଅନ୍ତଃରାଷ୍ଟ୍ରୀୟ କର ବ୍ୟବସ୍ଥାରେ ବଡ ସୁଧାର ଆଣିବା ପାଇଁ ଅଧିକାଂଶ ଦେଶ ସହମତ ଅଛନ୍ତି । ଏହା ଏକ ଅଭୂତପୂର୍ବ ପଦକ୍ଷେପ । 'ଟୁ ପିଲର୍ ଗ୍ଲୋବାଲ୍ ଟ୍ୟାକ୍ସ ଡିଲ୍' କୁହାଯାଉଥିବା ଏହି ବୁଝାମଣା ଅନ୍ତର୍ଗତ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଯେଉଁ ଦେଶରେ କାମକରୁଥିଲେ ବି ସେଠାରେ ସେମାନଙ୍କୁ ୧୫ ପ୍ରତିଶତ ନ୍ୟୁନତମ କର ଶୁଝିବାକୁ ହେବ । ବିଶ୍ୱ ଅର୍ଥବ୍ୟବସ୍ଥା ପ୍ରାୟତଃ ବିଶ୍ୱର ସବୁ ଦେଶଗୁଡିକ ଉପରେ ଅର୍ଥବ୍ୟବସ୍ଥା ଉପରେ ଆଧାରିତ ଅର୍ଥବ୍ୟବସ୍ଥାକୁ ବୋଧ କରାଇଥାଏ । ଏହିଭଳି ଭାବରେ ବୈଶ୍ୱିକ ଅର୍ଥବ୍ୟବସ୍ଥାକୁ ବିଶ୍ୱ ସମାଜର ଅର୍ଥବ୍ୟବସ୍ଥା ବୋଲି କୁହାଯାଇପାରେ ଓ ଜାତୀୟ ଅର୍ଥବ୍ୟବସ୍ଥାକୁ ସ୍ଥାନୀୟ ଅର୍ଥବ୍ୟବସ୍ଥା ବୋଲି ଆମେ କହିପାରିବା । ବର୍ତ୍ତମାନର ବ୍ୟବସ୍ଥା ଧନୀ ବା ବିକଶିତ ଦେଶଗୁଡିକର ହିତଗୁଡିକର ପୋଷକ ଅଟେ । ନୂଆ ଅନ୍ତଃରାଷ୍ଟ୍ରୀୟ ଅର୍ଥବ୍ୟବସ୍ଥାର ଉଦ୍ଦେଶ୍ୟ ବର୍ତ୍ତମାନ ବ୍ୟବସ୍ଥାକୁ ସମାପ୍ତ କରି ଏହାକୁ ନ୍ୟାୟପୂର୍ଣ୍ଣ ଓ ସମାନ କରିବାର ଅଛି ଯେପରି ଏହା ବିକାଶଶୀଳ ଦେଶଗୁଡିକର ମଧ୍ୟ ହିତର ପୋଷକ ହୋଇପାରିବ । ବୈଶ୍ୱିକ ଅର୍ଥବ୍ୟବସ୍ଥାକୁ ପ୍ରାଥମିକ କ୍ଷେତ୍ର, ଦ୍ୱିତୀୟ କ୍ଷେତ୍ର ଓ ତୃତୀୟ କ୍ଷେତ୍ର ବା ସେବା କ୍ଷେତ୍ର ପରି ତିନୋଟି ଭାଗରେ ବଣ୍ଟା ଯାଇଛି । ଏହି ଅର୍ଥବ୍ୟବସ୍ଥାର କେତେଗୁଡିଏ ଲାଭ ମଧ୍ୟ ରହିଛି । ଯେଉଁଥିରେ ସାମିଲ ଅଛି ମୁକ୍ତ ବ୍ୟାପାର, ଶ୍ରମରୁ ଛୁଟି, ବଡ ଧରଣର ଉଦ୍ୟୋଗର ବୃଦ୍ଧି, ନିବେଶରେ ବୃଦ୍ଧି ପରି କେତେକ ଲାଭ । ଦେଶଗୁଡିକ ପାଇଁ ବସ୍ତୁର ଆଦାନ-ପ୍ରଦାନ କରିବା ପାଇଁ ମୁକ୍ତ ବ୍ୟାପାର ଏକ ଉତ୍କୃଷ୍ଟ ଉପାୟ । ଅର୍ଥମନ୍ତ୍ରୀ ସୀତାରମଣ କହିଲେ ଯେ ବିଶ୍ୱ ସମ୍ମୁଖରେ ରହିଛି ଅନେକ ଚ୍ୟାଲେଞ୍ଜ, ସେଥିପାଇଁ ଆମର ପଲିସି ଅତ୍ୟନ୍ତ ସ୍ୱଚ୍ଛ, ସହଯୋଗାତ୍ମକ ଓ ଉତ୍ତମ ଯୋଗାଯୋଗ-ସମ୍ପନ୍ନ ସହିତ ସର୍ବସମ୍ମତ ହେବା ଉଚିତ। ଏଥିରେ ଅବଶ୍ୟ ରିସ୍କ ରହିଛି, ତଥାପି ବିଶ୍ୱ ଅର୍ଥବ୍ୟବସ୍ଥା ଅଧିକ ରିସ୍କର ସମ୍ମୁଖୀନକୁ ଆମେ ମିଳିତ ସହଯୋଗ ଦ୍ୱାରା ଏହାକୁ ଅଟକାଇ ପାରିବା। ସେ ଆହୁରି କହିଥିଲେ ଯେ ଭାରତର ଉଦ୍ୟମ ଏହି କ୍ଷେତ୍ରରେ ପ୍ରେରଣାଦାୟକ ହେବ ଯାହାଫଳରେ ବିଶ୍ୱର ଅର୍ଥବ୍ୟବସ୍ଥା ଖୁବ୍ ଉନ୍ନତମାନର ହେବ ଏବଂ ଶାନ୍ତି ବଜାୟ ରହିବ ବିଶ୍ୱରେ। ଭାରତର ଅର୍ଥମନ୍ତ୍ରୀ ସୀତାରମଣଙ୍କ କହିବାନୁସାରେ ଯଦି ସବୁ ଦେଶ ମନପ୍ରାଣ ଦେଇ ଏହି ଅଧିବେଶନର ନିର୍ଯାସକୁ କାମରେ ଲଗାଇପାରିବେ, ତେବେ ବିଶ୍ୱର ଅର୍ଥବ୍ୟବସ୍ଥାରେ ନିଶ୍ଚିତ ଏକ ସକାରାତ୍ମକ ପ୍ରଭାବ ପକାଇବ ଏଥିରେ ସନ୍ଦେହ ନାହିଁ । ଆଗକୁ ଥିବା ପରବର୍ତ୍ତୀ ଅଧିବେଶନରେ କିପରି ଠୋସ୍ ପଦକ୍ଷେପ ଜି- ୨୦ ଦେଶଗୁଡିକ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଶିକ୍ଷକତାକୁ ଦୂରୁ ଜୁହାର

### ଶ୍ରୀବତ୍ସ ନାୟକ



ଶପଥ ନେଉଥିଲେ ନବନିଯୁକ୍ତି ଶିକ୍ଷକ । ତାଳି ମାରି ଉତ୍ସାହିତ କରିବା ସହ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପଦେଶ ଦେଉଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ । ଶିକ୍ଷକତାକୁ ନିଷ୍ଠାର ସହ ପାଳନ କରିବା ପାଇଁ ଉପଦେଶ ଦେଉଥିଲେ । କୁଆଡେ କହୁଥିଲେ ଶିକ୍ଷକତାକୁ ଏକ ବୃତ୍ତି ଭାବେ ନୁହେଁ ବରଂ ସଂକଳ୍ପ ଭାବେ ଗ୍ରହଣ କରି ନିଷ୍ଠାପର ସହ କାର୍ଯ୍ୟ କରନ୍ତୁ । ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ କଥା । କାହିଁକି ନା ଏକ ରାଷ୍ଟ୍ରର ବିକାଶ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ ତାର ଶିକ୍ଷା ବ୍ୟବସ୍ଥା ତଥା ଉନ୍ନତ ଶିକ୍ଷକମାନଙ୍କ ଦ୍ୱାରା। ଗୁଣାତ୍ମକ ଶିକ୍ଷା, ଉନ୍ନତ ଶିକ୍ଷା ବ୍ୟବସ୍ଥା ତଥା ଉତ୍ତମ ଶିକ୍ଷକମାନଙ୍କ ଦ୍ୱାରା ଦେଶର ଉନ୍ନତି ପରିକଳ୍ପନା କରାଯାଇପାରେ । ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ମାନେ ଜନନାୟକ ସାଜି ଦେଶକୁ ପ୍ରଗତି ଆଡ଼କୁ ଅଗ୍ରସର କରିଥାନ୍ତି । ତେଣୁ ଏହି ଭଳି ପରିସ୍ଥିତି ରେ ଆମ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷକମାନଙ୍କ ପ୍ରତି ପ୍ରୀତି ତଥା ଶିକ୍ଷା ପାଇଁ ତତ୍ପରତା ନିହାତି ପ୍ରଶଂସନୀୟ । ମୁଁ ଜଣେ ଶିକ୍ଷକ ଭାବେ କଥାଟିର ପ୍ରାସଙ୍ଗିକତାଟିକୁ ଅତି ନିକଟରୁ ଉପଲବ୍ଧି କରିଛି ଓ ଅଙ୍ଗେ ନିଭେଇଛି । ମୋର ଚାହୁଁ ଚାହୁଁ ଅଧ୍ୟାପନା ଜୀବନର ଏକ ଦଶନ୍ଧି ବିତିଗଲା । ବୃତ୍ତିଗତ ଜୀବନ ରେ କେତେ ସଫଳ ହୋଇଛି କେତେ ବିଫଳ ହୋଇଛି, କେତେ ପ୍ରଶଂସା ସାଉଁଟିଛି, କେତେ ନିନ୍ଦା ଶୁଣିଛି ତାହା ତ ଅଲଗା କଥା କିନ୍ତୁ ନିଶ୍ଚିତ ଭାବେ ଗୋଟେ କଥା ମୋର ମନ ମଧ୍ୟରେ ସବୁବେଳେ ପ୍ରଶ୍ନ ହୋଇ ଛିଡା ହୋଇଛି । ଅନେକ ଥର ଚିନ୍ତା କରିଛି, ସମୀକ୍ଷା ମଧ୍ୟ କରିଛି । ପ୍ରଶ୍ନଟିର ଉତ୍ତର ପାଇବା ପାଇଁ ଅନେକ ବିଜ୍ଞ ବ୍ୟକ୍ତି ତଥା ଶିକ୍ଷାବିତ୍ ମାନଙ୍କ ସହ ମଧ୍ୟ ମୋର ବ୍ୟକ୍ତିଗତ ପ୍ରଶ୍ନଟିକୁ ମଧ୍ୟ ରଖିଛି ତଥାପି ସନ୍ତୋଷ ଜନକ ଉତ୍ତର ପାଇଲି ନାହିଁ । କେବଳ ସେତିକି ନୁହେଁ ବିଭିନ୍ନ ସେମିନାର, କନଫରେନ୍ସ ଇତ୍ୟାଦିରେ ଯଦି କେବେ ବି କହିବାର ସୁଯୋଗ ମିଳିଛି ସେଠି ମଧ୍ୟ ସେହି ସମାନ ପ୍ରଶ୍ନ ଉତ୍ଥାପନ କରିଛି । କାହିଁକି କେଜାଣି ସେହି ଅସମାହିତ ପ୍ରଶ୍ନ ମୋର ମନକୁ ବିଚଳିତ କରି ଚାଲିଛି । ଶିକ୍ଷାଦାନ ବୃତ୍ତି ରେ ନିଜକୁ ସାମିଲ କରିବା ଦିନଠାରୁ ଅନେକ ମେଧାବୀମାନଙ୍କ ସହ ଭେଟିବାର ସୁଯୋଗ ପାଇଛି । ଖାଲି ଭେଟିଛି ତ ତାହା ନୁହେଁ ବରଂ କିଛି ସମୟ ବିତାଇଛି ସେମାନଙ୍କ ସହ ଏବଂ ସେଠି ମଧ୍ୟ ସେହି ସମାନ ପ୍ରଶ୍ନ ରଖିଛି । ବିଦ୍ୟାଳୟ ଶିକ୍ଷା ସମାପ୍ତ କରି, ମନରେ ଅନେକ ସ୍ୱପ୍ନ, ସମ୍ଭାବନାକୁ ନେଇ ଛାତ୍ର ଛାତ୍ରୀ ମାନେ ନୂଆକରି ମହାବିଦ୍ୟାଳୟରେ ପାଦ ଥାପିଥନ୍ତି । ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ସେମାନେ କୁହନ୍ତି କିଏ ଡାକ୍ତର ହୋଇ ରୋଗୀ ସେବା କରିବ, କିଏ କୁହେ ରାଜନୀତି ରେ ମାତିବି, କିଏ କୁହେ ମୁଁ ଇଞ୍ଜିନିୟର ହେବି, କିଏ କୁହେ ମୁଁ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବି, କିଏ କୁହେ ମୁଁ ସୈନିକ ହୋଇ ଦେଶର ସୁରକ୍ଷା କରିବି, କିଏ କୁହେ ମୁଁ ଆରକ୍ଷୀ ବିଭାଗରେ ରହିବି କିଏ କୁହେ ମୁଁ ବ୍ୟାଙ୍କିଙ୍ଗ ସଂସ୍ଥାରେ କାର୍ଯ୍ୟ କରିବି ତ କିଏ ପୁଣି କୁହେ ମୁଁ ଓକିଲ ହୋଇ ଦେଶରେ ଆଇନର ରକ୍ଷକ ହେବି ଇତ୍ୟାଦି । ଏହି ଭଳି ଅନେକ ସ୍ୱପ୍ନ ନେଇ ପ୍ରତିବର୍ଷ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟକୁ ଆସିଥାନ୍ତି । ଅଳ୍ପ ବୟସରେ ସେମାନଙ୍କର ଉଚ୍ଚ ଚିନ୍ତାଧାରା ନିଶ୍ଚିତ ଭାବେ ମୋ ପକ୍ଷେ ସ୍ୱାଗତ ଯୋଗ୍ୟ । ଭଗବାନ କରନ୍ତୁ ସମସ୍ତେ ନିଜ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଆନ୍ତୁ । ଏହି ଭଳି ଲକ୍ଷ୍ୟ ନେଇ ସେମାନେ ନିଜ ଗନ୍ତବ୍ୟ ପଥରେ ପଥିକ ସଜିଥାନ୍ତି । ଯଦିଓ ଛାତ୍ରଛାତ୍ରୀ ହୁଅନ୍ତୁ କିମ୍ବା ଅଭିଭାବକ ହୁଅନ୍ତୁ ପ୍ରଶ୍ନଟି ତାଙ୍କୁ ମୁଁ କେବେ କରିନାହିଁ କିନ୍ତୁ ମନେ ମନେ ଭାବେ କାହିଁକି ସେମାନେ ମୋ ବୃତ୍ତିକୁ ଆପଣାଇବାକୁ ପସନ୍ଦ କରୁନାହାନ୍ତି । ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତର ଲକ୍ଷ୍ୟ ଜାଣିବା ଛଳରେ ମୁଁ ଖୋଜୁଥାଏ କାହିଁକି ମେଧାବୀ ମନେ ଶିକ୍ଷକତା ବୃତ୍ତିକୁ ନାପସନ୍ଦ କରୁଛନ୍ତି? କେହି ଜଣେ ହେଲେ କହୁ କି ମୁଁ ଭବିଷ୍ୟତ ରେ ଜଣେ ଶିକ୍ଷକ ହେବି କିମ୍ବା ଅଧ୍ୟାପକ ହେବି । କାହାରି ଠାରୁ ଜାଣିବାକୁ ପାଇଲି ନାହିଁ କି ସେମାନଙ୍କ ମଧ୍ୟରୁ କିଏ ଜଣେ ଭଲ ଶିକ୍ଷକଟିଏ ହେବ । ତେଣୁ ମନର ପ୍ରଶ୍ନକୁ ମନରେ ରଖି ଛାତ୍ରଛାତ୍ରମାନଙ୍କୁ ଶିକ୍ଷକତା ବୃତ୍ତି ଉପରେ କିଛି ସମୟ ବୁଝେଇଲି । କଥାଟି ଏହିପରି ଥିଲା କି ପିଲାମାନେ ଭବିଷ୍ୟତରେ ତୁମେ ମାନେ ନିଜ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ହେଲେ ଶିକ୍ଷକ ମାନଙ୍କର ଅବଦାନ ନିତ୍ୟାନ୍ତ ଜରୁରୀ । ତୁମମାନଙ୍କର ଭବିଷ୍ୟତ ନିର୍ମାତା ହେଉଛନ୍ତି ସେମାନେ । ଶିକ୍ଷକ ଶ୍ରେଣୀ ଗୃହର ଚାରି କାନ୍ଥ ମଧ୍ୟରେ ଗଢ଼ିଥାନ୍ତି ଡାକ୍ତର, ଓକିଲ, ଇଞ୍ଜିନିଅର, ଅଫିସର, ପୋଲିସ, ରାଜନେତା, ବୈଜ୍ଞାନିକ ଇତ୍ୟାଦି । ଶିକ୍ଷକ ମାନେ ଶିକ୍ଷା ଦିଅନ୍ତି । ଛାତ୍ର ଛାତ୍ରୀ ମାନଙ୍କୁ ଶୃଙ୍ଖଳିତ କରିବା ପାଇଁ କଠୋର ଅନୁଶାସନ କରନ୍ତି । ତୁମ ମାନଙ୍କର ଚରିତ୍ର ଗଠନ ହେଉ କିମ୍ବା ସଫଳତା, ସୁସ୍ଥ ସମାଜ ହେଉ କିମ୍ବା ଉନ୍ନତ ରାଷ୍ଟ୍ର ହେଉ, ସବୁଥିରେ ଶିକ୍ଷକ ମାନଙ୍କର ଅବଦାନ ଅବିସ୍ମରଣୀୟ । ଜ୍ଞାନ, ଚରିତ୍ର ତଥା ରାଷ୍ଟ୍ର ନିର୍ମାଣର ମୁଖ୍ୟ ବିଧାଣୀ ହେଉଛନ୍ତି ଶିକ୍ଷକ । ସେମାନେ ରାଷ୍ଟ୍ର ନିର୍ମାତା। ମଣିଷ ତିଆରି କାରଖାନାର ବିଶ୍ୱକର୍ମା । ଛାତ୍ର ଛାତ୍ରୀ ମାନଙ୍କର ଭାଗ୍ୟ ନିର୍ମାତା । ବୃତ୍ତି ଶ୍ରେଷ୍ଠ ଶିକ୍ଷକତା । ଶିକ୍ଷା ଦାନ ମହତ୍ ଦାନ। ଏହା ହେଉଛି ଅତୁଳନୀୟ ବୃତ୍ତି କାହିଁକି ନା ଏହା ଅନ୍ୟ ସମସ୍ତ ବୃତ୍ତି କୁ ଜନ୍ମ ଦେଇଥାଏ । ଶିକ୍ଷାଦାନ ମାଧ୍ୟମରେ ଏକ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ କୌଶଳ ବାଣ୍ଟି ଥାଏ ତା ନୁହେଁ ବରଂ ସେମାନଙ୍କର ଭବିଷ୍ୟତକୁ ଉଜ୍ଜଳମୟ କରିଥାନ୍ତି। ସମାଜର ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଥାନ୍ତି ସେମାନେ । ଅନ୍ୟ କୌଣସି ବୃତ୍ତିକୁ ଦେଖିଲେ ଏହା ସ୍ପଷ୍ଟ ଅନୁମେୟ ଯେ ବୃତ୍ତିରେ ନିଯୁକ୍ତି ହୋଇଥିବା ବ୍ୟକ୍ତି ଯଦି କୌଣସି ତ୍ରୁଟି କରେ ତଦ୍ୱାରା ଏକ ସୀମିତ ପରିବେଶ ପ୍ରଭାବିତ ହୋଇଥାଏ, କିନ୍ତୁ ଶିକ୍ଷା ଭଳି ଏକ ମହତ ବୃତ୍ତିରେ ନିୟୋଜିତ ହୋଇଥିବା ବ୍ୟକ୍ତି ଯଦି କିଛି ତୃଟି କରେ ତେବେ ତାହା ସମଗ୍ର ମାନବ ଜାତି ଉପରେ ପଡ଼ିଥାଏ । ତେଣୁ ଏହି ବୃତ୍ତିକୁ ନିହାତି ପକ୍ଷେ ଉତ୍ତମ ବ୍ୟକ୍ତି ମାନେ ଆସିବା ଦରକାର । ଶିକ୍ଷକତା ବୃତ୍ତି ଏକ ମହତ ବୃତ୍ତି ଯାହା ଏକ ବ୍ୟକ୍ତି କୁ ସମାଜରେ ଶ୍ରେଷ୍ଠ ସ୍ଥାନ ଦେଇଥାଏ। ବିଶେଷକରି ଇତିହାସକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଅନୁମେୟ କି ଭାରତ ଭୂଖଣ୍ଡ ସର୍ବଦା ଗୁରୁମାନଙ୍କୁ ଉଚ୍ଚ ସ୍ଥାନରେ ଅଧିଷ୍ଠିତ କରିଛି । ଏଥିରେ ନିୟୋଜିତ ଥିବା ଗୁରୁ ମାନଙ୍କର କୃପା ବିନା ଜୀବନ ଯାତ୍ରା ସଫଳ ହୁଏ ନାହିଁ। ପ୍ରତ୍ୟେକ ସଫଳ ବ୍ୟକ୍ତିରେ ପଛରେ ଜଣେ ଶ୍ରେଷ୍ଠ ଗୁରୁର ହାତ ନିଶ୍ଚିତ ଭାବେ ଥାଏ । ଆଧ୍ୟାତ୍ମିକ ସାଧନାର ଅନ୍ତର୍ବେଦୀ ଓ ଆର୍ଯ୍ୟ ଋଷିମୁନିଙ୍କର ତପୋଭୂମି ଭାରତ ବର୍ଷ ସର୍ବଦା ଗୁରୁମାନଙ୍କୁ ସୁଉଚ୍ଚ ସ୍ଥାନ ପ୍ରଦାନ କରିଛି । ଶିକ୍ଷକତା ଏକ ପବିତ୍ର ବୃତ୍ତି । ଗୁରୁ କୃପା ବିନା ଜୀବନ ଯାତ୍ରା ଦିଗହରା ହୋଇଯାଏ । ଗୁରୁଙ୍କ ସ୍ମରଣ ଦ୍ୱାରା, ଦୃଷ୍ଟି ଦ୍ୱାରା, ସ୍ପର୍ଶ ଦ୍ୱାରା ଗୁରୁଙ୍କ ଆଦର୍ଶ କୁ ମନେ ପକେଇବା ଓ ତାହାକୁ ଜୀବନ ଚର୍ଯ୍ୟାରେ ବିନିଯୋଗ କରିବା ଦ୍ୱାରା ଛାତ୍ର ଛାତ୍ରୀ ମାନେ ନିଜର ଲକ୍ଷ୍ୟକୁ ପ୍ରତିପାଦିତ କରିପାରିବେ । ବିନା ଗୁରୁରେ କୌଣସି କାର୍ଯ୍ୟ ସଫଳ ହୁଏ ନାହିଁ । ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ମହେଶ୍ୱର ଆଦି ଭଳି ଯେତେ କଥା କହିଲେ ମଧ୍ୟ ମେଧାବୀ ଛାତ୍ର ଛାତ୍ରୀଙ୍କର ଏହି ବୃତ୍ତିକୁ ନାପସନ୍ଦ କରିବା ଏକ ଚିନ୍ତାର ବିଷୟ ପାଲଟିଛି । ସମୟ ଆସିଛି ଆମକୁ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ । କାହିଁକି ଏହିଭଳି ଆଦର୍ଶ ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି ମେଧାବୀ ମାନେ? (କ୍ରମଶଃ)

ଅଧ୍ୟାପକ, ବାଣିଜ୍ୟ ବିଭାଗ,
କଟକ, ୯୪୩୮୦୭୦୮୪୯

## ଅସହ୍ୟ ହେଲାଣି ମହଙ୍ଗା ମାଡ଼

### ଆଶୁତୋଷ ଦାସ



ବର୍ତ୍ତମାନର ବଜାରକୁ ଦେଖିଲେ ଆଉ ପୂର୍ବପରି ପକେଟରେ ପଇସା ପୁରାଇ ବ୍ୟାଗରେ ଆଉ ପନିପରିବା କିଣି ହେବନାହିଁ। ସର୍ବନିମ୍ନ ସାରୁଫାରୁ ଛଞ୍ଚୁଣା, ଜହ୍ନିଠାରୁ ଲଙ୍କା, ବାଇଗଣ ଠାରୁ କଲରା ସବୁର ଅମୂଲ ମୂଲ ବଜାର ଚଢ଼ା ରେଟ। ବଜାର ଦରରେ ଏବେ ଯେମିତି ନିଆଁ ଲାଗି ପ୍ରତିଦିନ ପନିପରିବାର ଭାଉ ହୁହୁ ହୋଇ ଆକାଶ ଛୁଇଁ ଥିବାବେଳେ ଅନେକ କ୍ଷେତ୍ରରେ ଦେଖାଦେଉଛି ବାସ୍ତବରେ ଚାଷୀ ଯେତିକି ମୂଲ୍ୟରେ ପନିପରିବା ବିକୁଛି ତା'ଠାରୁ ଦୁଇଗୁଣାରେ ବେଶୀ ମୂଲ୍ୟରେ ବ୍ୟବସାୟୀମାନେ ବଜାରରେ ବିକ୍ରି କରୁଛନ୍ତି। ବର୍ଷା ଦିନ, ସାମଗ୍ରୀ ସଙ୍କଟ, ପରିବହନ ବାଧାପ୍ରାପ୍ତ ଏହିଭଳି ଦୁନିଆ ବାହାନା ଦେଖାଇ ଦରଦାମକୁ କିଛି ମୁନାଫାଖୋର ବ୍ୟବସାୟୀମାନେ ବଢ଼ାଇ ଚାଲିଛନ୍ତି। ତେବେ ପ୍ରଶାସନର ନିୟନ୍ତ୍ରଣ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ସାଧାରଣରେ ଖାଉଟି ମଧ୍ୟରେ ଏହି ଦର ବୃଦ୍ଧି ଚଡ଼କ ସଦୃଶ। ଚାଷୀ ବିକୁଥିବା ମୂଲ୍ୟ ଓ ଖାଉଟି କିଣୁଥିବା ମୂଲ୍ୟ ଭିତରେ ବିରାଟ ବ୍ୟବଧାନ ରହୁଛି। ବର୍ତ୍ତମାନ ବଜାରରେ କୌଣସି ପରିବା ୧୦୦ ତଳକୁ ନାହିଁ। ଶ୍ରାବଣ ମାସ ଥିବାରୁ ଆଗକୁ ବଡ଼ ବର୍ଷାର ସମ୍ଭାବନା ଓ ମୌସୁମୀର ଲଗାଣ ବର୍ଷା ସମ୍ଭାବନା ଥିବାରୁ ପନିପରିବା ଦରର ଶୀଘ୍ର ଖସିଲା ପରି ଲାଗୁନି।

ଗତ କିଛି ମାସ ହେବ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ହୁହୁ ହୋଇ ବଢ଼ିଚାଲିଛି। ପ୍ରାୟ ଅଧିକାଂଶ ସାମଗ୍ରୀ ଦର କିଲୋ ପ୍ରତି ୫୦ରୁ ୧୦୦ ଟଙ୍କା ବୃଦ୍ଧି ହୋଇଛି। ବର୍ଷା ଯୋଗୁ ପନିପରିବା ଫସଲ ଦର ବୃଦ୍ଧି କୁହାଯାଉଥିବା ବେଳେ ଡାଲି, ଚାଉଳ, ଜିରା, ଲଙ୍କା, ସୋରିଷ, ଅଦା, ରସୁଣ ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ଏସବୁର ଦରବୃଦ୍ଧି ମଧ୍ୟବିତ୍ତ ଓ ଗରିବ ବର୍ଗଙ୍କୁ ବହୁ କଷ୍ଟ ଦେଉଛି। କର୍ପୋରେଟ ହାତକୁ ରିଟେଲ ମାର୍କେଟ ଟେକିଦେବା ଏବଂ ସରକାରଙ୍କ ଦୂରଦୃଷ୍ଟି ଅଭାବ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପକାଇଛି।

ଗତ ଦୁଇ ତିନି ମାସ ମଧ୍ୟରେ ଚାଉଳ କୁଇଣ୍ଟାଲ ପିଛା ଦର ୭୦୦ ରୁ ୮୦୦ ଟଙ୍କା ବଢ଼ିଗଲାଣି। ଅର୍ଥାତ୍ ଯେଉଁ ଚାଉଳ କିଲୋ ପିଛା ୨୫ ଟଙ୍କାରେ ମିଳୁଥିଲା, ଏବେ ତାହା ୩୨ରୁ ୩୫ ଟଙ୍କାରେ ପହଞ୍ଚିଲାଣି। ଚାଉଳ ଦର ଗତ ୧୦ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସେହିପରି ୧୦୦ରୁ ୧୧୦ ଟଙ୍କାରେ ମିଳୁଥିବା ହରଡ଼ ଡାଲି ଏବେ ୧୮୦ ଛୁଇଁଲାଣି। ମୁଗ, ବୁଟ ଓ ବିରିଡାଲି ମଧ୍ୟ ସମତାଳରେ ବଢ଼ିଚାଲିଛି। କେବଳ ସେତିକି ନୁହେଁ ତରକାରି ସୁଆଦ ପାଇଁ ବ୍ୟବହୃତ ଜିରା, ଗୋଲମରିଚ, ପାନମଧୁରି, ଗୁଜୁରାତି ଦର ମଧ୍ୟ ଏବେ ଅମୂଲ ମୂଲ ହୋଇଛି। ଦୁଇ ମାସ ପୂର୍ବରୁ ଜିରା କିଲୋ ଅଢ଼େଇ ଶହରୁ ତିନିଶହ ଟଙ୍କାରେ ମିଳୁଥିବା ବେଳେ ଏବେ ୭୦୦ ଛୁଇଁଲାଣି। ସେହିପରି ଅଦା ୨୦୦ ଟଙ୍କାରୁ ତଳକୁ ଖସୁ ନଥିବାବେଳେ ରସୁଣ କିଲୋ ମଧ୍ୟ ୧୫୦ ଉପରେ ରହିଛି। ସେହିପରି ଗହମଜାତ ସାମଗ୍ରୀ ଅଟା, ସୁଜି, ମଇଦା ମୂଲ୍ୟ ମଧ୍ୟ ଉପରମୁହାଁ ହେବାରେ ଲାଗିଛି। ଅନ୍ୟପକ୍ଷରେ ପନିପରିବା ବଜାରରେ ଦର ସାମାନ୍ୟ ତଳମୁହାଁ ହୋଇଛି। କିନ୍ତୁ ଟମାଟୋ ୧୦୦ ଟଙ୍କା ଉପରେ ବିକ୍ରି ହେଉଥିବାବେଳେ ବାଇଗଣ, କଲରା, ପୋଟଳ, ଜହ୍ନି ଓ ଝୁଡ଼ୁଙ୍ଗ, କାକୁଡି କିଲୋ ୫୦ ତଳକୁ ନାହିଁ। ସେହିପରି କଞ୍ଚାଲଙ୍କା ୨୦୦ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ବିନସ ଦେଢ଼ଶହ ଟଙ୍କାରେ ବିକ୍ରି ହେଉଛି। ଭୁବନେଶ୍ୱର ୧ ନମ୍ବର ହାଟ ହେଉ କି କଟକ ଛତ୍ରବଜାର ସବୁଠି ଅଧିକ ଦରରେ ପନିପରିବା ବିକ୍ରି ହେଉଛି।

ବଳକା ଚାଉଳ ରାଜ୍ୟ ଓଡ଼ିଶା ଏବେ ଚଢ଼ା ଦରବୃଦ୍ଧି କଷଟିରେ କଷି ହେଉଛି। ସରକାର ରାଜ୍ୟର ପ୍ରାୟ ୨୬ ଲକ୍ଷ କୁଇଣ୍ଟାଲ ବଳକା ଚାଉଳକୁ ବିକିବାକୁ କେନ୍ଦ୍ର ସରକାରଙ୍କ ପଛରେ ଗୋଡ଼ାଇଥିବା ବେଳେ ରାଜ୍ୟରେ ଦରବୃଦ୍ଧି ସାଧାରଣ ଖାଉଟିଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ବିଭିନ୍ନ ଖୁଚୁରା ବଜାର ଉପରେ କର୍ପୋରେଟ ହାଉସର ନିୟନ୍ତ୍ରଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଉତ୍ପାଦନ ଆରମ୍ଭରୁ ବଡ଼ ବଡ଼ ମଲ ଓ ଷ୍ଟୋର ଗୁଡ଼ିକ ଅତ୍ୟାବଶ୍ୟକ ସମାଗ୍ରୀ କିଣି ମହଜୁଦ କରି ରଖୁଥିବାରୁ ବଜାରରେ ଅଭାବ ପଡୁଛି। ତିରୋଟ ସମୟରେ ସେମାନେ ଲାଭବାନ ହେଉଥିବା ବେଳ ଗରିବ ଓ ମଧ୍ୟବିତ୍ତ ଲୋକେ ମହଙ୍ଗା ମାଡ଼ରେ ସନ୍ତୁଳି ହେଉଛନ୍ତି। ଖୁଚୁରା ବଜାରରେ ବିଦେଶୀ ପୁଞ୍ଜି ନିବେଶକୁ ଅନୁମତି ଦେବା ପରେ ଏଭଳି ପରିସ୍ଥିତି ହୋଇଛି। ବଡ଼ ବଡ଼ ମଲ କରିଥିବା କର୍ପୋରେଟ ସଂସ୍ଥା ବଜାରକୁ ନିୟନ୍ତ୍ରଣ କରୁଛନ୍ତି। ସରକାର ଅସହାୟ ହୋଇଛନ୍ତି। ଯେତେବେଳେ ଦର ଯାହା ହେବ ଖାଉଟି ନେବାକୁ ବାଧ ହେବେ। ଏପଟେ ଚଳିତ ବର୍ଷ ରାଜ୍ୟରେ ଆମ୍ବ ଉତ୍ପାଦନ ବଢ଼ିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଲା। ସେଥିରେ ପୁଣି ବର୍ଷା, ଖରାମାଡ଼ କିମ୍ବା କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ହେଲେ ଇନପୁଟ ସବସିଡ଼ି କିମ୍ବା ବୀମାର ଲାଭ ମଧ୍ୟ ପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳେନାହିଁ। ଏଭଳି ସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ବର୍ଷାକୁ ଆଖି ଆଗରେ ପରିବା ଚାଷ କରିବା କେତେ କଷ୍ଟକର ଅନୁମାନ କରାଯାଇପାରେ। ଏଥିଯୋଗୁଁ ଧାନ ଭଳି ପରିବା ଚାଷ କରିବାକୁ ସାହାସ ଜୁଟୁ ନଥିବା ଅନେକ ଚାଷୀ କହନ୍ତି।

ଉତ୍ପାଦନ ବେଶୀ ନଥିବାରୁ ଚାହିଦା ଓ ଯୋଗଣ ଭିତରେ ବଡ଼ ପାର୍ଥକ୍ୟ ରହିଥାଏ। ରାଜ୍ୟ ଅଧିକାଂଶ ସମୟ ବାହାର ରାଜ୍ୟର ପରିବାର ବଜାର ଉପରେ ନିର୍ଭରଶୀଳ ରହୁଥିବାରୁ ଓ ବର୍ତ୍ତମାନ ଉତ୍ପାଦିତ ପ୍ରଭାବିତ ଥିବାରୁ କିଛି ସମୟ ଦର ଚଢ଼ା ରହିବ ଏବଂ ଆଗାମୀ କିଛି ସପ୍ତାହ ପରେ ନୂଆ ଫସଲ ଆସିବା ପର୍ଯ୍ୟନ୍ତ ଦର ଆହୁରି ବଢ଼ିବ। ସେହିପରି ଆମ୍ଭମାନଙ୍କ ଭିତରେ ବାରି ବଗିଚାରେ କିଛି ନିହାତି ଉତ୍ପାଦିତ କରିପାରୁଥିବା କଞ୍ଚା ଲଙ୍କାଟିଏ ହେଉ ବା ଜହ୍ନି ବୁଦାଏ, ବାଇଗଣ ହେଉ ବା ବିଲାତି ବାଇଗଣ ଏପରିକି ଶାଗ ପଟାଳିଟି କରିବାର ଆଗ୍ରହ ବା ଶ୍ରଦ୍ଧା କିଛି ମାନସିକତା ଆମ ମାନଙ୍କ ଭିତରେ ବି ନାହିଁ। ଏସବୁର ପରାଭବ ଆମ୍ଭମାନଙ୍କୁ ଭୋଗିବାକୁ ପଡ଼ିବ ନିଶ୍ଚୟ। ଆଦବ କାଇଦା ଓ ବାବୁଭାୟା ଜୀବନ ବିତାଇ ନିଜର ଜାଗା ଖଣ୍ଡେ ଥାଇ ମଧ୍ୟ ଯଦି ଆମେ ସର୍ବନିମ୍ନ ବାରିରେ ପନିପରିବା ଗଛଟିଏ ଉଧାଇ ପାରିବା ନାହିଁ ତାହାହେଲେ ଆମେ ପରିବା ବେପାରୀଙ୍କ ଚଢ଼ା ମୂଲ୍ୟକୁ ମୁଣ୍ଡପାତି ସହିବାକୁ ବାଧ ହେବା ନିଶ୍ଚୟ। ପ୍ରଶାସନର ମଧ୍ୟ ବଜାର ଦରକୁ ନିର୍ଦ୍ଦିଷ୍ଟ ଲଗାମ ଲଗାଇବା ପାଇଁ ଆଇନ ଥିଲେ ବି ସେମାନେ ହାତ ଟେକିଦେବା ପାଇଁ ବାଧ ହେଉଛନ୍ତି। ତେଣୁ ଏ କ୍ଷେତ୍ରରେ ବଡ଼ ଚିନ୍ତା କରିବାର ସମୟ ଆସିଛି କାରଣ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ପରିଚିତ ଓ ଉତ୍କୃଷ୍ଟ ଚାଷ ପାଇଁ ଅନେକ ବର୍ଷ ଧରି କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶା ରାଜ୍ୟ ଶ୍ରେଷ୍ଠ କୃଷି କର୍ମଣ ପୁରସ୍କାର ମଧ୍ୟ ପାଉଛି। ତେବେ ବର୍ତ୍ତମାନର ବଜାରର ଚଢ଼ା ମୂଲ୍ୟ ଆମ ସମସ୍ତଙ୍କ ପାଇଁ କେବଳ ଅର୍ଥନୀତିର ବିଚାର ନୁହେଁ, ନିଜ ବାରିଘରେ କିଛି ଗୋଟିଏ ପନିପରିବା ଗଛ ନଲଗାଇବା କ'ଣ ପାଇଁ? ଏହି ବିଚାରକୁ ଟିକେ ନିଜ ଭିତରକୁ ଗ୍ରହଣ କଲେ ଅନେକ ଉତ୍ତର ଆମେ ପାଇଯିବା।

'କଳ୍ପନା', ସିଦ୍ଧଳ,
କାଦୁଆପଡ଼ା, ଜଗତସିଂହପୁର,
ମୋ : ୯୪୩୭୧୭୯୨୭୬






### ବର୍ଷା ଓ ମୁଁ

**ବିଶ୍ୱନାଥ କର**

ହୃଦୟ ସ୍ପନ୍ଦନ ତୁମ ଧକ୍କାଖାଏ
ମୋ ଛାତିରେ
ଶ୍ରାବଣ ସଞ୍ଜରେ
ବର୍ଷା ଆଉ ବର୍ଷା ଖାଲି ଭାରି ବର୍ଷା
ଯେତେବେଳେ ତୁମ ସହରରେ ।

ତମେତ ଏବେ ଏ ସହର ସେପାରେ
ତମ ସାଥେ ହେଉଥିବା ଶ୍ରାବଣୀ
ସକାଳ ଓ ସଞ୍ଜ
ଏବେ ମୋ ସ୍ୱପ୍ନରେ ବାନ୍ଧିଛି ବସା
ମୋ ଗୀତର ସୁର ତମ ପାଇଁ ଅପହଞ୍ଚ
ତଥାପି ମୋ ଦୁଆର ରଖିଛି ମେଲା ?
ଭିଜିବି ବୋଲି ତମ ଓଦା ଓଦା
ଛାତିର ସ୍ପନ୍ଦନେ
ବର୍ଷାର ତାଳରେ ।
ମୋ ଘରର କବାଟ ଝର୍କା କରିଥିଲି
ତମ ଘର ମୁହାଁ
ଓଦା ହେବି ବୋଲି
ତମ ଛାତରୁ ପଡୁଥିବା ବର୍ଷାର ପାଣି
ଛିଟିକାରେ
ତମ ଓଦା କେଶରୁ ଝରୁଥିବା ଟପ୍
ଟପ୍ ପାଣି ଫୋଟକାରେ
ଆକଣ୍ଠ ଭିଜିବି ବୋଲି
ତମ ଓଦା ଦେହର ବାସ୍ନା
ସାରା ଶ୍ରାବଣ
ମୋ ଘର ସାରା ଭଉଁରି
ଖେଳିବ ବୋଲି ।

ବାହାରେ ଝରୁଛି ବର୍ଷା
ମନରେ ଝରୁଛି ବର୍ଷା
ସାମ୍ନା ଗଛରେ ଭିଜୁଛି ଏକାକୀ ପକ୍ଷୀ
ସାଥିର ପ୍ରତୀକ୍ଷାରତ
ମୋ କାନଭାସ୍‌ରେ ବରସ
ଇନ୍ଦ୍ରଧନୁର ଛାଇ
ଏ ସହର ଜଳୁଛି ତମ ବିନା ବର୍ଷାର
ତତଲା ବାମ୍ଫରେ
ମୋ ଛାତିର ଅଦୃଶ୍ୟ କୋଣରେ ।

ବର୍ଷାର ଝୋଟିରେ ଦିଶୁଛି ତମ ଛାଇ
ଦିଶୁଛି ମୁଁ ମେଘର ଦୋଳିରେ
ବର୍ଷା ଆଉ ମୁଁ ତମ ପ୍ରତୀକ୍ଷାରେ
ଏବେ ସିନା ତମେ ନାହଁ ମୋ
ସହରରେ ଏ ଘନ କାଳରେ
ତମେ ବର୍ଷା ତମେ ପ୍ରିୟା
ତମେ ଶ୍ରାବଣୀ ପ୍ରେୟସୀ
ନାଚୁଛେ ହାତ ଛନ୍ଦି ତାଳ ଖୋଜି
ଭିଜା ଭିଜା ଶ୍ରାବଣୁ
ବର୍ଷା ଓ ମୁଁ ।

ସାଇ କଲୋନୀ,
ଦେଉଳସାହି,ତୁଳସୀପୁର,
କଟକ-୭୫୩୦୦୮
ମୋ:୯୭୭୬୩୩୨୬୩୯

### ଶ୍ରାବଣ ପ୍ରୀତି

**କୁନା ସେଠୀ**



ଆସିଲା ଶ୍ରାବଣ ହୋଇ ଛନ ଛନ
ଭରି ଦେଇ ପୁଣି ଆକାଶରେ ଘନ
ହସିଲା ଧରଣୀ ରାଣୀ
ଶୁଷ୍କ ମାଟି ତାର ପାଇବ ଆଦ୍ରତା
ବାସର ମହକ ବୁଣି ।
ଥୁଣ୍ଟା ବୃକ୍ଷ ଲତା ପାଇବେ ମମତା
ଜଳ ଘେନି ପୁଣି ଲଭିବେ ଯେ ଚେତା
ସବୁଜ ରୂପ କୁ ଘେନି
ପୁଷ୍ପ ଯୁକ୍ତ ହୋଇ ଥରାଇବେ ମହୀ
ସାଜି ପୁଣି ଅଭିମାନି ।
ନିଦାଘର ଦୁଃଖ ଭୁଲି ଯିବ କ୍ଷେତ
ଜଳ ପାଇ ସିଏ ହୋଇଯିବ ସିକ୍ତ
ଶସ୍ୟକୁ ଧରିବ ହିଆ
ସବୁଜ ସୁନ୍ଦର ହୋଇବ ତା ତୀର
ଧରାଣୀରେ ହବ ଠିଆ ।
ବୋଲ ବମ ପାଇଁ କାଉଡ଼ିଆ ଭାଇ
ମାନିସିକ କରି ରହିଛି ଅନାଇ
ଶ୍ରାବଣର ଆଗମନେ
ଆସିଲା ଶ୍ରାବଣ ହୋଇ ଛନ ଛନ
ଯିବ ସିଏ ଶିବ ସ୍ଥାନେ ।
ଚାଷୀ ଭାଇ ଚାଷ କରିବା ଲାଳସେ
ଚାହିଁ ରହିଥିଲା ଆକାଶର ଦେଶେ
ମୌସମୀ ଆସିଲା ବୋଲି
ଶ୍ରାବଣକୁ ସିଏ ଦେଇ ଧନ୍ୟବାଦ
କାଦରେ ଖେଳିଲା ହୋଲି ।
ନୀଳ ଆକାଶରେ ବଉଦ ମାତିଲେ
କଳା ଧଳା ରୂପ କେତେ ପ୍ରକାଶିଲେ
ଦେଖାଇ ନିଜର ଛଇ
ଭୁଲିଯାଇ ପିକ ହୋଇ ଧକ ଧକ
ରୂପକୁ ନିଜ ଦେଖାଇ ।
ଶ୍ରାବଣ ଆସିଲେ ଆସିଥାଏ ପ୍ରାଣ
ପଶୁ ପକ୍ଷୀ ଅବା ଯେତେ ଘାସ ତୃଣ
ହସଇ ଧରଣୀ ରାଣୀ
ତା ଠାରେ ମମତା ରଖି ଯେ ଜନତା
ହୁଅନ୍ତି ତାହାକୁ ଗୁଣୀ ।

ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

### ପ୍ରାର୍ଥନା...

**ରାମଚନ୍ଦ୍ର ବେହେରା**



ବିଶାଳ ପୃଥିବୀ ବିଶାଳ ଆକାଶ
ଅଗଣିତ ତାରା ଜହ୍ନ
ଏ ସୃଷ୍ଟି ତୁମର ସଂପୂର୍ଣ୍ଣ ନିଆରା
ହେ ପ୍ରଭୁ ଜଗମୋହନ।

କେତେ ଜୀବଜନ୍ତୁ ସୃଷ୍ଟି କରିଅଛ
ତା ମଧ୍ୟେ ମାନବ ଶ୍ରେଷ୍ଠ
କାହିଁକି କେଜାଣି ଏ ମଣିଷ ଆଜି
ହେଉଅଛି ପଥ ଭ୍ରଷ୍ଟ ।

ନିମିଷକେ ଛିନ୍ନ କରୁଅଛି ସିଏ
ସ୍ନେହ ମମତାର ଡୋର
ତା' ନିକଟେ ଆଜି ମାନେ ନାହିଁ କିଛି
ମିଳିମିଶି ବଂଚିବାର।

ତୁମେ ଦେଇଥିବା ଶୀତଳ ସମୀର
କେବେ ପ୍ରଳୟ ରଚାଏ
କେତେବେଳେ ପୁଣି ଶ୍ୱାସ ରୁଦ୍ଧକରେ
ପ୍ରାଣ ବାୟୁ ଉଡିଯାଏ ।

ମୃତ୍ୟୁ ଯଦି ସତ୍ୟ ତଥାପି କାହିଁକି
ମଣିଷ ଅବୁଝା ହୁଏ
କ୍ରୋଧର ଅଗ୍ନିରେ ନିଜେ ଜଳିପୋଡି
ଅନ୍ୟକୁ ଜଳାଇ ଦିଏ ।

ତୁମ ଶ୍ରୀଚରଣେ ଏତିକି ମିନତୀ
ଆହେ ପ୍ରଭୁ ଗିରିଧାରୀ
ନିର୍ବାପିତ କର କ୍ରୋଧର ଏ ବହ୍ନି
ଛିଂଚି ଦିଅ ମୈତ୍ରୀ ବାରି ।


ଖୁସିର କୁସୁମ ପ୍ରସ୍ଫୁଟିତ ହେଉ
ସଭିଂକ ହୃଦକୋଣରେ
ଏ ପୁଣ୍ୟ ଜୀବନ ସଦା ହସୁଥାଉ
ଲୋଟି ତୁମ ଶ୍ରୀପୟରେ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



ପଦ୍ମାଳୟା ସାମଲ

## ଚର୍ବି



ସକାଳୁ ସକାଳୁ କାମକରିବାକୁ ଆସି କାନ୍ଥକୁ ଡେରି ଥମ୍ କରି ବସିପଡ଼ିଲା ହେମ ଆମ ଘରେ । ମୁଣ୍ଡରେ ହାତ ଦେଇ କେଉଁ ଏକ ଗଭୀର ଚିନ୍ତାରେ ଅସ୍ତବ୍ୟସ୍ତ ହୋଇ ଉଠୁଥିଲା ସେ । ତା ଆଖିର ଗଭୀରତା ନିକଟରେ ମୋ ଶବ୍ଦ ପୂରାପୂରି ନିଷ୍ପ୍ରଭ । ସବୁଦିନ ତ କିଛି ନା କିଛି ଘଟଣା ଘଟିଥାଏ ତା ଜୀବନରେ । ତା ଭିତରେ କେତେ କେତେ ଗଡ଼ାଣି । ବେଶ କିଛି ସମୟର ନିରବତା ପରେ ସେ କହିଲା, 'କଣ କହିବି ନାନୀ,' କାଲି ବସ୍ତିରେ ସମସ୍ତେ ଖୁସି ଥିବାବେଳେ ମୁଁ ଥିଲି ଦୁଃଖୀ । ସରକାର ଯୋଗାଉଥିବା 'ଜାଗା ମିଶନ' ଲିଷ୍ଟରେ ମୋ ନାଁ ନାହିଁ । ବସ୍ତିରେ ରହିବା ପନ୍ଦର ବର୍ଷ ହେଇଗଲାଣି । ମୋର ରାସନ କାର୍ଡ ଅଛି । ଏଠି ଭୋଟ ଦଉଚି । ପାଞ୍ଚ ବର୍ଷ ହେଲା ବସ୍ତିରେ ରହୁଥିବା ଲୋକଙ୍କ ନାଁ ଲିଷ୍ଟରେ ଅଛି ହେଲେ ମୋ ନାଁ ନାହିଁ । ଭଗବାନ ଆଉ କେତେ ପରୀକ୍ଷା ନେବେ ମୋ ଠାରୁ । ଏତିକି କହୁ କହୁ ସେ ନିଜ କୋହକୁ ସମ୍ଭାଳିପାରିଲାନି, ଭୋ ଭୋ କାନ୍ଦିପକାଇଲା । ତାକୁ ସାନ୍ତ୍ୱନା ଦେବାକୁ ଯାଇ କହିଲି, 'ଆଗକୁ ଭୋଟ ଆସୁଛି ତ ନେତାମାନେ ତମକୁ ଭୁଆଁ ବୁଲାଉଛନ୍ତି । ଦଶବର୍ଷ ହେବ ଏକଥା ତ ମୁଁ ଶୁଣିଆସୁଛି । କାହାକୁ ମିଳିଲାଣି ଘର ? ବୁଝିଲୁ, ଏସବୁ ନିର୍ବାଚନୀ ଥୋପ । ତା ଛଡା ଆଉ କିଛି ନୁହେଁ' । ମୋ କଥାରୁ ସେ କଣ ବୁଝିଲା କେଜାଣି ବସିବା ଜାଗାରୁ ଉଠି ତା କାମରେ ମନଯୋଗ ଦେଲା ।

ପନ୍ଦରବର୍ଷ ହେବ ଭୁବନେଶ୍ୱରର ତପୋବନ ବସ୍ତିରେ ରହି ପରଘର ପାଇଟି କରି ତା ସଂସାର ଚଳାଉଛି । ସେଥିରେ ପୁଣି ମଦ୍ୟପ ସ୍ୱାମୀର ଅକଥନୀୟ ଅତ୍ୟାଚାର ପ୍ରତିଦିନ ସହିବାକୁ ପଡେ । ଦଶପଲ୍ଲାର ଏକ ଆଗମ୍ୟ ଗାଁରେ ତା ଜନ୍ମ । ତାକୁ ଯେତେବେଳେ ପାଞ୍ଚ ବର୍ଷ ବୟସ ତା ମା' କର୍କଟ ରୋଗରେ ଚାଲିଗଲେ । ତାର ବାପା ଦୁଇ ଝିଅଙ୍କୁ ଉଭୟ ବାପା'ମାର ସ୍ନେହ ଦେଇ ବଢ଼େଇଲେ । ଷୋଳବର୍ଷ ବୟସରେ ହେମକୁ ପାଖ ଗାଁର ଏକ ଯୁବକ ସହିତ ବାହା ଦେଲେ । ସେ ଶାଶୁଘରେ ପାଦଦେବା ପୂର୍ବରୁ ତାର ଶାଶୁ ଶ୍ୱଶୁର କେଉଁ ଏକ ଅଜଣା ରୋଗରେ ଆରପାରିକୁ ଚାଲିଯାଇଥିଲେ । ବାହାଘର ପରେ ସେ ଜାଣିବାକୁ ପାଇଲା ତା ସ୍ୱାମୀ ଜଣେ ମଦ୍ୟପ । ସେବେଠାରୁ ଆରମ୍ଭ ହେଲା ତା ଅସରନ୍ତି ଦୁଃଖର ଦିନ । ହେମ ତା ଶାଶୂଘରେ ପାଦଦେବାର ପରଦିନ ତା ବଡ଼ଯାଆ କହିଲେ,'ତୋତେ ନଇଁସଇଁକି ଚାଲିବା ଜଣାନାହିଁ କି ? ଖୁଣ୍ଟା ଭଳି ଚାଲୁଛୁ ।' ଚତୁର୍ଥୀ ପରଦିନ ଚୁଲିମୁଣ୍ଡ ଧରେଇ କହିଲେ - ଆଜିଠାରୁ ରୋଷେଇ ଘରର ସବୁ କାମ ତୋର' । ଭାଗ୍ୟକୁ ଆଦରି ଆଖିର ଲୁହକୁ ପିଇ ଘରର ସବୁ କାମ କରିଚାଲିଲା ସେ । ରାତିର ଅନ୍ଧାର ଓ ତାର ଭବିଷ୍ୟତ ସବୁ ଏକାକାର ଦିଶୁଥିଲା । ଦିନେ ତା ସ୍ୱାମୀର ମଦ୍ୟପାନରେ ଅତିଷ୍ଠ ହୋଇ ତା ଦେଢଶୁର ତାଙ୍କୁ ଗାଁରୁ ତଡିଦେଲେ । ସେବେଠାରୁ ଆସି ତା ସ୍ୱାମୀ ଗୋବିନ୍ଦ ସହ ଭୁବନେଶ୍ୱରର ବସ୍ତି ଅଞ୍ଚଳରେ ରହୁଛି । ଭୁବନେଶ୍ୱରରେ ରହିବାର ବର୍ଷେ ପରେ ଝିଅର ମା ହେଲା ସେ । ପୁଣି ବର୍ଷେ ପରେ ଆଉ ଏକ ଝିଅକୁ ଜନ୍ମ ଦେଲା । ଦୁଇଟି ଝିଅ ଜନ୍ମ ଦେବାରୁ ସେଥିରେ ଅସନ୍ତୁଷ୍ଟ ହୋଇ ସ୍ୱାମୀର ମଦ୍ୟପାନ ଅଭ୍ୟାସ ଦିନକୁ ଦିନ ବଢିଚାଲିଲା । ସ୍ୱାମୀର ବେପରୁଆ ମନୋଭାବ ଦେଖି ନିଜେ ଅଣ୍ଟା ଭିଡ଼ିଲା ପରଘର ପାଇଟି କରିବାପାଇଁ । ନିଜେ ଭଡାରେ ରହୁଥିବା ମାଉସୀଙ୍କ ପାଖରେ ପିଲା ଦୁଇଟିଙ୍କୁ ଛାଡି ସେ କାମକରିବାକୁ ବାହାରିଯାଏ । ଝିଅ ଦୁଇଜଣ ସ୍କୁଲ ଯିବା ବୟସ ହେବା ପରେ ଏକ ପୁତ୍ର ସନ୍ତାନ ତାର କୋଳ ମଣ୍ଡନ କଲା । ପୁଅକୁ ତିନି ମାସ ହେଇଛି କି ନାହିଁ ନିଜେ ଚାଲି ଚାଲି ଯାଇ ପାଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନୟୋଜନ ଅସ୍ତ୍ରପୋଚାର କରାଇନେଲା । ପରିବାରକୁ ସୀମିତ ରଖିବା ପାଇଁ ତା ପାଖରେ ଏଇ ଗୋଟିଏ ରାସ୍ତା ଥିଲା । ଝିଅ ଦୁଇଜଣ ଏବେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ପୁଅ ପଢୁଛି ପଞ୍ଚମ ଶ୍ରେଣୀରେ । ସ୍ୱାମୀ ଗୋବିନ୍ଦ ମୂଲଲାଗି ଯାହା ରୋଜଗାର କରେ ସେତକ ତା ନିଶାପାଣିକୁ ନିଅଣ୍ଟ । ସବୁ ମଦମାଂସରେ ଉଡେଇଦିଏ । ବାଟରେ ଘାଟରେ ଜୀବନ କଟାଏ । ଯେଉଁଦିନ ବେଶି କାମ ମିଳିଯାଏ, ସେଦିନ ପେଟେ ମଦ ପିଇ ତାଟିଆ କଂସା ଫୋପାଡ଼ି କଦର୍ଯ୍ୟ ଭାଷାରେ ଗାଳିଦିଏ ଏପରିକି ସ୍ତ୍ରୀ ପିଲାଙ୍କୁ ବାଡାପିଟା କରେ । ପିଲାମାନଙ୍କର ବି ଦେହସୁଆ ହେଇଗଲାଣି ବାପାର ଏ ଦୈନନ୍ଦିନ ଆଚରଣରେ । ମଦ ନିଶା ଖସିଗଲେ ଗୋବିନ୍ଦ ଗୋଟିପଣେ ତା ସ୍ତ୍ରୀର ଭଲ ସ୍ୱାମୀ ଓ ପିଲାମାନଙ୍କର ପ୍ରିୟ ବାପା । ମଦ ନିଶା ଚଢ଼ିଥିଲେ କାହାକୁ ସେ ଚିହ୍ନେନି । ପାହାନ୍ତା ପହରୁ ଉଠି ଘରର ସବୁ ବାସି କାମ ସାରି ପିଲାମାନଙ୍କର ସକାଳ ଜଳଖିଆ, ଖରାବେଳର ରୋଷେଇ ଏପରିକି ପିଲା ତିନିଜଣଙ୍କ ପାଇଁ ସ୍କୁଲ ଟିଫିନ ସଜାଡିଦେଇ ହେମ ବାହାରିଆସେ ପର ଘର ପାଇଟି କରିବାପାଇଁ । ଛଅ ଘର କାମସାରି ଘରେ ପହଞ୍ଚିଲା ବେଳକୁ ଦିନ ଗୋଟାଏ ବାଜିସାରିଥାଏ । ପେଟକୁ ଦିମୁଠା ଖାଇଦେଇ ହାଲିଆ ହୋଇ ଶୋଇପଡ଼େ । ମୋବାଇଲର ଆଲାର୍ମ ଶବ୍ଦରେ ତା ନିଦ ଭାଙ୍ଗେ । ପୁଣି ଦିନ ତିନିଟାରେ ଘରୁ ବାହାରି ପର ଘର କାମ ସାରି ଘରେ ପହଞ୍ଚିଲା ବେଳକୁ ରାତି ସାତଟା । ସେତେବେଳକୁ ତା ଦେହରେ ଆଉ ବଳ ନ ଥାଏ । କାମ ସାରି ଫେରିଲାବେଳେ ବାଟରୁ ବରା ଘୁଗୁନି କିଣିନେଇ ରାତି ଖାଇବାଟା ଚଳେଇ ଦିଏ । ପ୍ରଥମେ ପ୍ରଥମେ ଭାରି ହତାଶ ଲାଗୁଥିଲା, ଏବେ ହେହସୁଆ ହେଇଗଲାଣି । ପାଞ୍ଚଛଅ ଘରେ କାମ କରି ନିଃଶ୍ୱାସ ମାରିବାକୁ ତାର ବେଳ ନ ଥାଏ । ଆଞ୍ଜୁଳାରୁ ବାଲି ଝର ଝର ହେଇ ଖସିଗଲା ପରି ସମୟ କୁଆଡେ ଚାଲିଗଲା ସତେ ! କାଲି ଭଳି ଲାଗୁଛି ସାଙ୍ଗ ଘର ବାଡିରୁ ଲେମ୍ବୁ ଚୋରେଇବା କଥା । ବାପା ସେଦିନ ତାଗିଦା କଲେ, ଅବଶ୍ୟ ସେଥିରେ ଟାଣପଣ ନ ଥିଲା । ଦୁଇ ଭଉଣୀ କଞ୍ଚା କମଳା, ଲୁଣ ଓ ଲଙ୍କା ପାଗ କରି ଖାଇଲା ବେଳେ ବାପାଙ୍କର ଗାଳି ସବୁ ଧୋଇଗଲା । ଏବେ ନିଜର ପସନ୍ଦ, ଅପସନ୍ଦ ବୋଲି କିଛି ନାହିଁ । ଏବେକୁ ପୁରୁଣା କଥା ମନେପଡିଯାଉଛି ଯାହା । ବାପା ଚାଲିଗଲା ପରଠୁଁ ବାପଘର ସୁଖ ଆଉ ନାହିଁ ।

ବଡ଼ ଝିଅ ଟିନା ଜନ୍ମରୁ ରୋଗୀଣା । ଅଧେ ଦିନ ତାର ଦେହ ଭଲ ରହେ ନାହିଁ । ତାର ଦେହ ଖରାପ ହେଲେ ଡାକ୍ତର ଲେଙ୍କାବାବୁଙ୍କ ଔଷଧରେ ଭଲ ହୁଏ । ତାଙ୍କ ଘରେ କାମ କରିବା ହେମର ବାରବର୍ଷ ହେଲାଣି । ହେମ କହୁଥିଲା, ପିଲାମାନଙ୍କ ଦେହ ଖରାପ ହେଲେ ତାକୁ ଡାକ୍ତରଖାନା ନେବାକୁ ପଡ଼େନି । ତା ପୁଅର ଜଣ୍ଡିସ ଠାରୁ ଆରମ୍ଭ କରି ଝିଅର ଶ୍ୱାସ ପର୍ଯ୍ୟନ୍ତ ସବୁ ସେ ଲେଙ୍କା ବାବୁ ହିଁ ଭଲ କରିଛନ୍ତି । ତାଙ୍କ ଭଳି ଭଲ ଲୋକଙ୍କ ପାଇଁ ତ ଏ ସଂସାର ଚାଲିଛି । ହେମ ପରଘର ପାଇଟି କରି ଯାହା ରୋଜଗାର କରେ ସେଥିରୁ କିଂଚିତ ସଞ୍ଚୟ କରେ । ମଦ୍ୟପ ସ୍ୱାମୀକୁ ଲୁଚେଇ ସେ ପଇସାକୁ କେତେବେଳେ ଗୁଞ୍ଜିଦିଏ ଚାଉଳ ଡବା ଭିତରେ ତ କେତେବେଳେ ପିଲାଙ୍କ ବହିଥାକ କିମ୍ବା ଶାଢ଼ୀ ଭିତରେ । କାମକୁ ବାହାରି ଆସିବା ପରେ ଗୋବିନ୍ଦ ସେସବୁ ଯାଗା ତନ୍ନ ତନ୍ନ କରି ଆଡେଇ ଦେଖେ । ଯଦି ଭାଗ୍ୟ ଟାଣ ଥାଏ ତ ସେ ପଇସା ତା ହାତ ଚଢେ । ଏଇତ ଆଠ ଦିନ ତଳେ ହେମ ମୋ ପାଖରେ କେତେ ମନ ଦୁଃଖ କରିଛି । ସେଦିନ ସେ ସଞ୍ଚିଥିବା ପଇସା ଚୋରାଇନେଉଥିବା ସମୟରେ ତା ବଡ଼ ଝିଅ ଦେଖି ପ୍ରତିବାଦ କରିବାରୁ ଗୋବିନ୍ଦ ତା ଝିଅର ଡାହାଣ ହାତକୁ ବାଡେଇ ଭାଙ୍ଗିଦେଲା । ଦୁର୍ବଳ ଶରୀର ପାଇଁ ସେ ତ ପାଠରେ ସେତେଟା ମନଯୋଗ ଦିଏନି, ସେଥିରେ ପୁଣି ବାପା ହାତ ଭାଙ୍ଗିଦେବାରୁ ମାଟ୍ରିକ ପରୀକ୍ଷା ଦେଇପାରିଲା ନାହିଁ । ହେମକୁ ମୁଁ ବୁଝେଇଦେଲି ଏଥର ନ ହେଲା ନାହିଁ ଆରଥରକୁ ସେ ଭଲକି ପଢି ପରୀକ୍ଷା ଦେବ । ବୁଝିଯାଇଥିଲା ସେ ସେଦିନ । ମଝିଆଁ ଝିଅଟି ତାର ଭଲ ପଢେ । ତାକୁ ନେଇ ହେମ କେତେ ସ୍ୱପ୍ନ ଦେଖେ । ସେ କହେ,' ମଝିଆଣିଟା ପାଠ ପଢି ଚାକିରି କଲେ ମୁଁ ଆଉ ପରଘର କାମ କରିବିନି, ମୋର ଦୁଃଖ ଯିବ । ଭଗବାନ ସେତେଦିନ ପର୍ଯ୍ୟନ୍ତ ମତେ ଶକ୍ତି ଦିଅନ୍ତୁ ' । ଆଶା ମନରେ ଅନେକ ଭରସା ଦିଏ ଦୃଢ଼ତା ବି । ଏକଥା ହେମ ଠିକ ବୁଝିଛି ।

ଆମ ପଡିଶା ଘରେ ହେମ କାମକଲାଣି ଚାରିବର୍ଷ ହେଲା । ମୋ ଶ୍ୱଶୁର ଶଯ୍ୟାଶାୟୀ ହେବା ଦିନରୁ ଆମେ ଜଣେ ଭଲ କାମବାଲୀର ସନ୍ଧାନରେ ଥିଲୁ । ଯୋଗକୁ ଆମ ପଡିଶା ଘର ସଂଜୁ ନାନୀ ଆମ ଘରେ ହେମକୁ ପହଞ୍ଚାଇଲେ । ତାର ନିରୀହ ଚାହାଣୀ ଦେଖି ଆଗ ପଛ ବିଚାର ନ କରି ସେଦିନଠୁ ତାକୁ କାମ ପାଇଁ ଆସିବାକୁ କହିଲି । ଅବଶ୍ୟ ସପ୍ତାହେ ତା ପାଖେ ପାଖେ ରହି କାମ ସବୁ ବତେଇ ଦେବାକୁ ପଡିଲା । ଧୀରେ ଧୀରେ ବିଶ୍ୱାସ ଆସିଗଲା ତା ଉପରେ । ତା କାମ ଭଲ ତ ସେ ଭଲ । ଭାରି ସ୍ୱାଭିମାନୀ ସେ । ହାତ ଟେକି କିଛି ନ ଦେଲା ପର୍ଯ୍ୟନ୍ତ ସେ କୌଣସି ଜିନିଷ ଉଠେଇ ନିଏନି । ଯାହା ଖାଇବାକୁ ଦେଲେ ସେ ତା ପିଲାଙ୍କ ପାଇଁ ଘରକୁ ନେଇଯାଏ । କେବେ କେମିତି ପଇସା ଦରକାର ହେଲେ ତାରି ମାସିକ ପାରିଶ୍ରମିକରୁ ଆଗୁଆ ନେଇଯାଏ ।

ସେଦିନ ସକାଳୁ ଉଠି ଗେଟ ଖୋଲିବା ବେଳକୁ ଦେଖିଲି ଖଣ୍ଡେ ଦୂରରେ ହେମ ଆମ ଘରକୁ ଚାଲି ଚାଲି ଆସୁଛି । ଏତେ ସକାଳୁ ତାକୁ ଦେଖି ଆଶ୍ଚର୍ଯ୍ୟ ହେଲି । ସେ ଟିକେ ଗମ୍ଭୀର ଜଣାପଡୁଥାଏ । ସେ ଘର ଭିତରକୁ ପଶିଆସି ମତେ କହିଲା,'ଗଲା ରାତିରେ ସେ ମଦୁଆ ପେଟେ ପିଇ ଆସି ପାଟିତୁଣ୍ଡ କଲା ଯେ କାହାକୁ ଶୋଇଦେଲାନି । ଆମେ ମା ଛୁଆ ତାକୁ ଡରି କବାଟ ଭିତରୁ ବନ୍ଦ କରି ବିଛଣା ଉପରେ ପଡ଼ି ରହିଲୁ । ଏବେ ସେ ଜହ୍ଲାଦ ପଦାରେ କାଠ ଗଣ୍ଡି ପରି ପଡ଼ିରହିଛି । ସେ କୁଆଡେ ଚାଲିଗଲେ ଆମେ ମା'ଛୁଆ ବରଂ ଶାନ୍ତିରେ ଚଳନ୍ତୁ । କଣ କହିବି ନାନୀ, କାଲି ମୋ ପୁଅ ମୋ ପର୍ସରୁ କୋଡିଏ ଟଙ୍କା ଚୋରି କରିଛି । କେଡ଼ିକି ବକଟେ ମେଞ୍ଚଡ଼ ଆଜି ଠାରୁ ପଇସା ଚୋରି କଲାଣି । ସାଙ୍ଗ କଥାରେ ପଡ଼ି ପଇସା ନେଇ ବାଟି କିଣିଛି । ଭଲରେ ମାନିଲାନି । ବାଡେଇବାରୁ ସତ କଥା ମାନିଲା । ବାପ ଚୋରି କରିବା ଦେଖୁଛି । ତେଣୁ ସେ ବି ଚୋରି କରିବା ଆରମ୍ଭ କଲାଣି । ବାପଠାରୁ ଆସକାରା ପାଇ ପିଲାଟା ବାଲୁଙ୍ଗା ହୋଇଗଲାଣି । ମତେ ଲୁଚେଇ ପିଲାଙ୍କୁ ଆଣି ତେଲଭାଜି ଜିନିଷ ଖାଇବାକୁ ଦିଏ ତା ବାପ । ବେଶି ଗେହ୍ଲା ପୁଅକୁ । କହେ -'ମଲାବେଳେ ସେଇ ପୁଅ ତ ମୁହଁରେ ନିଆଁ ଦେବ ' । ଗେହ୍ଲାରେ ପୋତି ପକେଇ ପୁଅକୁ ପୁରା ସାରିଦେଲାଣି । ଜୀବନ ଯାକ ତ ଏମିତି ଦୁଃଖରେ ରହିଲିଣି । ଭଗବାନ ଏ ଦୁଃଖ ଆଉ କେତେଦିନ ଲେଖିଛି ମୋ ଭାଗ୍ୟରେ କେଜାଣି ! ତାକୁ ସାନ୍ତ୍ୱନା ଦେବାକୁ ଯାଇ କହିଲି,'ପିଲା ଲୋକ, ସାଙ୍ଗ କଥାରେ ପଡ଼ି ଏମିତି କରିଛି । ବୁଦ୍ଧି ହେଲେ ସେ ବଳେ ବୁଝିଯିବନି । ସେ କଥାକୁ ନେଇ ତୁ ଏତେ ବ୍ୟସ୍ତ ହେଉଛୁ । ମୋ ପାଟିରୁ କଥା ଛଡେଇ ହେମ କହିଲା,'ଦିନ ରାତି ତାଙ୍କରି ପାଇଁ ଖଟୁଚି । ପିଲାମାନେ ଯଦି ମୋ ଦୁଃଖ ନ ବୁଝିବେ, ତେବେ ବୁଝିବ କିଏ ? ଦଶପଲ୍ଲାରୁ ଯେବେ ଭୁବନେଶ୍ୱର ଆସିଥିଲି ଭାରି ଡଉଲଡାଉଲ ଥିଲି । ଏବେ ଦେଖ, ମୋ ଦେହରେ ଆଉ ପଲେ ହେଲେ ମାଉଁସ ନାହିଁ । ମୋ ଦେହରୁ ଯେତେ ଯେତେ ମାଉଁସ ଖସୁଛି ମୁଁ କାମକରିବାକୁ ଯାଉଥିବା ମା 'ମାନଙ୍କ ଦେହରେ ସେତେ ସେତେ ମାଉଁସ ଲାଗୁଛି '।

ହେମର ଶେଷକଥା ପଦକ ଶୁଣି ମୁଁ ଚମକି ପଡିଲି । ସତରେ ତା ଦିହରେ ଖାଲି ହାଡ଼ ଦି 'ଖଣ୍ଡି ତା ଉପରେ ଚମଡା ଢଙ୍କା ହୋଇଛି ଯାହା । ନିଜର ବର୍ଦ୍ଧିତ କଟିଦେଶକୁ ଚାହିଁଲି । ମତେ ଲାଗିଲା ମୋର ଏ ବର୍ଦ୍ଧିତ ଚର୍ବି ହେମର ସ୍ୱେଦରେ ତିଆରି ନୁହେଁ ତ ?


+ଖଣ୍ଡଗିରି,
ଭୁବନେଶ୍ୱର - ୭୫୧୦୩୦
ମୋ : ୭୦୦୮୩୪୮୧୭୨


ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



## ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୨ ॥



ସନତ,ସନକ,ସନନ୍ଦ ଓ ସନାତନ। ଅର୍ଥାତ୍, ଅନନ୍ତ ଜୀବନ ବିଷ୍ଣୁଙ୍କ ନାଭିରୁ ଉତ୍ପନ୍ନ ହେଲେ ବ୍ରହ୍ମା। ତାଙ୍କଠାରୁ ସୃଷ୍ଟି ହେଲେ ସନତ । ପୃଥିବୀରେ ପ୍ରଥମ ପ୍ରଜାପତି ବ୍ରହ୍ମାଙ୍କର ନାମ ହିଁ ଥିଲା ସନତ । ସେ ବ୍ରହ୍ମାଙ୍କର ମାନସ ପୁତ୍ର ବା ଶିଷ୍ୟ ଥିଲେ। ସନକର ଅର୍ଥ ଯାହାଙ୍କ ସହିତ ସର୍ବଦା ବିଷ୍ଣୁ ସଖା ସ୍ୱରୂପ ରହିଥିଲେ। ସନନ୍ଦ ନାମର ଅର୍ଥ ଯାହାଙ୍କ ସହିତ ସର୍ବଦା ଆନନ୍ଦ ରହିଥିଲା। ସନାତନ ବା ଯାହାଙ୍କ ସହିତ ସର୍ବଦା ସତ୍ୟ ଉପସ୍ଥିତ ଥିଲା। ଏହି ସତ୍ୟ ହିଁ ଶାଶ୍ୱତ ଅଟେ।

ଏହି ସତ୍ୟ କଣ ଥିଲା ?

ବ୍ରହ୍ମରେ ହିଁ ସମସ୍ତ ସୃଷ୍ଟିର ଏକ ମୂଳ ଉପାଦାନ ସୂକ୍ଷ୍ମ ସ୍ୱରୂପ ରେ ବିଦ୍ୟମାନ ଥିଲା। ଜୀବନରୁ ହିଁ ଜୀବନ ସୃଷ୍ଟି ହୋଇଥାଏ। ତେଣୁ ଏହି ଉପାଦାନ ଜୀବନ ହିଁ ଥିଲା। ଆଦିମ ମାନବ ଯେତେବେଳେ ବଜ୍ର, ବିଜୁଳି, ମେଘ, ସମୁଦ୍ର, ଅଗ୍ନି, ତରୁ , ମୃତ୍ତିକା, ପଥର ଆଦିର ଶକ୍ତି ଦେଖିଲା, ସେ ଏହାକୁ ଅସାଧାରଣ ମାନେ କଲା। ଜଡ଼ ଦେହରେ ମାନବଠାରୁ ଅଧିକ ଚେତନା ଥିବାର ସେ ବିଶ୍ୱାସ କରୁଥିଲା। ତାର ଏହି ବିଶ୍ୱାସ କଣ ସତ୍ୟ ନଥିଲା ?

ମଣିଷ ଟିଏ ମୃତ ହୋଇ ପଡ଼ି ରହିଲେ, ତାହାଠାରୁ ଲାଙ୍ଗୁଡ଼ା ପୋକ ସୃଷ୍ଟି ହୁଏ। ସେହି ମୃତ ସାରରେ ତରୁଟିଏ ସୃଷ୍ଟି ହୁଏ। ପଥରଟିଏ ଚୂର୍ଣ୍ଣ ହୋଇ ମାଟିରେ ମିଶିଯାଏ। ସେହି ମାଟି, ଜଳ ଓ ପବନରୁ ଗଛଟିଏ ସୃଷ୍ଟି ହୁଏ। ସେହି ଗଛରୁ ଖାଦ୍ୟ ଖାଇ ମଣିଷଟିଏ ବଞ୍ଚି ରହେ। ତେବେ ତଥା କଥିତ ଜଡ଼ମାନେ ନିର୍ଜୀବ ହେବେ କିପରି ?

ଏହାତ ଗଲା ବହିର୍ବିଜ୍ଞାନ। ଅନ୍ତର୍ବିଜ୍ଞାନ ଅନୁସାରେ ଦେହ ମୃତ ହେଲେ ମଧ ଯେପରି ତାହା ଦେହରେ ସୂକ୍ଷ୍ମ ଜୀବନ ରହିଥାଏ, ସେହିପରି, ତାହା ମଧ୍ୟରେ ତାର ସୂକ୍ଷ୍ମ ଉମ ଶରୀର ମଧ ରହିଥାଏ, ଯାହା ଆତ୍ମା ରୂପରେ ମୃତ ଶରୀରରୁ ବାହାରିଯାଏ। ଏହାର କୌଣସି ଶକ୍ତି କିଛି କ୍ଷତି କରି ପାରନ୍ତି ନାହିଁ। ଏହା ଅଜର ଓ ଅମର ଅଟେ। ଉପଯୁକ୍ତ ଅନ୍ତର୍ବିଜ୍ଞାନ ପଦ୍ଧତିରେ ମାନବ ଏହି ଜୀବନ ଚକ୍ରରୁ ମୁକ୍ତି ପାଏ ଓ ପରମେଶ୍ୱରଙ୍କର ଅନନ୍ତ ଆନନ୍ଦ ମୟ ଜୀବନ ସତ୍ତାରେ ଏକାକାର ହୋଇଯାଏ। ଏହାହିଁ ଚିରନ୍ତନ ସତ୍ୟ ଓ ଶାଶ୍ୱତ। ଏହି ଐଶ୍ୱରୀୟ ଶକ୍ତି ନିକଟରେ ଯେ ନତ ହୋଇଛନ୍ତି ସେ ବ୍ରହ୍ମ ରୂପରେ ସର୍ବତ ବ୍ୟାପି ରହିଛନ୍ତି। ସେହି ଶକ୍ତି ଉପରେ ବିଶ୍ୱାସର ସହିତ ନିଜକୁ ସମର୍ପଣ କରି ଦେବାହିଁ ସନାତନ ଧର୍ମ ଅଟେ।

ହଁ, ସେହି ଆଦି ବ୍ରହ୍ମା ସନତ ଏହାପରେ ଚତୁର୍ଦ୍ଦିଗକୁ ଦୃଷ୍ଟି ପକାଇ ଦେଖିଲେ ଯେ, ରୁଦ୍ର ରୂପରେ ସେହି ପ୍ରଜ୍ୱଳିତ ଅଗ୍ନି ପିଣ୍ଡମାନେ ଘୂରି ବୁଲୁଛନ୍ତି।' ଏହି ରୁଦ୍ର ମାନଙ୍କଠାରୁ ସୃଷ୍ଟି କରିବା ସମ୍ଭବ ନୁହେଁ।' ଏହା ଚିନ୍ତା କରି ବ୍ରହ୍ମା ପ୍ରଥମେ ସୃଷ୍ଟିକୁ ସଞ୍ଚୟ କରିବା ପାଇଁ କ୍ଷିତିଙ୍କ ଶରୀରରେ ଏକ ସ୍ଥାନ ନିରୂପଣ କଲେ।

ତାଙ୍କର ସ୍ମରଣ ହେଲା ଯେ, ଅନନ୍ତ ଜୀବନ ବିଷ୍ଣୁଙ୍କ ନାଭିରୁ ହିଁ ବ୍ରହ୍ମାଙ୍କର ସୃଷ୍ଟି, ବ୍ରହ୍ମାଙ୍କ ନାଭିରୁ ନକ୍ଷତ୍ର ଓ ଗ୍ରହ। ତେଣୁ ଏହି ପୃଥିବୀ ଗ୍ରହର ନାଭି ସ୍ଥଳରେ ହିଁ ସୃଷ୍ଟି ପାଇଁ ଖାଦ୍ୟ ପ୍ରଥମେ ଉତ୍ପନ୍ନ ହେବ। ଏହି ନାଭି ଠିକ୍ ଶରୀରର ମଧ ସ୍ଥଳ ବା ବିଷୁବ ବୃତ୍ତ ଅଞ୍ଚଳ ଏବଂ ଏହିଠାରେ ସ୍ତନ୍ୟ ପାୟୀ ଜୀବ ମାନେ ସୃଷ୍ଟି ହେବେ, ଯେଉଁମାନେ କି ମାର ନାଭି ସ୍ଥଳରୁ ହିଁ ଖାଦ୍ୟ ଗ୍ରହଣ କରି ବଞ୍ଚି ରହିବେ !

କୋଟି, କୋଟି ବର୍ଷ ଧରି ଏହିପରି ଉଲକ। ପିଣ୍ଡମାନେ ପୃଥିବୀରେ କୋଟି, କୋଟି ସଂଖ୍ୟାରେ ବର୍ଷା ହେବାରେ ଲାଗିଲେ ଏବଂ ପୃଥିବୀକୁ ଜଳ ମଗ୍ନ କରିଦେଲେ !

ଭାଗବତଙ୍କ ଅନୁସାରେ ଏହା ସ୍ପଷ୍ଟ ଭାବରେ ଲେଖାଅଛି ଯେ, ପିତା ମହ ବ୍ରହ୍ମାଙ୍କ ବ୍ରହ୍ମ ଲୋକରୁ ଆସିଥିବା ଏହି ରସାତ୍ମକ ଉଦକ ସାଧାରଣ ଜଳ ନଥିଲା।

(କ୍ରମଶଃ...)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ମନ ଅଶାନ୍ତ ହୁଏ କାହିଁକି ?

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ଆମେ ଯେତେବେଳେ ଯାହା ବିଷୟରେ କଥା ହେଉ ଆମ ମସ୍ତିଷ୍କର କ୍ୟାମେରାରେ ସେଇ ଛବି ସବୁ ଚାଲୁଥାଏ ଏବଂ ଯେଉଁ ଛବି ମସ୍ତିଷ୍କରେ ଥାଏ, ତାହା ଆମକୁ ଆବଶ୍ୟକ ବା ଦରକାର ବୋଲି ପ୍ରକୃତି ମାନି ନେଇଥାଏ। ତେଣୁ କିଭଳି ବିଚାର ବା ଛବି ଆମେ ମସ୍ତିଷ୍କରେ ରଖିଲେ ତାର କି ପ୍ରଭାବ ପଡ଼ିବ ତାହା ଆମ ଉପରେ ନିର୍ଭର କରେ।

ଧରି ନିଆଯାଉ ଆପଣ ଆପଣଙ୍କ ସାଙ୍ଗ ଉପରେ କ୍ରୋଧ କରି ଅନ୍ୟ କାହାକୁ କିଛି କହୁଛନ୍ତି, ଧ୍ୟାନ ଦିଅନ୍ତୁ ଆପଣ ଯେତେବେଳେ ତାଙ୍କ ବିଷୟରେ କଥା ହେଉଛନ୍ତି, ତାଙ୍କର ଛବି ମଧ ଆପଣଙ୍କ ନଜରକୁ ଆସୁଛି, ଆପଣ ଅନ୍ତର୍ମନରେ ତାଙ୍କୁ ଦେଖୁଛନ୍ତି। ଯାହାକୁ ଆପଣ ମସ୍ତିଷ୍କରେ ଭାବୁଛନ୍ତି,ତାର ସ୍ୱଭାବ ମଧ ଗ୍ରହଣ କରୁଛନ୍ତି, କାରଣ ପ୍ରକୃତି ସବୁବେଳେ ଅନ୍ଧ, ସେ ଆମକୁ ତାହା ହିଁ ଦିଏ, ଯାହା ଆମେ ମନରେ ବା ମସ୍ତିଷ୍କରେ ରଖିଥାଉ। ସେ ଜାଣେନାହିଁ ତାର ପ୍ରଭାବ ଆମ ଉପରେ କିପରି ପଡ଼ିବ ! ଆମେ ଯେତେବେଳେ ମାଛ ଦୋକାନୀ ବିଷୟରେ କଥା ହେଉଛେ, ଆଖି ସାମ୍ନାକୁ ମାଛ ଦୋକାନୀ ଆସୁଛି ।ଗୁଡ଼ାଏ ମାଛ ଧରି ବିକ୍ରି କରୁଛି,କେଉଁଠି ମେଞ୍ଚାଏ ମାଛ କାଟି ପଡ଼ିଛି, କେଉଁଠି ରକ୍ତ ଭାସି ଯାଉଛି ତ କେଉଁଠି ଦୁର୍ଗନ୍ଧ ହେଉଛି ।ଗୋଟିଏ ଫୁଲ ବଗିଚା ବିଷୟରେ କଥା ହେଲେ ଗୁଡ଼ାଏ ଫୁଲ ବିଭିନ୍ନ ରଙ୍ଗର, ବିଭିନ୍ନ ମହକର ଆଖି ସାମ୍ନାକୁ ଆସୁଛି ।ଆମ ପାଖରେ ମାଛ ଦୋକାନ ନଥାଉ କି ଫୁଲ ବଗିଚା ନଥାଉ, କିନ୍ତୁ କଥାରେ ତାକୁ ବର୍ଣ୍ଣନା କଲା ବେଳେ ତାହା ଆମେ ଅନ୍ତର୍ମନରେ ଦେଖି ପାରୁ, ଏବଂ ଯେଉଁଭଳି ଜିନିଷ ଦେଖୁ ବିଚାରରେ ସେହି ଭଳି ପ୍ରଭାବ ପଡେ।

କୌଣସି ବ୍ୟକ୍ତିଙ୍କ ଖରାପ ଗୁଣକୁ ଦେଖିଲେ, ଶୁଣିଲେ, ବାରମ୍ବାର ଆଲୋଚନା କଲେ, ଲକ୍ଷ କରିବେ ଆମ ମନରେ ସବୁବେଳେ ତାଙ୍କ କଥା ଚାଲୁଥାଏ, ତାଙ୍କ ଚେହେରା ଆଖିକୁ ଆସେ, କ୍ରୋଧ ଆସେ, ଆମେ ଚିଡିଚିଡା ହୋଇଥାନ୍ତି, ଏବଂ ତାଙ୍କ ଉପରେ ଚିଡି ଚିଡି ଆମର ସ୍ୱଭାବ ଠିକ୍ ତାଙ୍କ ଭଳି ହୋଇଯାଇଥାଏ, କାରଣ ଆମେ ତାଙ୍କୁ ହିଁ ମସ୍ତିଷ୍କରେ ରଖିଥାନ୍ତି। ଯେଉଁ ବ୍ୟକ୍ତିର ବ୍ୟବହାର, ସଂସ୍କାର ଆମକୁ ଭଲ ଲାଗେନାହିଁ, ତାଙ୍କୁ ଆଦୌ ଆମ ମନରେ ରଖିବା ଉଚିତ୍ ନୁହେଁ, କାରଣ ତାଙ୍କର ଖରାପ ଆଚରଣକୁ ଆମେ ଯେତେ ମନେ ପକେଇବା, ଆମ ମନ ସେତେ ଖରାପ ହେବ ବା ସଂକ୍ରମିତ ହେବ। ସେଥିପାଇଁ ସାଧୁ ସନ୍ଥମାନେ ସବୁବେଳେ ଈଶ୍ୱରଙ୍କ ସ୍ୱରୂପ, ଈଶ୍ୱରଙ୍କ ଗୁଣ ଗାନ କରନ୍ତି, ଈଶ୍ୱରଙ୍କୁ ମସ୍ତିଷ୍କରେ ରଖି ଦେବସୁଲଭ ଗୁଣରେ ଗରୀୟାନ ହୁଅନ୍ତି।

ଦେବାର ଗୁଣ ବହନ କରିଥାନ୍ତି ବୋଲି ଆମେ ଦେବତାଙ୍କୁ ପୂଜା କରୁ। ସେ କେବଳ ଦିଅନ୍ତି, ଦେବା ଜାଣନ୍ତି, ଦେବତା ସବୁବେଳେ ତଥାସ୍ତୁ ମୁଦ୍ରାରେ ରହିଥାନ୍ତି। ଆମ ମନକୁ ସବୁବେଳେ ତଥାସ୍ତୁ କହିଥାନ୍ତି। ଆମେ ଯଦି ଖରାପ ଚିନ୍ତା କରିବା, ତାହା ବି ତଥାସ୍ତୁ ହେବ, ଯଦି ଭଲ ଚିନ୍ତା କରିବା ତାହା ବି ତଥାସ୍ତୁ ହେବ। ତେଣୁ ଆମ ଉପରେ ନିର୍ଭର କରେ ଆମେ କେଉଁ ଛବି, କେଉଁ ବିଚାର ମସ୍ତିଷ୍କରେ ରଖିବା, ଯାହା ଆମ ବ୍ୟକ୍ତିତ୍ୱକୁ ମାର୍ଜିତ ରଖିବ।

ନକାରାତ୍ମକ ବିଚାର ପୋକ ଭଳି ଆମ ବୁଦ୍ଧିକୁ ଝୁଣି ଖାଏ, ଆମ ଭିତରେ ସହନଶୀଳତାକୁ କମାଇ ହିଂସ୍ରତା ବଢ଼ାଇଥାଏ। ମନକୁ ବିଚଳିତ କରେ, ଯାହା ଅଶାନ୍ତ ଜୀବନ ଓ ହତାଶ ବୋଧର କାରଣ ହୁଏ। ତେଣୁ ମନରୁ ବିକାର ବାହାର କରି ବିଚାରକୁ ଶୁଦ୍ଧ କରିପାରିଲେ, ଆମେ ଶାନ୍ତି ଅନୁଭବ କରିପାରିବା।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


## ଆଜିର କବିତା

### ମୁଁ ଚାହେଁ

ଦିପ୍ତିମୟୀ ପଣ୍ଡା

ଏତେ ବାଡ କାହିଁକି
କାହିଁକି ଏତେ ବନ୍ଧନ
କଣ, ଝିଅ ବୋଲି ?
ସବୁବେଳେ ମୋ ପାଇଁ ହିଁ
କାହିଁକି ଏତେ ନିଷ୍ଠୁର ନିୟମ
ଆଉ କେତେ ସହିବି ଯନ୍ତ୍ରଣା
କେବେ ମୁକ୍ତ ହେବି ତୁମ
ଏ ଝିଅ ବୋଲକରାରୁ
ମତେ ଲୋଡ଼ାନାହିଁ
ସତୀ ଶିରୋମଣି ଆଖ୍ୟା
କାହିଁକି ପାଳିବି ପତିବ୍ରତା
ଯଦି ଶେଷରେ ଦେବାକୁ ହୁଏ
ଅଗ୍ନିପରୀକ୍ଷା ।
ମୁଁ ବି ଚାହେଁ ମୋ ସାମ୍ରାଜ୍ୟ
ଯହିଁ ନଥିବେ ମତେ ଧିକ୍କାରୁଥିବା
ଅହଙ୍କାରୀ ମଣିଷ
ଯେଉଁଠି ମୁଁ ହିଁ ରାଜା
ମୁଁ ହିଁ ପ୍ରଜା
ତ୍ୟାଗିବାକୁ ଚାହେଁ ଦୀର୍ଘଦିନର
ଅବଳା ଦୁର୍ବଳା ସମ୍ବୋଧନ
ଜିଣିବାକୁ ଚାହେଁ ସାରା ପୃଥିବୀ
ନଦୀ ପରି ଶୀତଳତା ଭାଙ୍ଗି
ହେବାକୁ ଚାହେଁ ସମୁଦ୍ର ପରି କରାଳ
ଲଙ୍ଘିବାକୁ ଦେଶ ବିଦେଶ ସୀମାରେଖା
ଆୟତ୍ତ କରିବାକୁ ଚାହେଁ
ମୋ ଇଚ୍ଛାର ଆକାଶ
ଯହିଁର ମୁଁ ହିଁ ଜହ୍ନ
ମୁଁ ହିଁ ତାରା।


ଦେଓଗାଁ, ବରଗଡ଼


### ମନୁଆ ରାଜା

ଝରଣା ବାରିକ

ଫୁଲ ଯଦି କଲ ପ୍ରଭୁ
କଣ୍ଟା ଦେଲ କାହିଁ
ସୁଖ ଯଦି ଦେଲ ପ୍ରଭୁ
ଦୁଃଖ ଦେଲ କାହିଁ
ଦିନ ଯଦି କଲ ପ୍ରଭୁ
ରାତି କଲ୍ କାହିଁ
ଅନ୍ଧାରେ ଆଲୋକ ସୃଷ୍ଟି
କଲ କାହିଁ ପାଇଁ।
ହସ ଯଦି ଦେଲ ପ୍ରଭୁ
ଲୁହ ଦେଲ କାହିଁ
ପୁଣ୍ୟ ଯଦି ଦେଲ ପ୍ରଭୁ
ପାପ କାହା ପାଇଁ
ମନ ଯଦି ଦେଲ ପ୍ରଭୁ
ପ୍ରେମ ଦେଲ କାହିଁ
ବିରହ ବିଚ୍ଛେଦ ପୁଣି
ପ୍ରତାରଣା ଦେଇ।
ଜନମ ଦେଇଛ ସାଥେ
ମରଣ ଲେଖିଛ
ଭାଗ୍ୟ ସହିତରେ ପୁଣି
ଭବିଷ୍ୟ ଥାପିଛ।
ଭୋକ କୁ ଦେଇଛ ଆଣି
ରୋଗ ସାଇତିଛ
ଭଲ କରିବାକୁ ପୁଣି
ବଇଦ ସାଜିଛ।
କିଛି ବୁଝିହୁଏ ରହେ
କିଛି ତ ଅବୁଝା,
କିଏ ବା ପାରିଛି ବୁଝି
ତୁ ମନୁଆ ରାଜା।


+ସମଲ, ତାଳଚେର, ଅନୁଗୋଳ

# ତିନି ଜିଲ୍ଲାରେ ବର୍ଷା ବିପ୍ୟାତ: ଆନ୍ଧ୍ର, ତେଲେଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ

## ମାଲକାନଗିରିରେ ଅଚାନକ ବନ୍ୟା, ଗଜପତିରେ ମାଟି ଅତଡ଼ା ଧସି ୭ ଛେଳି ମୃତ





ମାଲକାନଗିରି/କନ୍ଧମାଳ/ଗଜପତି, ୧୯/୦୭ (ନି.ପ୍ର): ଲଗାଣ ବର୍ଷା ଯୋଗୁ ତିନି ଜିଲ୍ଲାରେ ମାଲକାନଗିରି, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଜୀବନଯାତ୍ରା ବାଧାପ୍ରାପ୍ତ ହେବା ସହ ଅନେକ ଅଞ୍ଚଳ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବର୍ଷାର ପ୍ରକୋପ ବଢ଼ିବା ପରେ ମାଲକାନଗିରି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଅଞ୍ଚଳକୁ ଯାତାୟାତ ଠପ୍ ହୋଇଯାଇଛି। ରାତି ପ୍ରାୟ ସାଢ଼େ ୮ଟାରେ ପୋଟେରୁ ପୋଲ ସଂପୂର୍ଣ୍ଣ ବୁଡ଼ି ଯାଇଥିଲା। ଯାହାଫଳରେ କାଳିମେଳା ସହ ଆନ୍ଧ୍ର ଏବଂ ତେଲେଙ୍ଗାନା ରାଜ୍ୟକୁ ସଂଯୋଗ କରୁଥିବା ୩୨୬ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି। ସେହିପରି ମାଲକାନଗିରି ସହରର ଅନେକ ଘରେ ପାଣି ପଶିଯାଇଛି। ବର୍ଷା ଲାଗି ରହିଲେ ଆଜି ବିଳମ୍ବିତ ରାତି କିମ୍ବା ଆସନ୍ତାକାଲି ସକାଳ ସୁଦ୍ଧା ଅନେକ ଅଞ୍ଚଳ ଜଳମଗ୍ନ ହୋଇଯିବ। ଜିଲ୍ଲାରେ ପ୍ରବାହିତ ସମସ୍ତ ନଦୀ ଅସ୍ୱାଭାବିକ ଭାବେ ଫୁଲିବାରେ ଲାଗିଛି। କ୍ରମାଗତ ବନ୍ୟାଜଳ ନଦୀ ତଥା ନାଳ ଗୁଡ଼ିକରେ ପ୍ରବେଶ କରୁଥିବାରୁ ଜଳ ନିଷ୍କାସନ ନହୋଇ କୂଳ ଖାଇବାରେ ଲାଗିଛି। ଜିଲ୍ଲାରେ ଗତ ୨୪ଘଣ୍ଟା ମଧ୍ୟରେ ଜିଲ୍ଲାରେ ମୋଟ ୪୪୨.୩ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଖଇରପୁଟ ବ୍ଲକ୍‌ରେ ସର୍ବାଧିକ ୧୦୭ମିମି ବର୍ଷା ହୋଇଛି। ବର୍ଷାରେ ନଦୀ ଗୁଡ଼ିକର ଜଳସ୍ତର ହଠାତ୍ ବୃଦ୍ଧି ପାଇଥିଲା। ତାର୍ଲା କୋଟା ନଦୀରେ ବନ୍ୟାଜଳ ପ୍ରବେଶ ପରେ ବାଲିମେଳାକୁ ସଂଯୋଗ କରୁଥିବା ଏମ୍‌ଭି-୩୭ ପୋଲ ଉପରେ ୩ଫୁଟ ପାଣି ଚାଲିଥିଲା। ପ୍ରଖର ସ୍ରୋତ ରହିଥିବାରୁ ଓର୍କେଲ ପୁଲିସ ପକ୍ଷରୁ ଯାତାୟାତକୁ ବନ୍ଦ କରାଯାଇଛି। ଏମଭି-୪୨ ଓ ଏମଭି-୧୨ ଗ୍ରାମ ମଧ୍ୟରେ ନଦୀ ପାଣି ହଠାତ ରାସ୍ତା ଉପରକୁ ଚାଲି ଆସିବାରୁ ଏମଭି-୪୭, ପିଟାଗେଡା, ମାରିବେଡା ପଞ୍ଚାୟତକୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ମାଲକାନଗିରି ସହର ଡିଏନ୍‌କେ କେଲୋନି, କାଲିମେଳା ବ୍ଲକ୍‌ର କାଙ୍ଗୁରକୋଣ୍ଡା, ପଡିଆ, ଖଇରପୁଟ ବ୍ଲକର ବିଭିନ୍ନ ସ୍ଥାନରେ ଗଛପଡ଼ି ଯାତାୟାତ ବନ୍ଦ ହୋଇଯାଇଛି। ଗଜପତି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାରଳାଖେମୁଣ୍ଡି ଉପକଣ୍ଠ କେରାଣ୍ଡି ପଞ୍ଚାୟତରେ ଆଜି ଅପରାହ୍ନରେ ଏକ ଅସ୍ଥାୟୀ ପୋଲ ଭାସି ଯାଇଥିବା ବେଳେ ବେତାଗୁଡ଼ା ଅଞ୍ଚଳର ଏକ ପାହାଡ଼ରୁ ମାଟି ଅତଡ଼ା ଖସି ଏହାତଳେ ପୋତି ହୋଇ ୭ଟି ଛେଳି ପ୍ରାଣ ହରାଇଥିବା ଜଣାପଡ଼ିଛି। ପାରଳା ସହର ଉପକଣ୍ଠ ବେତାଗୁଡ଼ା ଅଞ୍ଚଳରେ ଥିବା ଏକ ଛୋଟିଆ ପାହାଡ଼ରୁ ମାଟି ଓ ପଥର ଅତଡ଼ା ଖସିବା ଫଳରେ ସେଠାରେ ଚରୁଥିବା ଝାମୀ ଗ୍ରାମର ଜି. ଭେଙ୍କଟ ରାଓଙ୍କର ୭ଟି ଛେଳି ପ୍ରାଣ ହରାଇଛନ୍ତି। ଅଗ୍ନିଶମ କର୍ମଚାରୀ ପହଞ୍ଚି ଛେଳିଗୁଡ଼ିକୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। କେରାଣ୍ଡି ପଞ୍ଚାୟତର କେରାଣ୍ଡି ଓ ଡାଲିମ୍ବପୁରକୁ ସଂଯୋଗ କରୁଥିବା ପୋଲଟି ଲଗାଣ ବର୍ଷାରେ ଭାସିଯାଇଛି। ଏହି ପୋଲ ଦେଇ ୩ଟି ଗ୍ରାମର ୧୮ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ପାରଳାଖେମୁଣ୍ଡି ଯାତାୟାତ କରୁଥିଲେ। କନ୍ଧମାଳ ଜିଲ୍ଲାରେ ଗତ ୪ ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁଁ କେତେକ ସ୍ଥାନରେ କଚ୍ଚା ଘର ଭାଙ୍ଗି ଯାଇଥିବା ବେଳେ ଘାଟି ରାସ୍ତାଗୁଡ଼ିକ ବିପଦସଂକୁଳ ଅବସ୍ଥାରେ ରହିଛି। କୋଟଗଡ଼ର ରାଣୀପାଙ୍ଗା ଘାଟି, ବେଲଘର ଘାଟି, ଲଦାଘାଟି, ଚକାପାଦର ଅଠରବାଙ୍କ ଘାଟି, ଲାଇନପଡ଼ାରୁ ଚକାପାଦ ମଧ୍ୟରେ ଥିବା ଗଦଗଦି ଘାଟି ଏବଂ ଦାରିଙ୍ଗିବାଡ଼ିରୁ ବ୍ରାହ୍ମଣୀଗାଁ ମଧ୍ୟରେ ଥିବା ସିଜିଗାଣ୍ଡା ଓ ଟେକାଙ୍ଗିଆ ଘାଟିରେ ମଧ୍ୟ ଭୂସ୍ଖଳନ ହୋଇ ଯାତାୟାତ ବନ୍ଦ ହୋଇଯାଇଛି। ଭେଟଖୋଲ ଘାଟି ରାସ୍ତା ବିପଦସଂକୁଳ ଅବସ୍ଥାରେ ରହିଛି। କଣ୍ଟାମାଳ ଓ ଗୋଛାପଡ଼ା ମଧ୍ୟରେ ଥିବା ସୁଟାଣି ଘାଟି, ଫିରିଙ୍ଗିଆର ପକାରି ଘାଟି ଓ ବିଲୁରି ଘାଟି ଲଗାଣ ବର୍ଷା ଯୋଗୁଁ ବିପଦସଂକୁଳ ହୋଇପଡ଼ିଛି। ବାଲିଗୁଡ଼ାରୁ ବଲାଙ୍ଗୀରକୁ ସଂଯୋଗ କରୁଥିବା ସାତକାଟି ଘାଟି ଓ ଖମନଖୋଲ ଘାଟି ରାସ୍ତା, ରାଇକିଆ ଓ ସୋରଡ଼ା ମଧ୍ୟରେ ସଂଯୋଗ କରୁଥିବା କରଡ଼ା ଘାଟିର ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବା ସୂଚନା ମିଳିଛି।

# ଆଦିବାସୀ ଅଞ୍ଚଳରେ ଉତ୍କଟ ଦାରିଦ୍ର୍ୟ ପାଇଁ ବିଜେଡି ଦାୟୀ : କଂଗ୍ରେସ



ଭୁବନେଶ୍ୱର, ୧୯/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ରିପୋର୍ଟ ରାଜ୍ୟରେ ଉତ୍କଟ ଦାରିଦ୍ର୍ୟର ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି। ଦୀର୍ଘ ୨୪ବର୍ଷ ନିରନ୍ତର ଶାସନରେ ବିଜେଡି ଓ ମୁଖ୍ୟମନ୍ତ୍ରୀଭାବେ ନବୀନ ପଟ୍ଟନାୟକ ରହିବା ପରେ ରାଜ୍ୟବାସୀଙ୍କୁ ତାଙ୍କର ସବୁଠାରୁ ବଡ଼ ଦାନ ହେଉଛି, ମାଲକାନଗିରିକୁ ଦେଶର ସବୁଠାରୁ ଗରିବ ଜିଲ୍ଲାର ମାନ୍ୟତା ପ୍ରଦାନ କରିବା। ଏହା କ'ଣ ନବୀନ ବାବୁଙ୍କ ରାଜ୍ୟର ଆଦିବାସୀ ଜିଲ୍ଲାର ଲୋକଙ୍କ ପ୍ରତି ନିଷ୍ଠା ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ। ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାନୁନ୍‌ଗୋ କହିଲେ, ୨୦୧୫ ମସିହାରେ ମୋଦୀ ସରକାର ରାଜ୍ୟର ୧୦ଟି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲାଭାବେ ଘୋଷଣା କରିଥିଲେ। ରାଜ୍ୟ ସରକାର ମଧ୍ୟ ଭୋକର ଭୂଗୋଳର ପରିବର୍ତ୍ତନ ସଂପୂର୍ଣ୍ଣ ନବୀନ ବାବୁଙ୍କ ସରକାରରେ ହୋଇଛି ବୋଲି ଦାବି କରୁଛନ୍ତି। ଗରିବ ସୂଚକାଙ୍କ ୧୨ଟି ଦିଗକୁ ଲକ୍ଷ୍ୟ କରି ନୀତି ଆୟୋଗର ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ରାଜ୍ୟର ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ମୟୂରଭଞ୍ଜ ଓ ଗଜପତି ଜିଲ୍ଲାମାନଙ୍କରେ ଦାରିଦ୍ର୍ୟ ହାର ୩୦-୪୫ ପ୍ରତିଶତ। ଏହା ରାଜ୍ୟ ସରକାରଙ୍କ ପାରିବା ପଣିଆକୁ ଦର୍ଶାଉଛି। କେନ୍ଦ୍ର ସରକାର ଯେଉଁ ୧୦ଟି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲାଭାବେ ଘୋଷଣା କରିଥିଲେ ଏସବୁ ଜିଲ୍ଲାର ଦାୟିତ୍ୱ କେନ୍ଦ୍ର ମନ୍ତ୍ରୀମାନେ ନେଇଥିଲେ। ମାତ୍ର ସ୍ଥିତି ଆଜି ଭିନ୍ନ କଥା ବୟାନ କରୁଛି। ଏସବୁ ଜିଲ୍ଲାମାନଙ୍କରେ ୭୦ ପ୍ରତିଶତରୁ ଅଧିକ ମହିଳା ରକ୍ତହୀନତା ଓ ଅପପୁଷ୍ଟିର ଶିକାର। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି ସେ କହିଥିଲେ। ମୁଖପାତ୍ର ରଜନୀ ମହାନ୍ତି କହିଥିଲେ, ରାଜ୍ୟ ସରକାର ଓଡ଼ିଶାରେ ଦାରିଦ୍ର୍ୟ ଦ୍ରୁତ ଗତିରେ ହ୍ରାସ ପାଇଛି ବୋଲି ଯେଉଁ ମିଛ ପ୍ରଚାର କରୁଥିଲେ ତାହା ନୀତି ଆୟୋଗ ରିପୋର୍ଟରେ ଧରାପଡ଼ିଛି। ୨୪ବର୍ଷର ଶାସନ ପରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ରୋଜଗାର ଆଦି ଲୋକଙ୍କ ପାଇଁ ଅପହଞ୍ଚ କାହିଁକି ? ସୁନ୍ଦରଗଡ଼ ଜିଲ୍ଲାର ୨ଟି ଉପ-ନିର୍ବାଚନରେ ଖୋଦ୍ ମୁଖ୍ୟମନ୍ତ୍ରୀ ଜିଲ୍ଲାର ଦାୟିତ୍ୱ ନିଜେ ନେବେ ବୋଲି କହିଥିଲେ। ଜିଲ୍ଲାର ସ୍ଥିତିକୁ ପରଖିଲେ ମୁଖ୍ୟମନ୍ତ୍ରୀ କିଭଳି ଦାୟିତ୍ୱ ନେଉଛନ୍ତି ତାହା ଭଲ ଭାବେ ବୁଝାପଡୁଛି। ବିଜେଡି ସରକାରରେ ରାଜ୍ୟବାସୀଙ୍କ ପ୍ରତି ତିଳେ ହେଲେ ନିଷ୍ଠା ନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଯାତ୍ରୀବାହୀ ବସ ଓଲଟିଲା : ୬୨ ଆହତ ୯ ଗୁରୁତର

କୋରେଇ, ୧୯/୦୭ (ନି.ପ୍ର): କୋରାଇ ଥାନା ଅନ୍ତର୍ଗତ ଜହ୍ନା ନିକଟରେ ଭୁବନେଶ୍ୱରରୁ କରଞ୍ଜିଆ ଯାଉଥିବା 'ନାୟକ ନାମକ ଏକ ଯାତ୍ରୀବାହୀ ବସ ଯାହାର ନମ୍ବର(ଓଆର ୦୨-ବିଏସ-୦୦୪୫) ଅନ୍ୟ ଏକ ଗାଡ଼ିକୁ ବାମ ପଟେ ଓଭର ଟେକ କରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଛି । ବସରେ ଥିବା ଯାତ୍ରୀଙ୍କ କହିବାନୁସାରେ ବସର ଚାଳକ ପ୍ରବଳ ମାତ୍ରାରେ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଏପରି ଦୁର୍ଘଟଣା ଘଟିଲା । ବସରେ ଥିବା ଷାଠିଏରୁ ଅଧିକ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଖବରପାଇ ଯାଜପୁର ଏଓଡ଼ିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ କୋରାଇ ପୁଲିସ ଓ ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚିଛନ୍ତି । ସ୍ଥାନୀୟ ଲୋକେ ଓ ଯାଜପୁର ରୋଡ଼ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକସ୍ଥିତ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଅଛି ଏବଂ ଜଣେ ମହିଳାଙ୍କୁ ଯାଜପୁର ଟାଉନ ମେଡିକାଲ ପଠାଯାଇଛି ।ଅନ୍ୟପକ୍ଷରେ ବସରେ ଥିବା ଶିଶୁ କନ୍ୟା ଗୁରୁତର ଆହତ ହେବାରୁ ତାଙ୍କୁ କଟକ ସ୍ଥିତ ଶିଶୁ ଭୁବନକୁ ପଠାଇ ଦିଆଯାଇଛି। ଘଟଣା ସ୍ଥଳରେ କୋରେଇ ବିଧାୟକ ଅଶୋକ କୁମାର ବଳ, କଳିଙ୍ଗନଗର ଏଡିଏମ ସନ୍ତୋଷ କୁମାର ମିଶ୍ର ପହଂଚିଛନ୍ତି।

## କୃଷି ଭିତିକ ଚାଷଜମି ନିରୀକ୍ଷଣ ପାଇଁ ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୯/୦୭ (ନି.ପ୍ର): ଜିଲ୍ଲା ଯୋଜନା କାର୍ଯ୍ୟାଳୟ ପରିସରରେ କୃଷି ଭିତିକ ଚାଷ ଜମି ନିରୀକ୍ଷଣ ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀମତୀ ଆରତୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଲଡି ଡିଏନ ମହାପାତ୍ର, ସିଷ୍ଟମ ଆନାଲାଇନ ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିବା କୃଷି ବିଭାଗର ଭିଏଲଡବ୍ଲୁ, ରାଜସ୍ୱ ବିଭାଗର ଅମିନ, ଓ ପରିସଂଖ୍ୟାନ ବିଭାଗର କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରି ଜିଲ୍ଲାର କୃଷି ଉପଯୋଗୀ ଚାଷ ଜମିର ସର୍ଭେ ପାଇଁ ଆବଶ୍ୟକୀୟ ପଦ୍ଧତି ସଂପର୍କରେ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ତହସିଲ ଅଧିନ ଚାଷ ଜମି ଗୁଡିକର ପ୍ରକାରଭେଦ, ଅବସ୍ଥିତି, ଜଳ ସେଚନର ବ୍ୟବସ୍ଥା ସଂପର୍କରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ଏହାର ସଂପୂର୍ଣ୍ଣ ପରିସଂଖ୍ୟାନ ବାହାର କରିବାପାଇଁ ତାଲିମ ପ୍ରଦାନ କରାଯାଇ ଥିଲା ।

## ସମାଜସେବୀ ତଥା ଯୁବ ବ୍ୟବସାୟୀ ସର୍ବାଶିଷ ମହାପାତ୍ରଙ୍କ ପରଲୋକ

ବଲାଙ୍ଗିର, ୧୯/୦୭ (ନି.ପ୍ର): ବଲାଙ୍ଗିରର ସମାଜସେବୀ ତଥା ଯୁବ ବ୍ୟବସାୟୀ ସର୍ବାଶିଷ ମହାପାତ୍ରଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୧ ବର୍ଷ ହୋଇଥିଲା । ଗତ କିଛି ଦିନ ଧରି ସର୍ବାଶିଷ ଜଣ୍ଡିସ୍ ରୋଗରେ ପୀଡିତ ହୋଇ ସ୍ଥାନୀୟ ସ୍ୱରାଜ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ହସ୍ପିଟାଲରେ ଡାକ୍ତରଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଗତକାଲି ରାତି ପ୍ରାୟ ୨ଟା ସମୟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ସର୍ବାଶିଷ ଜଣେ ସରଳ ଓ ନିଷ୍କପଟ ମଣିଷ ଭାବରେ ପରିଚିତ ଥିଲେ । ସ୍ୱେଞ୍ଚ କମ୍ପୁଟର ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବରେ କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ସେ ବଲାଙ୍ଗିର ଜିଲ୍ଲାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ । ମୃତ୍ୟୁ ଖବର ପାଇବା ପରେ ସର୍ବାଶିଷଙ୍କ ମାଲପଡା ସ୍ଥିତ ବାସଭବନରେ ବନ୍ଧୁ ପରିଜନଙ୍କ ଭିଡ ଜମିଥିଲା । ସର୍ବାଶିଷଙ୍କ ମୃତ୍ୟୁ ଶଯ୍ୟାରେ ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ, ଗୋଟିଏ ଝିଅ ଉପସ୍ଥିତ ଥିଲେ । ଜଣେ ଦରଦୀ ଓ ମେଳାପୀ ମଣିଷ ଭାବରେ ଜଣାଶୁଣା ସର୍ବାଶିଷଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାଯୋଗ୍ୟ ଯେ, ସର୍ବାଶିଷଙ୍କ ପିତା ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ମା ଜଣେ ଗୃହିଣୀ ଅଟନ୍ତି । ମାତାପିତାଙ୍କ ଉପସ୍ଥିତିରେ ପୁଅଙ୍କ ଅକାଳ ବିୟୋଗ ପରି ଦାରୁଣ ଦୁଃଖ ସମସ୍ତଙ୍କୁ ମର୍ମାହତ କରିଛି ।

# ମଦ ନେଉଛି ମୁଣ୍ଡ : କମ୍ ବୟସରୁ ଗାଁର ୨୦ରୁ ଊର୍ଦ୍ଧ୍ୱ ବିଧବା



କେନ୍ଦୁଝର, ୧୯/୦୭ (ନି.ପ୍ର): ସାବି ମୁଣ୍ଡା, ବୟସ ୫୫। ସ୍ୱାମୀ, ପୁଅବୋହୂଙ୍କୁ ନେଇ ତାଙ୍କ ହସଖୁସିର ସଂସାର ଥିଲା। ହେଲେ ସେହି ସୁଖର ସଂସାରକୁ ଉଜାଡ଼ି ଦେଲା ମଦ। ସ୍ୱାମୀଙ୍କଠାରୁ ଆରମ୍ଭ କରି ପୁଅବୋହୂ ସମସ୍ତେ ଆଗପଛ ହୋଇ ଆରପାରିକୁ ଚାଲିଗଲେ। ଆଉ ଏହି ଅକାଳ ମୃତ୍ୟୁ ପଛର ମୂଳ କାରଣ ହେଉଛି ମଦ। ପରିବାରର ସମସ୍ତ ସଦସ୍ୟଙ୍କୁ ହରାଇ ଏବେ ସାବି ନିଃସଙ୍ଗ ଜୀବନ ବିତାଉଛନ୍ତି। ମାନସିକ ଭାରସାମ୍ୟ ହରାଇ ପର ହାତଟେକାରେ ବଞ୍ଚିଛନ୍ତି। କେନ୍ଦୁଝର ଜିଲ୍ଲା ଶଙ୍କରପୁର ମୁଣ୍ଡାସାହିରେ ସାବିଙ୍କ ପରି ୨୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବିଧବା ସଜାଇ ଦେଇଛି ମଦ। ସ୍ୱାମୀ ଶିବ ମୁଣ୍ଡାଙ୍କ ମୃତ୍ୟୁ କେବେ ହୋଇଛି ସେ ସମ୍ପର୍କରେ ସାବି କହି ପାରୁ ନଥିବା ବେଳେ ତିନିବର୍ଷ ତଳେ ପୁଅ ଚକ୍ରୁ, ଏହାପରେ ବୋହୂ ନିରାଶ, ବର୍ଷେ ତଳେ ସାନବୋହୂ ରଜନୀ ଓ ମାସେ ତଳେ ସାନପୁଅ ବିଦେଶୀଙ୍କ ମୃତ୍ୟୁ ଘଟିଥିବା କହିଛନ୍ତି। ନିଜର ସମସ୍ତ ପରିଜନଙ୍କୁ ହରାଇ ସାବି ଦୁଃଖକଷ୍ଟରେ କାଳ କାଟୁଥିବା ବେଳେ ତାଙ୍କୁ ଏଯାଏ ସାମାଜିକ ସୁରକ୍ଷା ଯୋଜନାରେ ବିଧବା ଭତ୍ତା ମିଳି ନଥିବା ସେ କହିଛନ୍ତି। ସାହିର ପୂଜା ମୁଣ୍ଡାଙ୍କ ବୟସ ମାତ୍ର ୨୫ ବର୍ଷ ହୋଇଥିବା ବେଳେ ସେ ତିନିବର୍ଷ ତଳୁ ବିଧବା ହେଲେଣି। ସ୍ୱାମୀ ରମିନ ମୁଣ୍ଡା କାମଧନ୍ଦା କରି ପରିବାର ଚଳାଉଥିଲେ। ତାଙ୍କ ମୃତ୍ୟୁ ପରେ ପୂଜା ବିଧବା ଭତ୍ତା କିମ୍ବା କେ ?ଣସି ସରକାରୀ ସୁବିଧା ପାଉ ନଥିବାରୁ ବିଲବାଡ଼ିରେ କାମ କରି ଚଳୁଛନ୍ତି। ସାହିର ପୁଷ୍ପଲତା ମୁଣ୍ଡାଙ୍କ କାହାଣୀ ମଧ୍ୟ ସମାନ। ତାଙ୍କୁ ମଧ୍ୟ ୨୪ ବର୍ଷ ହୋଇଥିବା ବେଳେ ଗତବର୍ଷ ସ୍ୱାମୀ ଉତ୍ତମ କୁମର ମୁଣ୍ଡାଙ୍କ ମୃତ୍ୟୁ ହୋଇଛି। ସବୁବେଳେ ମଦ ନିଶାରେ ଚୁର ହୋଇ ରହୁଥିବା ଉତ୍ତମଙ୍କ ପେଟ ଫୁଲିଯିବା ସହ ଝାଡ଼ା, ପରିସ୍ରା ବନ୍ଦ ହୋଇଯାଇଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଏବେ ପୁଷ୍ପଲତା ତିନି ପୁଅଝିଅଙ୍କୁ ଅତି ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ଏହାଛଡ଼ା ରାଜେଶ ମୁଣ୍ଡା, ସୁରେନ ମୁଣ୍ଡା, ଉପେନ୍ଦ୍ର ମୁଣ୍ଡା, ବୁଧୁ ମୁଣ୍ଡ, ଗୁରା ମୁଣ୍ଡା, ଗୁଲୁଠୁ ମୁଣ୍ଡା, ସିଂହରାୟ ମୁଣ୍ଡା, ସିକୁରା ମୁଣ୍ଡା, ଟୁରା ମୁଣ୍ଡା, ମଦନ ମୁଣ୍ଡା, ଡାକ୍ତର ମୁଣ୍ଡାଙ୍କର ମଧ୍ୟ ଜୀବନ ନେଇଛି ମଦ। ସେମାନଙ୍କ ମୃତ୍ୟୁ ପରେ ପରିବାର ଦୁଃଖକଷ୍ଟରେ ଚଳୁଛନ୍ତି। କେନ୍ଦୁଝର ସଦର ବ୍ଲକ୍ ଶଙ୍କରପୁର ମୁଣ୍ଡାସାହି ଆରମ୍ଭରେ ରହିଛି ଦେଶୀମଦ ଭାଟି। ଏଠାରେ ଦେଶୀ ମହୁଲିମଦ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ଏହି ମଦଭାଟିରୁ ସରକାର ପ୍ରତି ମାସରେ ୨ ଲକ୍ଷ ୨୮ ହଜାର ଟଙ୍କା ରାଜସ୍ୱ ପାଉଛନ୍ତି। କିନ୍ତୁ ଏଠାରେ ମଦ କେମିତି ତିଆରି ହେଉଛି ତାର ପ୍ରଣାଳୀକୁ କେହି ନିରୀକ୍ଷଣ କରୁନାହାନ୍ତି। ମଦକୁ ଅଧିକ ନିଶାଯୁକ୍ତ କରିବାପାଇଁ ଏଥିରେ ୟୁରିଆ ଭଳି ରସାୟନିକ ପଦାର୍ଥକୁ ମିଶାଯାଉଛି। ଏହି ଅପମିଶ୍ରିତ ମଦ ମୁଣ୍ଡାସାହି ପାଇଁ ବିପଦର କାରଣ ପାଲଟିଛି। ମଦ ପିଇ ଗାଁର ଜଣକ ପରେ ଜଣେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ସେମାନଙ୍କ ପତ୍ନୀମାନେ ଅଳ୍ପ ବୟସରେ ବିଧବା ହୋଇଛନ୍ତି। ସରକାର ମଦଭାଟି ଖୋଲି ରାଜସ୍ୱର ହିସାବ ରଖୁଛନ୍ତି ସିନା ଏହି ନିରୀହ ଆଦିବାସୀଙ୍କ ମୃତ୍ୟୁର ହିସାବ ରଖିପାରୁ ନାହାନ୍ତି।

## ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଭତା ବଂଟନ

ଧର୍ମଶାଳା, ୧୯/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ପ୍ରଥମାଖଣ୍ଡ ପଂଚାୟତରେ ନୂତନ ହଯୋଗ୍ୟ ହିତାଧିକାରୀଙ୍କୁ ଭତା ବଂଟନ କରାଯାଇଛି । ଏହି ଅବସରରେ ସରପଂଚ ଦୂର୍ଗା ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ନୂତନ ହିତାଧିକାରୀଙ୍କୁ ଭତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରସୁଲପୁର ବିଡିଓଙ୍କ ସମେତ ସ୍ଥାନୀୟ ବରିଷ୍ଠ ମୁରବୀ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ମହିଳାଙ୍କୁ ଭତା ପ୍ରଦାନ କରାଯାଇଥିଲା ।

# ଭଡ଼ାରେ ଲାଗିବ 'ହକି ବିଶ୍ୱକପ୍ ଗ୍ରାମ' : ସଂଚାଳନ ଓ ପ୍ରବନ୍ଧନ ପାଇଁ ଟେଣ୍ଡର ଆହ୍ୱାନ



ରାଉରକେଲା, ୧୯/୦୭ (ନି.ପ୍ର): ପୁରୁଷ ହକି ବିଶ୍ୱକପ ପୂର୍ବରୁ ଖେଳାଳି, ପ୍ରଶିକ୍ଷକ, ସପୋର୍ଟର ଷ୍ଟାଫ୍‌ଙ୍କ ରହଣି ପାଇଁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପରିସରରେ 'ହକି ବିଶ୍ୱକପ ଗ୍ରାମ' ନିର୍ମାଣ କରାଯାଇଥିଲା। ଅତ୍ୟାଧୁନିକ ସୁବିଧାସୁଯୋଗରେ ଭର୍ତ୍ତି ହୋଇଥିବା ଏହି ବିଶ୍ୱକପ୍ ଗ୍ରାମ କୌଣସି ଗୁଣରେ ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲଠାରୁ କମ୍ ନଥିଲା। ତେବେ ହକି ବିଶ୍ୱକପ୍ ଶେଷ ହେବାପରେ ଏହାର ଭବିଷ୍ୟତକୁ ନେଇ ଯେଉଁ ଆଶଙ୍କା କରାଯାଇଥିଲା, ଆଜି ତାହା ସତ୍ୟତାରେ ପରିଣତ ହୋଇଛି। ଏହି ଅତ୍ୟାଧୁନିକ ଭିତ୍ତିଭୂମିକୁ ଭଡ଼ାରେ ଲଗାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବିଶ୍ୱକପ୍ ଗ୍ରାମର ସଂଚାଳନ ଓ ପ୍ରବନ୍ଧନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଏହାକୁ ସ୍ୱଳ୍ପକାଳୀନ ନୁହେଁ, ବରଂ ଦୀର୍ଘକାଳୀନ ଭିତ୍ତିରେ ଲିଜ୍‌ରେ ଦିଆଯିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରାଳୟର ବିଜ୍ଞପ୍ତି ଅନୁସାରେ, ଟେଣ୍ଡର ପ୍ରକ୍ରିୟା ଜୁଲାଇ ୧୭ରୁ ଆରମ୍ଭ ହୋଇ ଅଗଷ୍ଟ ୧୦ ତାରିଖ ଯାଏ ଚାଲିବ। ଅଗଷ୍ଟ ୧୧ରେ ଟେଣ୍ଡର ଖୋଲାଯିବାପରେ ୧୬ରେ ବୈଷୟିକ ଉପସ୍ଥାପନା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ସଂସ୍ଥାଗୁଡ଼ିକ ବିଶ୍ୱକପ୍ ଗ୍ରାମର ସ୍ଥିତି ବୁଲିଦେଖିବାର ମଧ୍ୟ ସୁଯୋଗ ଦିଆଯିବ। ବେସରକାରୀ ସଂସ୍ଥାକୁ ବିଶ୍ୱକପ୍ ଗ୍ରାମକୁ ଟେକି ଦେବାର ଯୋଜନା ଜିଲ୍ଲାର ଅସଂଖ୍ୟ ହକିପ୍ରେମୀଙ୍କୁ ନିରାଶ କରିଛି। ଏହି ପ୍ରକଳ୍ପ କେବଳ ହକି ବିଶ୍ୱକପର ସ୍ମୃତିକୁ ଜାଗ୍ରତ କରୁନି, ବରଂ ରାଉରକେଲା ମାଟିରେ ଗଢ଼ିଉଠିଥିବା ଅନ୍ୟତମ ଶ୍ରେଷ୍ଠ ଭିତ୍ତିଭୂମି ହୋଇଥିବାରୁ ଏହାକୁ ସରକାର ଖୋଦ୍ ପରିଚାଳନା କରିବା ସପକ୍ଷରେ କ୍ରୀଡ଼ାପ୍ରେମୀ ଯୁକ୍ତି ବାଢ଼ିଛନ୍ତି। ଏହି ବିଶ୍ୱକପ ଗ୍ରାମର ନିର୍ମାଣ ୨୦୨୨ ମାର୍ଚ୍ଚରେ ଆରମ୍ଭ ହୋଇ ମାତ୍ର ୯ ମାସ ଅବଧି ଭିତରେ ଶେଷ ହୋଇଥିଲା। ୮୪.୦୪ କୋଟି ବ୍ୟୟରେ ଏହି 'ଆକୋମୋଡେସନ୍ ବିଲ୍ଡିଂ' ଗଢ଼ି ଉଠିଥିଲା। ଏଠାରେ ୨୧୭ଟି ରୁମ୍ ଓ ୮ଟି ସୁଟ୍, ମୋଟ୍ ୨୨୫ଟି ଅତ୍ୟାଧୁନିକ ରୁମ୍ ରହିଛି। ଏଠାରେ ପ୍ରାୟ ୯.୧୯ କୋଟି ବ୍ୟୟ ଅଟକଳରେ ସ୍ୱିମିଂ ପୁଲ୍ ନିର୍ମାଣ କରାଯାଇଥିବାବେଳେ ଅତ୍ୟାଧୁନିକ ଫିଟ୍‌ନେସ ସେଣ୍ଟର, ହାଇଡ୍ରୋଥେରାପି ପୁଲ୍, ବାଷ୍ପ ସ୍ନାନ ବ୍ୟବସ୍ଥା, ଷ୍ଟିମ୍, ଭିଡିଓ ବୋର୍ଡ ରୁମ୍, ୪ଟି ମିଟିଂ ରୁମ୍, ୩ଟି ଡାଇନିଂ ଅଞ୍ଚଳ, ୨ଟି ରୋଷେଇ ଘର, ଅତ୍ୟାଧୁନିକ ବ୍ୟାୟାମଶାଳା, ରିସେପ୍ସନ ଏରିଆ ଆଦି ଉପଲବ୍ଧ। ପ୍ରକାଶଥାଉକି, ମାର୍ଚ୍ଚ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହକି ପ୍ରୋ-ଲିଗ୍ ଆୟୋଜିତ ହୋଇଥିଲା। ଏଥିରେ ଭାରତ, ଜର୍ମାନୀ ଓ ଅଷ୍ଟ୍ରେଲିଆ ମୋଟ୍ ୬ଟି ମ୍ୟାଚ୍ ଖେଳିଥିଲେ। ସେତେବେଳେ ତିନି ଦଳର ଖେଳାଳିଙ୍କୁ ବିଶ୍ୱକପ ଗ୍ରାମରେ ରଖାଯାଇନଥିଲା। ବରଂ ସେମାନେ ସହରର ତିନିଟି ଭିନ୍ନ ଭିନ୍ନ ହୋଟେଲରେ ରହିଥିଲେ। ଏମିତିକି ଷ୍ଟାଡିୟମଠାରୁ ପ୍ରାୟ ୧୦ କିଲୋମିଟର ଦୂର ବେଦବ୍ୟାସଠାରେ ଥିବା ଏକ ହୋଟେଲରେ ଭାରତୀୟ ଦଳ ରହିଥିଲେ। ସେତେବେଳେ ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା, କିନ୍ତୁ ଖାଦ୍ୟପେୟର ଅଭାବ ଆଳ ଦେଖାଇଥିଲେ ଆୟୋଜକ।

## ବିଜେଡିର ମିଶ୍ରଣ ପର୍ବ : ବିଜେପିର ବରିଷ୍ଠ ନେତା ପୂର୍ଣ୍ଣ ଚନ୍ଦ୍ର ତରାଇ ଦଳ ଛାଡିଲେ

ଧର୍ମଶାଳା, ୧୯/୦୭ (ନି.ପ୍ର): ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଆଜି ପୂର୍ବାହ୍ନରେ ଯାଜପୁର ଜିଲା ଜାରକାସ୍ଥିତ ବିଜୁ ଜନତା କାର୍ଯ୍ୟାଳୟଠାରେ ବିଜେଡି ରାଜ୍ୟ ସାଧାରଣ ସଂପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ନଂ ଜୋନ ଉତରପ୍ରତାପ ପଂଚାୟତର ପୂର୍ବତନ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ପୂର୍ଣ୍ଣ ଚନ୍ଦ୍ର ତରାଇ ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ଶ୍ରୀଯୁକ୍ତ ବଳବନ୍ତରାୟ ସେମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ଜଳଧର ସାହୁ, ଜଳଧର ମହାନ୍ତି, ଅମରେନ୍ଦ୍ର ରାୟ, ସୁଧାଂଶୁ ଶେଖର ସାହୁ, ନିମାଇଁ ମଳିକ, କ୍ଷିରାବ୍ଧୀ ତନୟା ମଲ୍ଲିକ ଓ ନିରଞ୍ଜନ ବଳ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଏଥିରେ ଶତାଧିକ ବିଜେପି କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ।

# ବାଲେଶ୍ୱର ଓୟୁଜେ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ




ବାଲେଶ୍ୱର, ୧୯/୦୭ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଦହପଡ଼ା ସ୍ଥିତ ଭାରତ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏଣ୍ଡ ଟେକ୍ନୋଲୋଜି କଲେଜ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ଅନ୍ୟୁନ ୨୦ ଟି କରି ଗଛ ଲଗାଇବାକୁ ଚେଷ୍ଟା କରିବା ସହିତ ଅନ୍ୟ ମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ।ସେ କହିଲେ ଯେ, ଓଡ଼ିଶା ସାମ୍ବାଦିକ ୟୁନିୟନର ଏଭଳି ମହତ କାର୍ଯ୍ୟ ସର୍ବଦା ସ୍ୱାଗତ ଯୋଗ୍ୟ। ଏଥିପାଇଁ ସଂଘ ର କର୍ମକର୍ତ୍ତାଙ୍କୁ ସେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ଏହିବୁ କାର୍ଯ୍ୟ ଜାରୀ ରଖିବାକୁ ପରାମର୍ଶ ଦେଇଥିଲେ। ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ରାଶି ଦୁଇ ଲକ୍ଷ ରୁ ୫ଲକ୍ଷ କୁ ସରକାର ବୃଦ୍ଧି କୁ ସ୍ୱାଗତ କରି ସେ କହିଲେ ଯେ,ସରକାର ସାମ୍ବାଦିକଙ୍କ ସମସ୍ୟା ପ୍ରତି ସଚେତନ ଅଛନ୍ତି । ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଦହପଡ଼ା ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ପ୍ରଣତି ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ସାମ୍ବାଦିକ ମାନେ ଦେଶର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରୁଥିବାରୁ ସାମ୍ବାଦିକ ସୁରକ୍ଷା ଆଇନ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲାଗୁ କରିବାକୁ ନିବେଦନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଚାରା ରୋପଣ କରି କହିଲେ ଯେ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏକ ମହତ କାର୍ଯ୍ୟ। ସାମ୍ବାଦିକ ବନ୍ଧୁ ମାନେ ଏହା କରୁଥିବାରୁ ସେ ସ୍ୱାଗତ କରିଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରାଯାଇଥିବା ଏହି କାର୍ଯ୍ୟକ୍ରମ ରେ ସଂଘର ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ସଦର ସଂଗଠକ ମହମ୍ମଦ ହାଇଦର ଖାନ, କମଳା କାନ୍ତ ନାୟକ, କହ୍ନେଇ ଚରଣ ପ୍ରଧାନ, ଯୁବନେତା ହରିଶ ଜେନା, କଲେଜର ଟ୍ରଷ୍ଟି ଡ. ଶ୍ରୀମାନ ଶ୍ରୀଚନ୍ଦନ, ମନୋଜ କୁମାର ଜେନା, ଅସିତ୍ କୁମାର ଦାସ, ଆକାଶ ମୋଦି କଲେଜର ଅଧକ୍ଷ ଏସ କେ ଗ୍ୟାସଉଦ୍ଦିନ, ପ୍ରଦୀପ କୁମାର ଗିରି, ପ୍ରେମଜିତ୍ ସିଂହ, ପ୍ରମିଳା ଦାଡ, ମାନସୀ ମଲ୍ଲିକ, ସଗୁପ୍ତା କ୍ୱାଦ୍ରି, ଶୁଭଲକ୍ଷ୍ମି ସାହୁ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# କେବେ ନିର୍ମାଣ ହେବ ବାରିପଦା ମଡେଲ ବସଷ୍ଟାଣ୍ଡ

♦ବର୍ଷେ ତଳୁ ସାଢେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦିତ
♦୮ମାସ ତଳୁ ଟେଣ୍ଡର ସରିଥିଲେ ମଧ ଚୁକ୍ତିପତ୍ର ହୋଇ ନଥିବାରୁ ସାନି ଟେଣ୍ଡର ହେବ
♦ପୂର୍ତ୍ତ ବିଭାଗର ଅବହେଳାକୁ ନେଇ ଜିଲ୍ଲାପାଳଙ୍କ ତାଗିଦ



ବାରିପଦା , ୧୯/୦୭ (ନି.ପ୍ର): ମୟୂରଭଂଜ ଜିଲାର ସଦର ମହକୁମା ବାରିପଦା ପୌରପରିଷଦରେ ରହିଥିବା ଯାତ୍ରୀବାହୀ ବସଷ୍ଟାଣ୍ଡକୁ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡରେ ପରିଣତ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠିନମ୍ବର ୧୪୩୬୬ ଅନୁଯାୟୀ ଗତବର୍ଷ ଅଗଷ୍ଟ ମାସରେ ସରକାରୀ ଅନୁମତି ମିଳିବା ସହ ଏହାର ଆଧୁନିକି କରଣ ପାଇଁ ମୋଟ ୩କୋଟି ୬୫ଲକ୍ଷ ୫୪ ହଜାର ଟଙ୍କାର ଅଟକଳ ପ୍ରସ୍ତୁତ ମଧ ହୋଇସାରିଛି । ଷ୍ଟାଣ୍ଡ ଭିତରେ କୋଠାଘର ନିର୍ମାଣ ପାଇଁ ୧କୋଟି ୨୮ଲକ୍ଷ ୨୮ ହଜାର ଟଙ୍କା, ଷ୍ଟାଣ୍ଡର ଆନ୍ତରିଣ ରାସ୍ତା ନିର୍ମାଣ ପାଇଁ ୫୮ଲକ୍ଷ ୭୭ ହଜାର ଟଙ୍କା, ଡ୍ରେନଜ ପାଇଁ ୧୫ଲକ୍ଷ ୫୯ ହଜାର ଟଙ୍କା, ପାର୍କିଂ ଓ ପକ୍କା ଚଟାଣ ପାଇଁ ୨୦ଲକ୍ଷ ୭୩ ହଜାର ଟଙ୍କା, ପାଚେରୀ ପାଇଁ ୫ଲକ୍ଷ ୭୧ ହଜାର ଟଙ୍କା, ପ୍ରବେଶ ଫାଟକ ଓ ନିରାପତ୍ତା କିଓସ୍କ ପାଇଁ ୧୩ଲକ୍ଷ ୩୬ ହଜାର ଟଙ୍କା ଏବଂ ବସିବା ପାଇଁ ଖୋଲା ଜାଗା ଓ ଚଲାପଥ ସକାଶେ ୫ଲକ୍ଷ ୬୧ ହଜାର ଟଙ୍କା, ପରିମଳ ବ୍ୟବସ୍ଥା ଆଦି ନିମନ୍ତେ ୨୪ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ କରା ଯାଇଥିବାର ଜଣାଯାଇଛି । ଏହାର ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯିବା ନିମନ୍ତେ ରାଜ୍ୟ ସରକାର ସ୍ଥିର କରିଛନ୍ତି । ତେବେ ଦୀର୍ଘ ୮ମାସ ହେଲାଣି ପ୍ରକଳ୍ପର ଟେଣ୍ଡର ସରିଥିଲେ ମଧ ପୂର୍ତ୍ତ ବିଭାଗ ଟେଣ୍ଡର ପାଇଥିବା କମ୍ପାନୀ ସହ ଚୁକ୍ତି ସମ୍ପାଦନ ନକରି ଶୋଇ ରହିଛି । ଫଳରେ ଉକ୍ତ ଟେଣ୍ଡର ବାତିଲ ହେବା ସହ ଏବେ ନୂତନ ଟେଣ୍ଡର ହେବ ବୋଲି ଜଣାଯାଇଛି। ବାରିପଦା ସହର ଭିତରେ ଥିବା ପୌର ପାଳିକା ବସଷ୍ଟାଣ୍ଡ ବହୁ ପୁରାତନ ହୋଇ ଥିବାରୁ ବର୍ତ୍ତମାନର ସମୟକୁ ନେଇ ବହୁ ସମସ୍ୟା ଦେଖା ଯାଉଛି। ତେବେ ଏବାବଦରେ ଗତ ୨ଦିନ ତଳେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସଚିବ ବାରିପଦା ଗସ୍ତରେ ଆସି ବାରିପଦା ବସ ଷ୍ଟାଣ୍ଡ ପରିଦର୍ଶନ କରି କାହିଁକି କାମ ଆରମ୍ଭ ହୋଇ ନାହିଁ ବୋଲି ତଦାରଖ କରିଥିଲେ। ତେବେ ଆଜି ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବାବଦରେ ଏକ ବୈଠକ ଡାକି ବସଷ୍ଟାଣ୍ଡର ଉନ୍ନତିକରଣ କାର୍ଯ୍ୟ ପ୍ରକ୍ରିୟା ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ବେହେରା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ସେଠି, ବସ ମାଲିକ ସଂଘର ସାଧାରଣ ସମ୍ପାଦକ ସୁନୀଲ ଦାସ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ, ବାରିପଦା ତହସିଲଦାର ବିକ୍ରମ କେଶରୀ ପରିଡା, ଭଞ୍ଜପୁର ଏବଂ ଟାଉନ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଟେଣ୍ଡର ପ୍ରକ୍ରିୟା କରି ଡିସେମ୍ବର ମାସ ସୁଦ୍ଧା କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ କିଛି ଦିନ ପାଇଁ ବାରିପଦା ରଘୁନାଥପୁର ଠାରେ ଚିହ୍ନଟ ହୋଇ ଥିବା ଜାଗାରେ ଅସ୍ଥାୟୀ ଭାବରେ ବସଷ୍ଟାଣ୍ଡ ସ୍ଥାନାନ୍ତର ହେବା ସହ ଡିସେମ୍ବର ମାସ ସୁଦ୍ଧା ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି. ତେବେ ପୂର୍ତ୍ତ ବିଭାଗ କାହିଁକି ଟେଣ୍ଡର ଡାକି ମଧ ସମ୍ପୃକ୍ତ ସଂସ୍ଥା ସହ ଚୁକ୍ତି କଲାନାହିଁ ଏବଂ ଏବେ ବର୍ଷା ଦିନରେ କିଭଳି ସମୟସୀମା ମୁତାବକ କ୍ୱାଲିଟି ନିର୍ମାଣ କାର୍ଯ୍ୟ ସମ୍ପାଦିତ ହୋଇପାରିବ ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**Tender Notice No :114-ELC- G-KGP-23-24-19, Dt-17.07.2023,** ଭାରତର ରାଷ୍ଟ୍ରପତିଙ୍କ ତରଫରୁ **SR. DEE / G/** ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ୧୫.୦୦ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଗ୍ରହଣ କରାଯାଇ ୧୫.୩୦ ଘଣ୍ଟାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** Sr.DEE (G) / KGP ଅଧୀନରେ AT ସପ୍ଲାଏ ପାଇଁ KGP ଡିଭିଜନରେ ବିଭିନ୍ନ ଷ୍ଟେସନ ଗୁମୁଟି, IBH ଗୁଡିକରେ LT କେବୁଲର ଯୋଗାଣ ଏବଂ ବିଛାଣ ପାଇଁ ଇଲେକ୍ଟ୍ରିକାଲ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: 1,37,73,121.76 E.M.D: 2,18,900 ଖୋଲିବାର ତାରିଖ:** ୦୯.୦୮.୨୦୨୩ । ଦାଖଲ ତାରିଖ: ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୦୯.୦୮.୨୦୨୩ । ଇଚ୍ଛୁକ ଟେଣ୍ଡରକାରୀ www.ireps.gov.in କୁ ଯାଇ ପରିଦର୍ଶନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ସହ ଅନ୍‌ଲାଇନ୍‌ରେ ଟେଣ୍ଡର ପକାଇପାରିବେ । କୌଣସି ପରିସ୍ଥିତିରେ ମେନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର. :** ଆଶାୟୀ ଟେଣ୍ଡରର୍ ମାନେ www.ireps.gov.in କୁ ଯାଇ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। (PR-418)

# ୬୦ ଜାତୀୟ ରାଜପଥରେ ଗୋରୁ ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ

ଜଳେଶ୍ୱର , ୧୯/୦୭ (ନି.ପ୍ର): ଓଡିଶାର ବିଭିନ୍ନ ସ୍ଥାନରୁ ପଶ୍ଚିମବଂଗକୁ ରାଜପଥ ଗୁଡିକ ଦେଇ ପ୍ରତିଦିନ ହଜାର ହଜାର ଗୋରୁ ଚାଲାଣ ହେଉଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ଫଳରେ ରାଜ୍ୟରୁ ବେଆଇନ୍‌ଭାବେ ପଶ୍ଚିମବଂଗକୁ ଗୋ ଚାଲାଣ ହେଉଥିବା ବେଳେ ଓଡିଶା ସରକାରଙ୍କ ଏନିମେଲ କୃଏଲିଟି ଆକ୍ଟ ପଙ୍ଗୁ ପାଲଟିଛି । ଘଟଣାରୁ ପ୍ରକାଶ, ଓଡିଶାର ବିଭିନ୍ନ ଜିଲାରୁ ପ୍ରତିଦିନ ଟ୍ରକ, ଟେଙ୍କର, ପିକ୍‌ଅପ୍ କିମ୍ବା ଚଳେଇ ଚଳେଇ କେତେକ ରାକେଟ ପଶ୍ଚିମବଂଗକୁ ଗୋ ଚାଲାଣ କରିଆସୁଛନ୍ତି । ୬୦ନଂ ଜାତୀୟ ରାଜପଥ ଏହି ରାକେଟର ଚାରଣଭୂମୀ ହୋଥିବା ବେଳେ ଗ୍ରାମାଂଚଳର ବିଭିନ୍ନ ରାସ୍ତାଦେଇ ମଧ୍ୟ ଗୋ ଚାଲାଣ ହୋଇ ଆସୁଛି । ପରିବହନ କରିବାକୁଥିବା ଆବଶ୍ୟକ ସଂଖ୍ୟାଠାରୁ ୩/୪ଗୁଣ ଅଧିକ ପଶୁଙ୍କ ଧରି ଗୋ ଚାଲାଣ ହେଉଛି । ଯାନ ଗୁଡିକରେ ଗୋରୁ ଗୁଡିକୁ ଜବରଦସ୍ତ ଶୁଆଇ ଦେଇ ଛାତପରି ସୃଷ୍ଟି କରାଯାଇ ଉପରେ ଗୋରୁ ମାନଙ୍କୁ ରଖାଯାଉଛି । ବାଲେଶ୍ୱର ଜିଲାର ୭ଟି ଥାନା ପାରିହୋଇ କେତେକ ଯାନରେ ହଜାର ହଜାର ଗୋରୁ ଦିବାରାତ୍ର ଚାଲାଣ ହେଉଥିଲେ ମଧ୍ୟ ପୁଲିସ୍‌ର ନିଦ୍ରା ଭଂଗ ହେଉନାହିଁ। ଏନିମାଲ କୃଏଲିଟି ଆକ୍ଟ ଥିଲେ ମଧ୍ୟ ଯାନ ଗୁଡିକରେ ଅମାନବିକଭାବେ ବହୁ ଗୋରୁଙ୍କୁ ଚାଲାଣ ହେଉଛି । ୬୦ନଂ ଜାତୟୀ ରାଜପଥରେ ବାରମ୍ବାର ଏହି ଗାଡି ଗୁଡିକ ଦୁର୍ଘଟଣା ହେଉଥିବାରୁ ବହୁ ଗୋରୁ ମୃତାହତ ହେଉଛନ୍ତି । ଗତ ରାତିରେ ଓଡି୦୧ଏକେ୯୧୬୧ ପିକ୍‌ଅପରେ ୧୦ଟି ଗୋରୁକୁ ନେଇ ଭଦ୍ରକ ଅଂଚଳରୁ ଏକ ପିକ୍‌ଅପ୍ କୋଲକତା ଗଲାବେଳେ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଥାନା ଅନ୍ତର୍ଗତ ହୋଟେଲ ଇନ୍‌ର ଅନତୀ ଦୂରରେ ଗାଡିଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଫଳରେ ପିକ୍‌ଅପ ପଶ୍ଚିମବଂଗକୁ ଯାଇପାରି ନଥିଲା । କେତେକ ଯୁବକଙ୍କ ପ୍ରଚେଷ୍ଟାରେ ଜଳେଶ୍ୱରର ଅଂଚଳର ଜନୈକ ନେତାଙ୍କ ହସ୍ତକ୍ଷେପ ବଳରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଆହତ ଗୋରୁ ଗୁଡିକ ପୁଲିସ୍ ଉଦ୍ଧାର କରି ଗୋ ଶାଳାକୁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପର ଜଣକୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଛି । ଜଳେଶ୍ୱର- ପଶ୍ଚିମବଂଗ ସୀମାରେ କେତେକ ଦଲାଲ ଏପରି ଗୋଚାଲାଣକୁ ପ୍ରସ୍ୱାହନ ଦେଉଛନ୍ତି। ଏହି ଗୋ ଚାଲାଣରେ ରାଜପଥ ନିକଟର ସମସ୍ତ ଥାନାର ପୋଲିସ୍, କେତେକ ନେତୃସ୍ଥାନୀୟ ବ୍ୟକ୍ତି, ପ୍ରଶାସନୀକ ଅଧିକାରୀ, ସାମ୍ବାଦିକ ଏହି ଘଟଣାରେ ସଂପୃକ୍ତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଜିଲାପାଳ ଓ ଏସ୍‌ପି ଏପରି ବେଆଇନ୍ ଗୋ ଚାଲାଣ ଅଟକିବାଲାଗି ଟାକ୍ସଫୋର୍ସ ଗଠନ ଲାଗି ଦାବି ହେଉଛି। ପ୍ରକାଶଯୋଗ୍ୟ ସୁବର୍ଣ୍ଣରେଖା ପୋଲ ନିକଟରେ ପୁଲିସ୍‌ର ଏକ ନାକା ପଏଣ୍ଟ ଥିଲେ ମଧ୍ୟ ଏପରି କାରବାରକୁ ସେମାନେ ବନ୍ଦ କରିବାରେ ଅସମର୍ଥ ହୋଇଛନ୍ତି ।

## ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୯/୦୭ (ନି.ପ୍ର): ଆଜି ଆଗଲପୁର ବ୍ଲକର ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଧୀରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଦ୍ଧବ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଦୁଇହଳ ପୋଷାକ, ଜୋତା ଆଦି ପ୍ରଦାନ କରାଗଲା।

## ଜୟପୁର ରେଳଷ୍ଟେସନର ସମୀକ୍ଷା କଲେ ଡିଆରଏମ୍

ଜୟପୁର, ୧୯/୦୭ (ନି.ପ୍ର): ଜୟପୁର ରେଳ ଷ୍ଟେସନରେ ସମୀକ୍ଷା କରିଛନ୍ତି ୱାଲେଟିଅର ଡିଭିଜନର ଡିଆରଏମ୍ ଅନୁପ ଶତପଥି। ଡିଆରଏମ ଅନୁପ ଶତପଥିଙ୍କ ସହ ବୈଷୟିକ ଟିମ୍ ରେଳ ଷ୍ଟେସନର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଦୀର୍ଘ ଦିନ ଧରି ଜୟପୁର ରେଳ ଷ୍ଟେସନର ଉନ୍ନତି କରଣ ସାଙ୍ଗକୁ ନୁତନ ଟ୍ରେନ ଚଳା ଚଳ ପାଇ ବିଭିନ୍ନ ସଂଗଠନ ତରଫରୁ ଦାବୀ ହୋଇ ଆସୁଥିଲା । ଡିଆରଏମ ଶତପଥିଙ୍କ ସୂଚନା ପରେ ଜୟପୁର ରେଳ ଷ୍ଟେସନର ରୁପରେଖ ବଦଳିବ। ଦୀର୍ଘ ଦିନ ଧରି ବିଶାଖାପାଟଣା ଡିଭିଜନର କୋରାପୁଟ ଜୟପୁର ଡବଲ ଲାଇନ କାର୍ଯ୍ୟ ନିର୍ମାଣଧିନ ରହିଛି । ବିଶାଖାପାଟଣା ଠାରୁ କୋରାପୁଟ ମଧରେ ଅନେକ ପାହାଡ ଓ ଜଙ୍ଗଲ ରହିଥିବା ବେଳେ ଅନେକ ଶୃଡଙ୍ଗ ଓ ଟ୍ରନେଲ ନିର୍ମାଣ କରିବାକୁ ପଡୁଥିବାରୁ ସେ କାର୍ଯ୍ୟର ଟିକେ ବିଳମ୍ବ ହେଉଛି । ଅନ୍ୟପଟେ ଜୟପୁର ରେଳ ଷ୍ଟେସନରେ ଆବଶ୍ୟକୀୟ ଭିତିଭୁମିର ତାଲିକା ପ୍ରସ୍ତୁତ କରାଯାଉଛି । ସେପଟେ ଆବଶ୍ୟକିୟ ସମସ୍ତ ଭିତ୍ତିଭୂମି ଏବଂ ଅନାନ୍ୟ ଦାବିକୁ କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚାଯିବ। ଅତିଶୀଘ୍ର ଜୟପୁର ରେଳ ଷ୍ଟେସନର କୋଠା, ପାର୍କ, ଲିଫ୍ଟ, ଭିନ୍ନକ୍ଷମଙ୍କ ପାଇଁ ସୁବିଧା , ଯାତ୍ରୀଙ୍କ ପାଇ ସୁବିଧା, ପାନୀୟ ଜଳ ଆଦି ବିକାଶ ହେବ ବୋଲି ଡିଆରଏମ ଶତପଥି ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ‘ମୋ ଘର’ ଯୋଜନା....

ଏହି ଯୋଜନାରେ ୪ଲକ୍ଷ ହିତାଧିକାରୀଙ୍କୁ ଗୃହ ନିର୍ମାଣର ସୁଯୋଗ ଦେବା ପାଇଁ ରାଜ୍ୟ ସରକାର ୨୧୫୦କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଥିଲେ ମଧ ଅନ୍ୟାନ୍ୟ ଗ୍ରାମୀଣ ବାସଗୃହ ଯୋଜନା ଅନୁରୂପ ଏହା ହୋଇନଥିବାରୁ ଲୋକେ ଏଥିପ୍ରତି ମୁହଁ ମୋଡ଼ିବାରେ ଲାଗିଛନ୍ତି। ଆଉ ବ୍ୟାଙ୍କଗୁଡ଼ିକ ବି ବିନା ବନ୍ଧକ ଓ ଆବଶ୍ୟକ ଦସ୍ତାବିଜ ବିନା ଗୃହ ଋଣ ଦେବାକୁ ଆଗ୍ରହ ଦେଖାଉନଥିବା ଜଣାପଡ଼ିଛି । ଯେଉଁଥିପାଇଁ ଜୁନ୍ ୧୬ତାରିଖରୁ ଏହି ଯୋଜନାରେ ଗୃହ ନିର୍ମାଣ ପାଇଁ ଆବେଦନ ଆରମ୍ଭ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଆବେଦନକାରୀଙ୍କ ସଂଖ୍ୟା ୨ଲକ୍ଷ ଛୁଇଁନଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ମେ’ ୨୯ତାରିଖରେ ପଂଚମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ‘ମୋ ଘର’ ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲେ । ଜୁନ୍ ୩ ତାରିଖରେ ରାଜ୍ୟ ସରକାର ଏହି କ୍ରେଡିଟ୍ ଲିଙ୍କଡ୍ କ୍ୟାପିଟାଲ ସବସିଡି ଯୋଜନା ‘ମୋ ଘର’ର ଗାଇଡଲାଇନ୍ ଜାରି କରିବା ସହ ମାସିକ ୨୫ହଜାର ଟଙ୍କାରୁ କମ୍ ଉପାର୍ଜନ କରୁଥିବା ପରିବାର ‘ମୋ ଘର’ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ବ୍ୟାଙ୍କରେ ଜମି ପଟ୍ଟା ବନ୍ଧକ ରଖି ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ରାଜ୍ୟ ସରକାର ୪୦ରୁ ୭୦ହଜାର ଟଙ୍କା(ସାଧାରଣ ବର୍ଗ ପାଇଁ ୩୦ରୁ ୬୦ହଜାର ଟଙ୍କା) କ୍ୟାପିଟାଲ ସବସିଡି ଦେବେ ତଥା ଗ୍ରାମାଂଚଳ ଗୃହ ନିର୍ମାଣ ଯୋଜନାରେ ଘରଟିଏ ପାଇନଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ପରିବାରକୁ ଏହି ଘର ମିଳିବ ବୋଲି ଘୋଷଣା କରିଥିଲେ । କିନ୍ତୁ ଏହି ଯୋଜନାରେ ଘର ପାଇବା ନିମନ୍ତେ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ନିୟମ ଓ ସର୍ତ୍ତାବଳୀ ଯୋଗୁ ଗ୍ରାମାଂଚଳର ପ୍ରକୃତ ଗରିବ ଓ ଯୋଗ୍ୟ ହିତାଧିକାରୀ ଏହି କ୍ରେଡିଟ୍ ଲିଙ୍କଡ୍ କ୍ୟାପିଟାଲ ସବସିଡି ଘର ପାଇବାରୁ ବଂଚିତ ହେଉଛନ୍ତି । ପଂଚାୟତିରାଜ ବିଭାଗର ତଥ୍ୟ ଅନୁସାରେ, ଜୁନ୍ ୧୬ତାରିଖରୁ ଅନଲାଇନରେ ‘ମୋ ଘର’ ଯୋଜନା ପାଇଁ ଆବେଦନ ଆରମ୍ଭ ହୋଇଥିବାବେଳେ ଜୁଲାଇ ୧୦ତାରିଖ ସୁଦ୍ଧା ମୋଟ ୧ଲକ୍ଷ ୮୮ହଜାର ୫୬୦ଜଣ ପଞ୍ଜିକୃତ ହୋଇଛନ୍ତି । କଟକ, ପୁରୀ,ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ,ବାଲେଶ୍ୱର, ଢେଙ୍କାନାଳ, ସୋନପୁର ଜିଲ୍ଲାରେ ସର୍ବନିମ୍ନ ୧୦୨୫୭ରୁ ସର୍ବାଧିକ ୧୮୧୪୯ଟି ପଞ୍ଜିକୃତ ହୋଇଥିବାବେଳେ ଅନ୍ୟ କୌଣସି ଜିଲ୍ଲାରେ ଏହି ସଂଖ୍ୟା ୫ଅଙ୍କ ଛୁଇଁନି । କଟକ ଜିଲ୍ଲାରୁ ସର୍ବାଧିକ ପଞ୍ଜିକରଣ ହୋଇଛି ତଥା ଆଦିବାସୀବହୁଳ ଓ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପଞ୍ଜିକରଣ ସଂଖ୍ୟା ବେଶ୍ କମ୍ ରହିଛି । ଏହି ପଞ୍ଜିକୃତଙ୍କ ମଧ୍ୟରୁ ୧ଲକ୍ଷ ୧୪ହଜାର ୮୭୩ଜଣ ଆବେଦନ କରିଥିବାବେଳେ ବାକି ୭୩୬୯୦ଜଣଙ୍କ ଆବେଦନ ସରକାରଙ୍କୁ ମିଳିନି । ଏହି ମୋଟ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୧୪୨୧୮ଜଣଙ୍କ ଆବେଦନ ଉପରେ କ୍ଷେତ୍ରସ୍ତରରେ ଯାଂଚ(ଫିଲଡ୍ ଭେରିଫିକେସନ) ହୋଇଛି । ସେମାନଙ୍କ ମଧ୍ୟରୁ ୭୭୪୭ଜଣ ଆବେଦନକାରୀଙ୍କ ଗୃହ ନିର୍ମାଣର ଯୋଜନା ଓ ଆକଳନ ଅପଲୋଡ୍ ହୋଇଥିବାବେଳେ ୮୧୨୦ଜଣଙ୍କ ଜିଓଟ୍ୟାଗିଂ ହେବା ସହ ମାତ୍ର ୪୬୬୭ଜଣ ଆବେଦନକାରୀଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କକୁ ସୁପାରିଶ କରାଯାଇଛି । ଅର୍ଥାତ୍ ଆବେଦନକାରୀଙ୍କ ମଧ୍ୟରୁ ୧ଲକ୍ଷ ୧୦ହଜାର ୨୧୦ଜଣଙ୍କ ଆବେଦନ ଏବେବି ବ୍ଲକସ୍ତରରେ ପଡ଼ିରହିଛି । ଗତ ସପ୍ତାହକ ମଧ୍ୟରେ ଆଉ ୪ରୁ ୫ହଜାର ଆବେଦନ ମିଳିଥିବା ଜଣାପଡ଼ିଛି । ଏହି ଯୋଜନାକୁ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ରହୁନଥିବାରୁ ଆବେଦନ ସଂଖ୍ୟା ମଧ ଉତ୍ସାହଜନକ ହୋଇନାହିଁ । ସେହିପରି ‘ମୋ ଘର’ ଯୋଜନାରେ ଆବେଦନକାରୀଙ୍କ ନାଁରେ ଜମି ପଟ୍ଟା ଥିବା ବାଧ୍ୟତାମୂଳକ ହୋଇଥିବାରୁ ଗ୍ରାମାଂଚଳର ଗରିବ ଯୋଗ୍ୟ ହିତାଧିକାରୀ ଏଥିରୁ ବଂଚିତ ହେଉଛନ୍ତି । ରାଜ୍ୟର ଗ୍ରାମାଂଚଳରେ ୯୦ ପ୍ରତିଶତରୁ ଅଧିକ ବାସଜମି ବା ଘରବାରି ଜମିଗୁଡ଼ିକ ଇଜମାଇଲ୍ ସମ୍ପତ୍ତି । ଆବେଦନକାରୀଙ୍କ ପିତା ଅବା ଜେଜେଙ୍କ ନାଁରେ ଏସବୁ ସମ୍ପତ୍ତି ଥିବାବେଳେ ଏହି ଘର ନିର୍ମାଣ ନିମନ୍ତେ ଜମିର ସ୍ୱତ୍ତାଧିକାରୀ ଆବେଦନକାରୀ ହୋଇଥିବା ବାଧ୍ୟତାମୂଳକର ପ୍ରାବଧାନ ଯୋଗୁ ଅନେକ ଆବେଦନ କରିପାରୁନାହାନ୍ତି । ଇଜିମାଇଲ ସମ୍ପତ୍ତି ହୋଇଥିବାରୁ ସେହି ଜମି ପଟ୍ଟାକୁ ବନ୍ଧକ ରଖିବାକୁ ମଧ ଅନ୍ୟ ଅଂଶୀଦାରମାନେ ସମ୍ମତି ଦେଉନାହାନ୍ତି । ସେହିପରି ଆବେଦନ ପରେ ବନ୍ଧକ ରଖିବାକୁ ଦିଆଯାଇଥିବା ଜମିର ଇସି ବାହାର କରିବା ଦାୟିତ୍ୱ ବ୍ୟାଙ୍କଗୁଡ଼ିକର ହୋଇଥିଲେ ମଧ ଆବେଦନକାରୀଙ୍କୁ ଏହି ଇସି ବାହାର କରିବା ନିମନ୍ତେ ବାଧ କରାଯାଉଛି । କେବଳ ସେତିକି ନୁହେଁ ଆଦିବାସୀବହୁଳ ଅଂଚଳ ଅର୍ଥାତ୍ ସିଡ୍ୟୁଲ ଏରିଆରେ ଆଦିବାସୀଙ୍କ ଜମିକୁ ବନ୍ଧା ରଖିବାରେ ଆଇନଗତ ସମସ୍ୟା ରହିଛି । ଏସବୁ ବ୍ୟତୀତ ଗ୍ରାମାଂଚଳର ବହୁ ଗରିବ ଲୋକ ବିଭିନ୍ନ ସୋସାଇଟିରୁ ଫସଲ ଋଣ କିମ୍ବା କୌଣସି ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ନେଇଥିବା ଜଣାପଡ଼ିଛି । ଯେଉଁଥିପାଇଁ ବ୍ୟାଙ୍କ ସେମାନଙ୍କୁ ‘ଡିଫଲ୍ଟ’କାରୀ ଭାବେ ବିବେଚନା କରୁଛି । ଗ୍ରାମାଂଚଳର ଅଧିକାଂଶ ଲୋକଙ୍କର ସିବିଲ୍ ସ୍କୋର ମଧ ଠିକ୍ ନାହିଁ । ତେଣୁ ଏସବୁକୁ ବ୍ୟାଙ୍କ କର୍ତ୍ତୃପକ୍ଷ କଡ଼ାକଡ଼ି ଯାଂଚ କରୁଥିବାରୁ ଗ୍ରାମାଂଚଳର ଗରିବ ଯୋଗ୍ୟ ବ୍ୟକ୍ତିଟିଏ ପାଇଁ ଘର ପାଇବା ସ୍ୱପ୍ନରେ ରହିଯାଇଛି । ଗ୍ରାମାଂଚଳ ଗରିବଙ୍କ ପାଇଁ ୪ଟି ଗୃହନିର୍ମାଣ ଯୋଜନା କାର୍ଯ୍ୟକାରୀ କରୁଥିବା ସରକାର ଆର୍ଥିକ ଦୁର୍ବଳ ବର୍ଗଙ୍କୁ ସିଧାସଳଖ ଘର ଆବଂଟନ ନକରି ଏଭଳି କ୍ୟାପିଟାଲ ସବସିଡି ଦେବାକୁ ନିଷ୍ପତ୍ତି ନେଇଥିବାରୁ ଗରିବ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ‘ବିଜୁ ପକ୍କାଘର’ ଯୋଜନାରେ ଗୋଟିଏ ବି ଘର କାହାରିକୁ ଆବଂଟନ କରିନଥିବା ଜଣାପଡ଼ିଛି । ଯଦିଓ ବଜେଟରେ ଏଥିପାଇଁ ୪୮୬.୯୦କୋଟି ଟଙ୍କାର ବ୍ୟବସ୍ଥା ରଖିଛନ୍ତି । ଆଉ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ଅଂଶଧନ ବାବଦରେ ୫୯୩୩.୭୦କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି । ରାଜ୍ୟର କ୍ଷମତାସୀନ ବିଜେଡି ସରକାର ନିଜର ନିର୍ବାଚନୀ ଇସ୍ତାହାରରେ ସମସ୍ତଙ୍କ ମୁଣ୍ଡରେ ଛାତ ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ନିଜସ୍ୱ ଗ୍ରାମୀଣ ଗୃହନିର୍ମାଣ ଯୋଜନା ‘ବିଜୁ ପକ୍କାଘର’ରେ ଗରିବ ଲୋକଙ୍କୁ ଗୃହ ଯୋଗାଣ କିମ୍ବା ‘ମୋ ଘର’ଯୋଜନାର ସର୍ତ୍ତାବଳୀକୁ କୋହଳ ସହ ବ୍ୟାଙ୍କରେ ରାଜ୍ୟ ସରକାର ନିଜେ ଗ୍ୟାରେଣ୍ଟର ରହିଲେ କିମ୍ବା କୋହଳ ନୀତି ଅବଲମ୍ବନ କଲେ ହିଁ ଏହି ଯୋଜନା ସଫଳ ରୂପ ନେଇପାରିବ ବୋଲି ଚର୍ଚ୍ଚା।

## ଲୁପ୍ ଲାଇନରେ...

୧୦ଟା ପରେ ଭଦ୍ରକ ଷ୍ଟେସନ୍‌ରୁ ଡାଉନ୍ ଲାଇନ୍‌ରେ ବାଲେଶ୍ୱର ଅଭିମୁଖେ ବାହାରିଥିଲା। ତେବେ ସୋର ଷ୍ଟେସନ୍ ପାର ହେବା ବେଳେ ଏହା ପ୍ରାୟ ୪୦ ମିନିଟ୍ ବିଳମ୍ବରେ ଚାଲିଥିଲା। ଟ୍ରେନ୍‌ଟି ୧୦ଟା ୫୩ ମିନିଟ୍ ବେଳକୁ ବରୁଣସିଂ ନୀଳଗିରି ରୋଡ୍ ଷ୍ଟେସନ୍ ନିକଟରେ ପହଞ୍ଚିବାର ଥିଲା। ହେଲେ ୧୨ଟା ୦୨ ମିନିଟ୍‌ରେ ପହଞ୍ଚିଥିଲା ଏବଂ ଦୁଇ ମିନିଟ୍ ରହଣି ପରେ ଟ୍ରେନ୍ ଷ୍ଟେସନ୍ ଛାଡ଼ିଥିଲା। ଟ୍ରେନ୍‌ଟିର ଗତି ବଢୁଥିବା ବେଳେ ଏହା ମେନ୍ ଲାଇନ୍‌ରେ ନଯାଇ ଷ୍ଟେସନ୍ ନିକଟ ଲୁପ୍ ଲାଇନ୍‌କୁ ଚାଲିଯାଇଥିଲା। ଯାହାର ଆଗକୁ ମେନ୍ ଲାଇନ୍ ସହ କୌଣସି ସଂଯୋଗ ନଥିଲା। ଏହି ସମୟରେ ଟ୍ରେନ୍‌ର ଦୁଇ ଲୋକୋ ପାଇଲଟ୍‌ଙ୍କ ସଂଦେହ ହୋଇଥିଲା। ସେମାନେ ଟ୍ରେନ୍‌ଟି ଲୁପ୍ ଲାଇନ୍‌ରେ ଯାଉଥିବା ଏବଂ ନିଶ୍ଚିତ ଦୁର୍ଘଟଣା ହେବା ଜାଣି ଏମରଜେନ୍‌ସି ବ୍ରେକ୍ ଲଗାଇଥିଲେ। ଫଳରେ ଟ୍ରେନ୍‌ଟି ଜୋର ଶବ୍ଦ କରି ଅଟକିଥିଲା। ଯାତ୍ରୀମାନେ ପରସ୍ପର ଧକ୍କା ହୋଇଥିଲେ। ହଠାତ୍ କଣ ହେଲା, କେହି କିଛି ବୁଝିପାରି ପାରି ନଥିଲେ। ଭୟରେ ସମସ୍ତ ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇପଡ଼ିଥିଲେ। ପ୍ରାୟ ଅଧଘଣ୍ଟା ମଧ୍ୟରେ ବାଲେଶ୍ୱରରୁ ୪ ଜଣିଆ ଟେକ୍‌ନିକାଲ୍ ଟିମ୍ ମଧ ପହଞ୍ଚିଥିଲା ଏବଂ ଘଟଣାର ତଦାରଖ କରିଥିଲା। ପରେ ପାଇଲଟ୍ ଟ୍ରେନ୍ ପଛକୁ ନେଇ ମେନ୍ ଲାଇନ୍‌କୁ ଆଣିଥିଲେ। ଟ୍ରେନ୍‌ଟି ଘଟଣାର ପ୍ରାୟ ୧ ଘଣ୍ଟା ୨୦ ମିନିଟ୍ ପରେ ବାଲେଶ୍ୱର ଯାତ୍ରା କରିଥିଲା। ଏହି ଘଟଣାକୁ ନେଇ ଏବେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

## ମୁକୁଳା ଡ୍ରେନ୍‌ରେ ପଡ଼ି ....

ଜାଇକା କର୍ତ୍ତୃପକ୍ଷଙ୍କ ଖାମ୍‌ଖିଆଲ୍ ନୀତି ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଟକରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ଦେବାକୁ ଦାବି କରିଛନ୍ତି। ଏଥିସହ ଜାଇକା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଖବର ପାଇ କମିଶନରେଟ୍ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଛି। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରୁଛନ୍ତି। ମାତ୍ର ଉତ୍ତ୍ୟକ୍ତ ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଗତ ରବିବାର ମୁକୁଳା ଡ୍ରେନରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। କଟକ ଝୋଲା ସାହି ଅଞ୍ଚଳରେ ଏହି ଅଘଟଣ ଘଟିଥିଲା। ମୃତ ଯୁବକ ରାଜସ୍ଥାନର ରାହୁଲ। ସେ ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିବା ପାଇଁ ଆସିଥିଲେ। ଏକ ଚା’ ଦୋକାନକୁ ଗଲା ବେଳେ ଗୋଡ଼ଖସି ଡ୍ରେନ୍ ଭିତରେ ପଡି ଯାଇଥିଲେ। ମୃତ ରାହୁଲଙ୍କ ବାପାଙ୍କ ପକ୍ଷରୁ ଏନେଇ ପୁରୀ ଘାଟ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ଗ୍ୟାଙ୍ଗଷ୍ଟର ଟିଟୋର ପୂର୍ବ ...

ତଥା ଜଗତସିଂହପୁର ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲି କହିଛନ୍ତି ଯେ ଜିଲ୍ଲା ସଭାପତି ମୁଁ ନାହିଁ । ମୁଁ ଜିଲ୍ଲା ସଭାପତି ଥିବା ସମୟରେ ଏହା ହୋଇନାହିଁ । କିଏ କଣ ହେବ ବା ପଦବୀ ପାଇବ ତାହା ଦଳୀୟ ନିଷ୍ପତ୍ତିରେ ହୁଏ । ଯିଏ ମୋ ନାଁ ନେଇଛି ତାଙ୍କୁ ପଚାର ସେ କାହିଁକି ମୋ ନାଁ ନେଉଛି । ସେ ହିଁ ତାହାର ସ୍ପଷ୍ଟୀକରଣ ଦେବ ବୋଲି ପ୍ରଶାନ୍ତ ମୁଦୁଲି କହିଛନ୍ତି ।

## ବିରୋଧୀ ମେଣ୍ଟର ‘ଇଣ୍ଡିଆ’ ....

ନେଇ ସହମତ ହୋଇପାରୁନାହାନ୍ତି ସେମାନେ ଦେଶ ଚଳାଇବାକୁ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ବିରୋଧୀ ଦଳଙ୍କ ମେଣ୍ଟ ନାମକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ ଏବଂ ଏ ବାବଦରେ ବିଜେପି ବିଭ୍ରାନ୍ତି ସୃଷ୍ଟି କରୁଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଆଜି ବେଙ୍ଗାଲୁରୁରେ ବିରୋଧୀ ବୈଠକ ଶେଷ ହେବାପରେ ବିରୋଧୀ ମେଣ୍ଟର ନାଁ ‘ଇଣ୍ଡିଆ’ ରଖାଯାଇଛି ବୋଲି ଘୋଷଣା କରିଥିଲେ। ତେବେ ଖଡ଼ଗେ ଏହି ସମୟରେ ‘ଇଣ୍ଡିଆ’କୁ ଭୁଲ୍‌ରେ ‘ଇଣ୍ଡିଲ୍’ କହିଦେଇଥିଲେ। ପରେ ସେ ନିଜକୁ ଠିକ୍ କରି ‘ଇଣ୍ଡିଆ’ କହିଥିଲେ। ବିଜେପି ଆଜି ଏହି ପ୍ରସଙ୍ଗରେ ଖଡ଼ଗେଙ୍କୁ କଟାକ୍ଷ କରିଛି। ବିଜେପି ଖଡ଼ଗେଙ୍କର ଏକ ଭିଡିଓ ଟ୍ୱିଟ୍ କରି କହିଛି, ‘କଂଗ୍ରେସ ସଭାପତି ‘ଇଣ୍ଡିଆ’ ଶବ୍ଦକୁ ବି ଠିକ୍‌ରେ କହି ପାରୁନାହାନ୍ତି। ଏଥିରୁ ସେମାନଙ୍କ ପ୍ରତିବଦ୍ଧତା ଆପଣ ଦେଖିପାରୁଥିବେ।

ଗୁରୁବାର, ଜୁଲାଇ ୨୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶାନ୍ତିକାନନରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଦିବଂଗତ ପ୍ରବୋଧ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର: ୧୯/୭: ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ତଥା ବିଶିଷ୍ଟ ସାରସ୍ୱତ ସାଧକ ପ୍ରବୋଧ କୁମାର ରାଉତଙ୍କ ଉଦ୍ଦେଶ୍ୟରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜଣେ ଦକ୍ଷ ପ୍ରଶାସକ, ସାରସ୍ୱତ ସାଧକ ଓ ସର୍ବୋପରି ଜଣେ ଅମାୟିକ ବ୍ୟକ୍ତିତ୍ୱଙ୍କୁ ହରାଇବା ଫଳରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଅପୂରଣୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ପରିଷଦର ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ଡ. ଶିରୀଶ ଚନ୍ଦ୍ର ଜେନା, ନିରଞ୍ଜନ ରାଉତ, ରାଜେଶ ଗିରି, ଜ୍ୟୋତ୍ସ୍ନା ରାୟ, ଅଶ୍ୱିନୀ ଶତପଥୀ, ଲକ୍ଷ୍ମୀକାନ୍ତ ବେହେରା, ରାମଚନ୍ଦ୍ର ରାଉତ, ମଧୁସୂଦନ ମାଝୀ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଯୋଗେଶ ପ୍ରଧାନ, ରମେଶ ଜେନା, ଶରତ କୁମାର ମହାପାତ୍ର, ବିଦ୍ୟାଧର ସାହୁ, ମନ୍ମଥ ସାହୁ, ସ୍ମୃତି ଦାସ, ମମତା ଦାସ, ଶାନ୍ତି ବିଶି, ଅବନ୍ତୀ ପ୍ରଧାନ, ସୁବ୍ରତା ମହାନ୍ତି ପ୍ରମୁଖ ସ୍ୱର୍ଗତ ରାଉତଙ୍କ ପ୍ରତି ନିଜର ଶ୍ରଦ୍ଧା ନିବେଦନ କରିଥିଲେ। ଯୁଗ୍ମସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



# ଧାମରା ବାସୁଦେବପୁର ଅଞ୍ଚଳରୁ ଦୂରହେଲା ଲୋଭୋଲ୍‌ଟେଜ୍ ସମସ୍ୟା

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଲିମୁଣ୍ଡା ଗ୍ରୀଡ୍ ସବ୍‌ଷ୍ଟେସନର ଲୋକାର୍ପଣ




ଭଦ୍ରକ, ୧୯/୦୭ (ନି.ପ୍ର): ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚରଣ ନିଗମ ଲିଃ ଦ୍ୱାରା ନିର୍ମିତ ୨୨୦/୧୩୨/୩୩ କେଭି ବାଲିମୁଣ୍ଡା ଗ୍ରୀଡ୍ ସବ୍‌ଷ୍ଟେସନର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍‌ସିଂ ଜରିଆରେ ଏହାକୁ ଲୋକାର୍ପଣ କରିଛନ୍ତି। ଏଥିପାଇଁ ବାଲିମୁଣ୍ଡା ଗ୍ରୀଡ୍ ନିକଟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଯୋଜନାବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଓ.ପି.ଟି.ସି.ଏଲ୍ ର ନିର୍ଦ୍ଦେଶକ ଜୟରାମ ସାହୁ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଗ୍ରୀଡ୍ ସ୍ଥାପନ ପାଇଁ ସ୍ୱର୍ଗତ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଅବଦାନକୁ ସ୍ମରଣ କରିବା ସହିତ ସ୍ଥାନୀୟ ଲୋକଙ୍କର ବହୁଦିନର ଦାବୀକୁ ମୁଖ୍ୟମନ୍ତ୍ରୀ ପୂରଣ କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ନିକଟରେ ଧାମରା ବନ୍ଦର, ନିର୍ମାଣ ହେବାକୁ ଯାଉଥିବା ଏୟାର ଷ୍ଟ୍ରିପ୍, ଜାତୀୟ ରାଜପଥ ସହିତ ଉତ୍ତମ ସଡ଼କ ପଥର ଯୋଗାଯୋଗ ଏବଂ ଆଜି ଲୋକାର୍ପଣ ହୋଇଥିବା ଏହି ଗ୍ରୀଡ୍ ଏ ଅଞ୍ଚଳର ବିକାଶ ପାଇଁ ପ୍ରମୁଖ ଭୂମିକା ନେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଓପିଟିସିଏଲ୍ ଜି.ଏମ୍ ସୁବ୍ରତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ସେ ଭଣ୍ଡାରିପୋଖରୀରେ ଏକ ନୂତନ ଗ୍ରୀଡ୍ ତିଆରି ହେବା ନେଇ ସୂଚନା ଦେଇଥିଲେ। ସୂଚନାଯୋଗ୍ୟକି ବାଲିମୁଣ୍ଡା, ଧାମରା ଠାରେ ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବଷ୍ଟେସନ ଓ ତତ୍ ସଂଲଗ୍ନ ଅତ୍ୟୁଚ୍ଚ ବିଦ୍ୟୁତ ସମ୍ପନ୍ନ ୩୫ କି.ମି. ୨୨୦ କେଭି ଲାଇନ୍ ନିର୍ମାଣ କାର୍ଯ୍ୟ ୩୦.୦୬.୨୦୧୮ ରୁ ଆରମ୍ଭ ହୋଇ ୧୩.୦୪.୨୦୨୩ ରେ ୨୨୦ କେ.ଭି. ଲାଇନ୍ ଚାର୍ଜ ହୋଇଥିଲା। ୨୪.୦୪.୨୦୨୩ ରେ ଗ୍ରାଡ୍ ସବ୍‌ଷ୍ଟେସନ ଚାର୍ଜ ହେଲା ଏବଂ ୧୬.୦୬.୨୦୨୩ ରେ ୨ ଗୋଟି ୩୩ କେ.ଭି. ଫିଡ଼ର ଚାର୍ଜ କରାଯାଇ ଟିପିଏନ୍‌ଓଡ଼ିଏ କୁ ୧୨ ମେଗାୱାଟ୍ ପାୱାର ଯୋଗାଇ ଦିଆଯାଇଅଛି। ବର୍ତ୍ତମାନ ବିଦେଇପୁର ଓ ଧାମରା ଅଞ୍ଚଳକୁ ଏହି ଗ୍ରିଡ଼୍‌ରୁ ଶକ୍ତି ଯୋଗାଇ ଦିଆଯାଉଅଛି। ଏହି ପ୍ରୋଜେକ୍ଟର ବ୍ୟୟ ଅଟକଳ ୮୯.୫୮ କୋଟି। ବାସୁଦେବପୁର, ଧାମରା ତଥା ଏହାର ଆଖ ପାଖ ଅଞ୍ଚଳରେ ଲୋ ଭୋଲଟେଜ୍ ଜନିତ ସମସ୍ୟାର ନିରାକରଣ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ସହିତ ୧୩୨/୩୩ କେ.ଭି. ଚାନ୍ଦବାଲି ଗ୍ରିଡ୍‌କୁ ଧାମରା ଗ୍ରୀଡ୍ ସହ ସଂଯୋଗୀକରଣ ଏବଂ ଧାମରା ଅଞ୍ଚଳରେ ଶିଳ୍ପାୟନ ତଥା ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକୁ ଶକ୍ତି ଯୋଗାଣ ଲକ୍ଷ୍ୟ ରିହଛି। ଏହି ଗ୍ରୀଡ଼୍‌ର କ୍ଷମତା ସମ୍ବନ୍ଧରେ ପ୍ରାପ୍ତ ସୂଚନା ଅନୁଯାୟୀ ଏଥିରେ ଅଟୋ ଟ୍ରାନ୍ସଫରମର ୩୨୦ ଏମ୍.ଭି.ଲ, ପାୱାର ଟ୍ରାନ୍ସଫରମର ୮୦ ଏମ୍.ଭି.ଏ ୨୨୦ କେ.ଭି. ଫିଡ଼ର ୫ଟି, ୧୩୨ କେ.ଭି. ଫିଡ଼ର ୭ଟି, ୩୩ କେ.ଭି. ଫିଡ଼ର ୮ଟି ଅଛି। ଟିପିଏମ୍‌ଓଡ଼ିଏଲ୍ ପକ୍ଷରୁ ୩୩ କେ.ଭି. ଲାଇନ୍‌ର ନିର୍ମାଣ କାର୍ଯ୍ୟ ସରିଲେ ବାକି ୩ଟି ଫିଡ଼ରରୁ ଦରକାର ଲୋଡ୍ ଯୋଗାଇ ଦିଆଯିବା ନେଇ ସୂଚନା ପ୍ରଦାନ କରାଯାଇଛି। ଅନ୍ୟତମ ଜି.ଏମ୍. ଶଶାଙ୍କକୁମାର ବେହେରା, ଡ଼ି.ଜି.ଏମ୍. ପ୍ରଶାନ୍ତ କୁମାର ସ୍ୱାଇଁ, ଏସ୍.ଡି.ଓ. ସୁବ୍ରତ କୁମାର ମହାନ୍ତି ଏବଂ ଟିପିଏନ୍‌ଓଡ଼ିଏଲ୍ ର ଏସ୍.ସି. ଶ୍ରୀକାନ୍ତ କୁମାର ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବଳଭଦ୍ରପୁର ଗ୍ରାମରେ ମୁନି ସମାଜର ବ୍ରହ୍ମଯଜ୍ଞ



ହାତିଗଡ, ୧୯/୦୭ (ନି.ପ୍ର): ବୁଧବାର ଦିବା ୧୧ ଘଟିକା ସମୟରେ, ହାତିଆଡିହା ଶିବମୁନି ଯୋଗାଶ୍ରମ ଆନୁକୂଲ୍ୟରେ, ବଳଭଦ୍ରପୁର ଗ୍ରାମରେ, ମୁନିମତୀ ମାତା ସିତା ହେମ୍ବ୍ରମ୍,ମୁନିମତୀ ଫୁଲ ହେମ୍ବ୍ରମ୍ ଙ୍କ ର ଘରବାଡ଼ିରେ ଏକ ନୂତନ ପକ୍କା ଗୃହର ନିର୍ମାଣ ନିମନ୍ତେ,ଶୁଭ ସଙ୍କଳ୍ପ, ପ୍ରାନ୍ତୀୟ ସହ ସମ୍ପାଦକ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନି ଜୀ ମହୋଦୟ, ହାତିଆଡିହା ଶିବମୁନି ଯୋଗାଶ୍ରମ ର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟଏବଂ ବାଖରାବାଜ ଶିବମୁନି ଯୋଗାଶ୍ରମ ର ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମୁନି ଜୀମହୋଦୟ ଙ୍କ ସହଯୋଗରେ, ସୁଖ ଶାନ୍ତି ଆନନ୍ଦର ବାତାବରଣ ମଧ୍ୟରେ ସମ୍ପନ୍ନ ହୋଇଯାଇଛି।ଏହା ସହିତ ମୁନି ଉଦୟ ହରି ଟୁଡୁ-ମୁନିମତୀ ବାସନ୍ତୀ ଟୁଡୁ ଏବଂ ମୁନି ସୁକୁଲ ଟୁଡୁ-ମୁନିମତୀ ରାଣୀ ଟୁଡୁଙ୍କ ଘର ବାଡ଼ିରେ ମଧ ଗୋଟିଏ ଗୋଟିଏ ନୂତନ ପକ୍କା ଗୃହର ଶୁଭ ସଙ୍କଳ୍ପ କରାଯାଇଛି। ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ ସହିତ,ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଛି। ଉପସ୍ଥିତ ଥିଲେ, ମୁନି ଉଦୟ ହରି ଟୁଡୁ, ମୁନି କେଦାର ହେମ୍ବ୍ରମ୍, ମୁନି ମଙ୍ଗଲ ଟୁଡୁ, ମୁନି ମୃତ୍ୟୁଞ୍ଜୟ ଟୁଡୁ, ମୁନି କାଳିଚରଣ ହାଁସଦା, ମୁନିମତୀ ସୀତା ହେମ୍ବ୍ରମ୍, ମୁନିମତୀ ଫୁଲ ହେମ୍ବ୍ରମ୍, ମୁନିମତୀ ଗୀତା ହେମ୍ବ୍ରମ୍, ମୁନିମତୀ ମିନତୀ ଟୁଡୁ, ମୁନିମତୀ ପୁଷ୍ପା ହାଁସଦା, ମୁନିମତୀ ରାଣୀ ଟୁଡୁ, ମୁନିକୁମାର ଧର୍ମା ଟୁଡୁ, ମୁନି କୁମାର ଦାଶରଥି ହାଁସଦା, ମୁନିକୁମାର ଗୌତମ ହେମ୍ବ୍ରମ୍, ମୁନିକୁମାରୀ ପୁଷ୍ପଲତା ହାଁସଦା, ମୁନିମତୀ ଅଞ୍ଜଳି ଟୁଡୁ, ମୁନିକୁମାର ଧର୍ମପଦ ଟୁଡୁ, ମୁନିକୁମାରୀ ଚାଡରାଟୁଡୁ, ମୁନି କୁମାରୀ ଦୁଲାରୀ ଟୁଡୁ ଏବଂ ମୁନିକୁମାରୀ ମାନିନୀ ଟୁଡୁ ଇତ୍ୟାଦି। ଶେଷରେ ମୁନି ଉଦୟ ହରି ଟୁଡୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ନେସ୍କୋ ପାୱାର ଏମ୍ପ୍ଲୋଏଜ୍‌ର କର୍ମୀ ସମ୍ମିଳନୀ

ଜଳେଶ୍ୱର, ୧୯/୦୭ (ନି.ପ୍ର): ଜଳେଶ୍ୱରସ୍ଥିତ ନେସ୍କୋ ପାୱାର ଏମ୍ପଲଇଜ୍‌ର ଏକ ଜରୁରୀ କର୍ମୀ ସମ୍ମିଳନୀ ଆଜି ଭଂଜଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରି ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥିଭାବେ ରବିନ୍ଦ୍ର ବେରା, ବୃନ୍ଦାବନ ମହାନ୍ତି, ଭରତ ସେଠୀ, ସତ୍ୟନାରାୟଣ ପ୍ରମୁଖ ନେସ୍କ ଶ୍ରମିକ ମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କର୍ମୀମାନେ ସଂଗଠିତ ହୋଇ ବିଭିନ୍ନ ସମସ୍ୟା ସଂପର୍କରେ କାର୍ଯ୍ୟକଲେ ସେମାନଙ୍କ ଜଟିଳ ସମସ୍ୟା ଦୂର ହୋଇ ପାରିବ ବୋଲି କହିଥିଲେ। ଶେଷରେ ସଂଗଠନ ନିମନ୍ତେ କମିଟି ଗଠନ ହୋଇଥିଲା। ବରିଷ୍ଠ ଶ୍ରମିକ ନେତା ହରିଶଂକର ଦାସ ଜଳେଶ୍ୱର ଡିଭିଜର ସଂପାଦକ, ସହସଂପାଦକଭାବେ ନିମାଇଁଇଚରଣ ପରିଡା, ଡିଭିଜନ ସଂଗଠକ ମନୋଜ ଦେ, ସହ ସଂଗଠକ ରାମହରୀ ପାଲଙ୍କୁ ମନୋନୟନ କରାଯାଇଛି। ଜଳେଶ୍ୱର ସବ୍‌ଡିଭିଜନ୍ ଲାଗି ବିଶ୍ୱଜିତ୍ ପରିଡା, ସୁଦିପ ରଣା, ଗଗନ ଘଡାଇ, ଜ୍ୟୋତିକୃଷ୍ଣ ଭୂୟାଁ, ଉପଦେଷ୍ଟା ପ୍ରଶାନ୍ତ ମହାନ୍ତି, ବିଷ୍ଣୁକାନ୍ତ ଦାସ, ରଘୁନାଥ ପାତ୍ର, ସୁଧିର ମହାନ୍ତି, କାମେଶ୍ୱର ପରିଡା, ସପନ ଜେନା,ଚିନ୍ମୟ ଜେନା, ଚନ୍ଦନ ଦତ୍ତ, ପ୍ରଶାନ୍ତ ସିଂ, ମୃତ୍ୟୁଞ୍ଜୟ ସାହୁ, ପ୍ରଦୀପ ଖଣ୍ଡା,ହୀରକ ଜେନା, ହରିଶ ଭୂୟାଁ କର୍ମକର୍ତ୍ତାଭାବେ ଘୋଷଣା କରାଯାଇଥିଲା। ପରେ ଜଳେଶ୍ୱର ଟିପିଏନ୍‌ଓଡିଏଲର କାର୍ଯ୍ୟନିର୍ବାହୀ ଇଞ୍ଜିନିୟରର ସୌମ୍ୟରଂଜନ ନାୟକଙ୍କ ସହ ଆଲୋଚନା କରିଥିଲେ।

# ବନାଞ୍ଚଳ ପ୍ରକଳ୍ପର ସମୀକ୍ଷା କଲେ ଆମ ଜଙ୍ଗଲ ଯୋଜନା ଉପଦେଷ୍ଟା



ନୀଳଗିରି, ୧୯/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବନବିଭାଗ ଅଧିନ ରେ ହେଉଥିବା ଆମ ଜଙ୍ଗଲ ଯୋଜନାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟଚାଲୁ ରହିଛି। ଆଜି ଏଭଳି କାର୍ଯ୍ୟର ସମୀକ୍ଷା କରିଛନ୍ତି ଆମ ଜଙ୍ଗଲ ଯୋଜନାର ଉପଦେଷ୍ଟା। ଭାଲୁକାଶୁଣି, ମାଟିଆସାହି, ଦୁଇବନ୍ଧୁ ଅଞ୍ଚଳରେ ଚାଲୁଥିବା ଏହି ଯୋଜନାରେ କାର୍ଯ୍ୟଗୁଡିକୁ ଆମ ଜଙ୍ଗଲ ଯୋଜନାର ରାଜ୍ୟ ଉପଦେଷ୍ଟା ନାରାୟଣ ପଟ୍ଟନାୟକ, ରାଜ୍ୟ ପ୍ରକଳ୍ପ ପରିଚାଳକ ବିଜୟରାମ ସେନାପତି ତଦାରଖ କରିଥିବା ବେଳେ ଡିଏଫଓ ଖୁସବନ୍ତ ସିଂହ, ନୀଳଗିରି ରେଞ୍ଜର ଆଇଶା ଏ ନିଶା, ଆମ ଜଙ୍ଗଲ ଯୋଜନା ବାଲେଶ୍ୱର ଉପଖଣ୍ଡ ସପ୍ତରଞ୍ଜନ ଦାସ, ଫରେଷ୍ଟର ସରୋଜ କୁମାର ପ୍ରଧାନ, ଆମ ଜଙ୍ଗଲ ଯୋଜନାର ଉନ୍ନୟନ ଅଧିକାରୀ ଜ୍ଞାନରଞ୍ଜନ ପାଣିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଜଙ୍ଗଲର ପୁନଃଉଧାର, ଜଙ୍ଗଲ ପରିଚାଳନା, ବୃକ୍ଷରୋପଣ, ମୃତ୍ତିକା ସଂରକ୍ଷଣ, ରୋଜଗାର ବୃଦ୍ଧି, ଦକ୍ଷତା ବିକାଶ ତାଲିମ ଶିବିର, ଜୀବନ ଜୀବିକା କାର୍ଯ୍ୟକ୍ରମ ନେଇ ଅଧିକାରୀ ମାନେ ଅଞ୍ଚଳବାସୀ, ବରିଷ୍ଠ ବ୍ୟକ୍ତିତ୍ୱ ମାନଙ୍କ ସହ ଆଲୋଚନା କରିବା ସହ ରହିଥିବା ବିଭିନ୍ନ ସମସ୍ୟା ନେଇ ରାଜ୍ୟସରକାରଙ୍କ ସହ ଆଲୋଚନା କରିଥିଲେ।

# ପ୍ରବୋଧ ରାଉତଙ୍କ ବିୟୋଗରେ ସଂସ୍କୃତି ବିଭାଗ ପକ୍ଷରୁ ଶୋକସଭା

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ପରିଚାଳିତ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ବିଭାଗୀୟ ଉପନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ବୁଧବାର ପୂର୍ବାହ୍ନରେ ବିଭାଗର ସମ୍ମିଳନୀ କକ୍ଷରେ ସ୍ୱର୍ଗତ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଏକ ଶୋକସଭା ଆୟୋଜିତ ହୋଇଥିଲା। ଏତଦ୍‌ବ୍ୟତୀତ ବିଭାଗ ଅଧିନସ୍ଥ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ, ରବିନ୍ଦ୍ର ମଣ୍ଡପ, ଉତ୍କଳ ସଂଗୀତ ମହାବିଦ୍ୟାଳୟ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସହିତ ବିଭାଗ ଅଧିନସ୍ଥ ସମସ୍ତ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ରାଉତଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ।

# ବିଧବାଙ୍କୁ ଆଡ଼ ଆଖି : ୧୦ ବର୍ଷ ବିତିଲା ମିଳିଲା ନାହିଁ ଭତ୍ତା



ଉଦଳା, ୧୯/୦୭ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ସୋନପୋଖରୀ ଗ୍ରାମର ଦୃଶ୍ୟ। ଉକ୍ତ ଗ୍ରାମର ବାସିନ୍ଦା ବିକ୍ରମ ଟୁଡୁଙ୍କର ଆଜକୁ ୧୦ ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଛି। ଫଳରେ ତାଙ୍କର ସହଧର୍ମିଣୀ ମାଇନ ଟୁଡୁ ବିଧବା ଜୀବନ ବିତାଇବା ସହିତ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି। ବିଧବା ଭତା ପାଇବା ପାଇଁ ସେ ଗ୍ରାମପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ଗଣମାଧମକୁ ଜଣାଇଛନ୍ତି। ସରକାରୀ ବାବୁ ମାନେ ଅପେକ୍ଷକର ଭତା ମିଳିବ ବୋଲି ଆଜକୁ ୧୦ ବର୍ଷ ଧରି ଆଶ୍ୱାସନାର ବାଣି ଶୁଣାଇ ଚାଲିଛନ୍ତି। ସେହିପରି ଆବାସ ଯୋଜନାରେ ତାଙ୍କୁ ଘର ମଧ ମିଳୁନଥିବାର କଥା ଜଣାଇଛନ୍ତି। ଏହି ଗ୍ରାମର ଶ୍ରୀଧର ଟୁଡୁଙ୍କର ସହଧର୍ମିଣୀ ସୁହାଗୀ ଟୁଡୁଙ୍କ କ୍ଷେତ୍ରରେ ମଧ ସମାନ କଥା ଦେଖିବାକୁ ମିଳିଛି। ସୁହାଗିଙ୍କର କହିବାନୁସାରେ ଗତ ୨୦୦୫ ମସିହାରେ ତାଙ୍କ ସ୍ୱାମୀ ଶ୍ରୀଧରଙ୍କର ଦେହାନ୍ତ ହୋଇ ଯାଇଛି। ଇତି ମଧ୍ୟରେ ଦିର୍ଘ ୧୮ ବର୍ଷ ସମୟ ବିତି ଗଲାଣି ଅଥଚ ସେ ଭତା ପାଇପାରି ନାହାଁନ୍ତି। ଭତା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା କହିଛନ୍ତି। ସରକାରୀ ବାବୁ ମାନେ ଆଶ୍ୱାସନା ବାଣି ଶୁଣାଇବା ନାମରେ ଆମକୁ ଥଟା ପରିହାସ କରୁଛନ୍ତି ତାହା ଆମେ ବେଶ ଭଲଭାବରେ ଅନୁଭବ କରି ପାରୁଛୁ ବୋଲି ଉଭୟ ମାଇନ ଓ ସୁହାଗି କହିଛନ୍ତି। ସବୁକିଛିକୁ ମୁଣ୍ଡପାତି ସହିନେବା ପାଇଁ ଦାରିଦ୍ର୍ୟତା ଆମକୁ ବାଧ କରୁଛି ବୋଲି ଜଣାଇଛନ୍ତି।

# ମାନବିକତା ଦେଖାଇଲେ ନୀଳଗିରି ଟ୍ରକ ମାଲିକ ସଂଘ



ନୀଳଗିରି, ୧୯/୦୭ (ନି.ପ୍ର): ଜଳେଶ୍ୱର ଅଞ୍ଚଳର ଏକ ନାବାଳକ ପିଲାକୁ ରକ୍ତହୀନତା ହୋଇଥିବାବେଳେ ନିଜ ରକ୍ତର ନମୁନା କୋଉଠି ନପାଇବାରୁ ଶେଷରେ ପିଲାଟି ନିଳଗିରି ମେଡ଼ିକାଲକୁ ବହୁ ଭରସା କରି ପହଞ୍ଚିଥିଲା। ପିଲାଟି ମେଡିକାଲ ପରିସରରେ ବୁଲୁଥିବା ସମୟରେ ନିଳଗିରି ଟ୍ରକ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହ ଦେଖା ହେଲା। ପିଲାଟି ତାର ରୋଗ ବିଷୟରେ କହିବାପରେ ଟ୍ରକ ମାଲିକ ସଂଘର ସଭାପତି ଶିଶିର କୁମାର ରାଉତ ସମ୍ପାଦକ ମାନସ କୁମାର ବାରିକ ପିଲାଟିକୁ ଏକ ହଜାର ଟଙ୍କା ପ୍ରଦାନ କରିଥିଲେ। ଏପରି କାର୍ଯ୍ୟକୁ ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି।

# ସାମ୍ବାଦିକଙ୍କ ବୀମାରାଶି ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଉତ୍କଳ ସାମ୍ବାଦିକ ସଂଘର କୃତଜ୍ଞତା

ଭୁବନେଶ୍ୱର, ୧୯/୦୭ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାର ବୀମାରାଶିକୁ ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଉତ୍କଳ ଦାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ କୁମାର ପଟ୍ଟନାୟକ, ହାରାଧନ ବାନାର୍ଜୀ, ରଶ୍ମୀରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ରାଜେନ୍ଦ୍ର ଚୌଧୁରୀ, ପ୍ରତାପ ପ୍ରଧାନ, ରବିନାରାୟଣ ଖିଲାରଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ସମୟରେ ବିଭାଗୀୟ ତଥା ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କୁ ସାକ୍ଷାତ କରି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ରାଶିକୁ ୨ ରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ଏଥିରେ ପିତାମାତାଙ୍କୁ ସାମିଲ୍, ଅନ୍ୟ ରାଜ୍ୟପରି ସାମ୍ବାଦିକମାନଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସାମ୍ବାଦିକ ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ବ୍ଲକ ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସାମ୍ବାଦିକ ମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ ଓ ରାଜ୍ୟରେ ପ୍ରେସ୍ ଏକାଡ଼େମୀ ଗଠନ କରାଯାଇ ସାମ୍ବାଦିକମାନଙ୍କୁ ବିଶ୍ୱସ୍ତରୀୟ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରିବାର ସୁଯୋଗ ପ୍ରଦାନ ପରି ଦାବି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

*OFFICE OF THE PRINCIPAL*

**LAXMIPRIYA MAHILA HIGHER SECONDARY SCHOOL**

At/Po./Via- Baliapal, Dist- Balasore, Odisha, Pin-756026

**ADVERTISEMENT**

Wanted Guest Faculty / Contractual Lecturer in English, Demonstrator in Home Science & Data Entry Operator for session 2023-24. Interested candidates with 55% Marks and above at PG Level for Lecturer, Hons. In Home Science at +3 Level for Demonstrator & Graduation and P.G.D.C.A for Data Entry Operator are to apply with photo copies in support of their qualifications along with complete Bio-Data within Seven days of advertisement. Salary is negotiable.

S/D

Principal I/C-Cum-Secretary

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo